


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-217 ◆BHUBANESWAR ◆SUNDAY ◆2 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୧୭ ◆ଭୁବନେଶ୍ୱର ◆ରବିବାର ◆୨ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୂରା ସହ)


**ନିର୍ମଳା ବଜେଟ**

# ଫୋକସ୍‌ରେ ବିହାର, ଦିଲ୍ଲୀ



## ୫୦ ଲକ୍ଷ ୬୫ ହଜାର କୋଟିର ବ୍ୟୟ ବରାଦ

■ **ନୂଆଦିଲ୍ଲୀ, ୧।୨ (ଏଜେନ୍ସି):** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଉପସ୍ଥାପିତ କରିଛନ୍ତି ତାଙ୍କର ଅଷ୍ଟମ ବଜେଟ। ଏହି ବଜେଟରେ କେବଳ ଆୟକରଦାତାଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ସାମାଜିକ କ୍ଷେତ୍ରକୁ ଉପେକ୍ଷା କରାଯାଇଛି। ବେରୋଜଗାରୀ ଦୂର ଓ ଦରଦାମ୍ ନିୟନ୍ତ୍ରଣ ପାଇଁ ବଜେଟରେ ନିର୍ଦ୍ଦିଷ୍ଟ ଭାବେ କୌଣସି ଘୋଷଣା କରାଯାଇନାହିଁ। ଅପରପକ୍ଷରେ ଆଗାମୀ ଦିଲ୍ଲୀ ଓ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଉଭୟ ରାଜ୍ୟ ଉପରେ ଫୋକସ୍ କରାଯାଇଛି।

ଶନିବାର ଅର୍ଥମନ୍ତ୍ରୀ ୫୦ ଲକ୍ଷ ୬୫ ହଜାର କୋଟି ଟଙ୍କାର ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ବଜେଟ ତୁଳନାରେ ଏହା ୭.୪ ପ୍ରତିଶତ ଅଧିକ। ଚଳିତବର୍ଷ ବଜେଟରେ ବ୍ୟୟ ବରାଦ ପରିମାଣ ୪୭ ଲକ୍ଷ ୧୬ ହଜାର କୋଟି ଟଙ୍କା ଥିବାବେଳେ ବିତ୍ତୀୟ ନିଅଣ୍ଟିଆ ହାର ୪.୮% ରହିଛି। ନୂତନ ବଜେଟରେ ଏହି ହାରକୁ ମୋଟ୍ ଘରୋଇ ଉତ୍ପାଦ (ଜିଡିପି)ର ୪.୪%ରେ ରଖିବାକୁ ଧାର୍ଯ୍ୟ କରାଯାଇଛି। ଏଥିସହିତ ରେଳ ପାଇଁ ବଜେଟରେ ୨.୫୫ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ତବେ ଦୀର୍ଘ ମିଆଦୀ ଅଭିବୃଦ୍ଧି ନିମନ୍ତେ ଟିକସ, ଶକ୍ତି, ନଗରାଞ୍ଚଳ ବିକାଶ, ଆର୍ଥିକ ସେବା ଭଳି ୬ଟି କ୍ଷେତ୍ରରେ ବ୍ୟାପକ ସଂସ୍କାର ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

ଏହି ବଜେଟକୁ ମଧ୍ୟବିତ୍ତଙ୍କ ବଜେଟ ଭାବେ ଅଭିହିତ କରାଯାଉଛି। କେନ୍ଦ୍ର ସରକାର ମଧ୍ୟବିତ୍ତଙ୍କୁ ଆୟକରରେ ଆଶ୍ୱସ୍ତି ଦେବା ସହ ଏଥିସହ ସଂଶ୍ଳିଷ୍ଟ କେତେକ ଟିକସ ଉପରେ ମଧ୍ୟ ରିଆତି ଦେଇଛନ୍ତି। ସରକାର ଏହାକୁ ଐତିହାସିକ ବଜେଟ୍ କହୁଥିବା ବେଳେ ଏଥିରେ ବିହାରକୁ ଫୋକସ୍‌ରେ ରଖାଯାଇଛି। ମନ୍ତ୍ରୀଙ୍କ ବଜେଟ୍ ଭାଷଣ କାନକୁ ଶୁଣିବା ଲାଗି ଭଲ ଲାଗୁଥିଲେ

- ୧୫.୬୮ ଲକ୍ଷ କୋଟିର ବିତ୍ତୀୟ ନିଅଣ୍ଟ
- ଶସ୍ତା ହେବ ଜୀବନ ରକ୍ଷାକାରୀ ଔଷଧ
- ବୀମା କ୍ଷେତ୍ରରେ ଶତ ପ୍ରତିଶତ ଏଫ୍‌ଡିଆଇ
- ରେଳବାଇ ପାଇଁ ୨.୫୫ ଲକ୍ଷ କୋଟି

ମଧ୍ୟ ବାସ୍ତବ କ୍ଷେତ୍ରରେ ଏହା ସାଧାରଣ ଜନତା ଏବଂ ଯୁବ ବର୍ଗଙ୍କୁ ନିରାଶ କରିଛି। ଦରଦାମ ବୃଦ୍ଧି ଯୋଗୁଁ ବର୍ଷସାରା କଲବଲ ହେଉଥିବା ସାଧାରଣ ଲୋକଙ୍କୁ ଆଶ୍ୱସ୍ତ କରିବା ଲାଗି ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ବେକାରୀ ସମସ୍ୟା ଦୂର କରିବା ଲାଗି ବଜେଟରେ ପଦକ୍ଷେପ ନିଆଯାଇ ନ ଥିବାରୁ ଯୁବବର୍ଗ ନିରାଶ ହୋଇଛନ୍ତି।

ଅର୍ଥମନ୍ତ୍ରୀ ସୀତାରମଣ ମଧ୍ୟବିତ୍ତ ପରିବାରକୁ ଆଶ୍ୱସ୍ତ କରିବାକୁ ଯାଇ ଆୟକର ରିଆତି ଘୋଷଣା କରିଛନ୍ତି। ବର୍ଷକୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିଙ୍କୁ ଆୟକର ଦେବାକୁ ପଡ଼ିବ ନାହିଁ ବୋଲି ସୀତାରମଣ ଘୋଷଣା କରିଛନ୍ତି। ଅର୍ଥମନ୍ତ୍ରୀ କହିଥିଲେ, 'ମୋତେ ଘୋଷଣା କରିବାକୁ ଖୁସି ଲାଗୁଛି ଯେ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଲୋକଙ୍କୁ ଆଉ ଆୟକର ଦେବାକୁ ପଡ଼ିବ ନାହିଁ। ଏହାଦ୍ୱାରା ମଧ୍ୟବିତ୍ତ ପରିବାର ଉପରୁ ଟିକସ ବୋଝ କମିଯିବ। ସେମାନଙ୍କ ହାତରେ ଅଧିକ ପଇସା ରହିବ। ଏହାକୁ ସେମାନେ ସଂଚୟ କରିପାରିବେ ଏବଂ ପୁଞ୍ଜି ମଧ୍ୟ ▶ପୃଷ୍ଠା-୭




# ୧୨ ଲକ୍ଷ ପର୍ଯ୍ୟନ୍ତ ଲାଗୁ ହେବନାହିଁ ଆୟକର

### ବେତନଭୋଗୀଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକ୍ସନ ୭୫୦୦୦ ଟଙ୍କା

■ **ନୂଆଦିଲ୍ଲୀ, ୧।୨ (ଏଜେନ୍ସି):** ୨୦୨୫-୨୬ ବଜେଟରେ କେନ୍ଦ୍ର ସରକାର କେତେକ ଟିକସ ରିଆତି ଦେଇଛନ୍ତି। ଆୟକରଦାତାଙ୍କୁ ମଧ୍ୟ ବଜେଟରେ ଆଶ୍ୱସ୍ତି ମିଳିଛି। ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ (ଅର୍ଥାତ୍ ପୁଞ୍ଜି ଭଳି ସ୍ୱତନ୍ତ୍ର ହାର ଆୟକୁ ବାଦ୍ ଦେଇ ହାରାହାରି ଏକ ଲକ୍ଷ ଟଙ୍କା ମାସିକ ଆୟ ଉପରେ) ଉପରେ କୌଣସି କର ଦେବାକୁ ପଡ଼ିବ ନାହିଁ। ଅନ୍ୟପକ୍ଷରେ ଖାସ୍ କରି ମଧ୍ୟବିତ୍ତ ବର୍ଗରେ ଆସୁଥିବା ବେତନଭୋଗୀଙ୍କ ପାଇଁ 'ଷ୍ଟାଣ୍ଡାର୍ଡ ଡିଡକ୍ସନ୍' ଭାବେ ୭୫ ହଜାର ଅଧିକ ରିଆତି ମିଳିବ। ଅର୍ଥାତ୍ ବେତନଭୋଗୀଙ୍କୁ ୧୨,୭୫,୦୦୦ ଆୟ ଉପରେ କୌଣସି ଟିକସ ଦେବାକୁ ପଡ଼ିବନାହିଁ। ସେହିପରି ଉତ୍ସରୁ ଟିକସ ସଂଗ୍ରହ (ଟିସିଏସ୍) ୭ ଲକ୍ଷରୁ ବଢାଯାଇ ୧୦ ଲକ୍ଷ ଟଙ୍କା କରାଯାଇଛି। ସ୍ଲାବ୍ ହାର ହ୍ରାସର ଲାଭ ବ୍ୟତୀତ ଟିକସ ରିଆତି ଏପରି ଭାବେ ଯୋଗାଇ ଦିଆଯାଉଛି ଯେ ସେମାନଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ। ଅପରପକ୍ଷେ ଚଳିତଥର ପୁରୁଣା ଟିକସ ସ୍ଲାବ୍‌କୁ ଅପରିବର୍ତ୍ତିତ ରଖାଯାଇଛି।

**ଆସିବ ନୂଆ ଆୟକର ଆଇନ**

ଗତବର୍ଷର ବଜେଟରେ ସରକାର ମଧ୍ୟ ନୂତନ ଟିକସ ବ୍ୟବସ୍ଥାରେ କରଦାତାଙ୍କୁ ଆଶ୍ୱସ୍ତି ଦେଇଥିଲେ। ସେଥିରେ ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ସୀମାରେ ବୃଦ୍ଧି କରାଯାଇଥିଲା। ସେହି ଅନୁଯାୟୀ ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ସୀମା ୫୦,୦୦୦ରୁ ୭୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଚଳିତଥର ପୁରୁଣା ଟିକସ ସ୍ଲାବ୍‌ରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପୁରୁଣା ସ୍ଲାବ୍ ଅନୁଯାୟୀ ପୂର୍ବ ପ୍ରଚଳିତ ନିୟମାନୁସାରେ ୫ ଲକ୍ଷ ଟଙ୍କା ଯାଏ ଆୟ ଉପରେ କରଦାତାଙ୍କୁ କୌଣସି ଟିକସ ଦେବାକୁ ପଡିବନାହିଁ।

# ୭୭ ମିନିଟରେ ୯ ଥର 'ବିହାର'

■ **ଭୁବନେଶ୍ୱର, ୧।୨ (ସମିସ):** ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଉପସ୍ଥାପନ କରିଛନ୍ତି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍। ଆୟକରଦାତାଙ୍କ ପାଇଁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼ ଘୋଷଣା କରିଛନ୍ତି। ସେହିପରି ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କଥା ଅଭିଭାଷଣରେ ଉଲ୍ଲେଖ କରିଛନ୍ତି। ମାତ୍ର କୌତୂହଳର କଥା ହେଉଛି ନିର୍ମଳାଙ୍କ ବଜେଟ୍ ଓ ଅଭିଭାଷଣ ନିର୍ବାଚନୀ ସୁଗନ୍ଧରେ ସୁଗନ୍ଧିତ ହୋଇଛି। ସମ୍ପ୍ରତି ଦିଲ୍ଲୀରେ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଜାରି

**ନିର୍ବାଚନୀ ବର୍ଷରେ ବିହାର ପାଇଁ ୫ଟି ବଡ଼ ଘୋଷଣା**

**ଦିଲ୍ଲୀର ଭୋଟରଙ୍କ ମଧ୍ୟରୁ ୪୦% ଆୟକରଦାତା**

ରହିଛି ଓ ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ବଜେଟ୍‌ରେ ଏହି ଦୁଇ ରାଜ୍ୟ ଉପରେ ଅତ୍ୟଧିକ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳିଛି ।

ସୁନେଲି ଜରି ବର୍ଡର ଥିବା ବିହାର ମଧୁବନୀ ଶାଢ଼ୀ ପିନ୍ଧି ନିର୍ମଳା ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ଶାଢ଼ୀ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ବିହାରର ଦୁଲାରୀ ଦେବୀ ଉପହାର ଦେଇଥିଲେ। ଆଉ ୯ ମାସ ପରେ ବିହାରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ବିହାରରେ ପ୍ରସ୍ତୁତ ମଧୁବନୀ ଶାଢ଼ୀ ପିନ୍ଧି ଅର୍ଥମନ୍ତ୍ରୀ ନିଜର ବିହାର ପ୍ରୀତି ପ୍ରଦର୍ଶନ କରିଥିବା କୁହାଯାଉଛି। ମୋଟ ୭୭ ମିନିଟ୍‌ର ଅଭିଭାଷଣରେ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ୯ ଥର ବିହାର ଶବ୍ଦ ଉଚ୍ଚାରଣ କରିଛନ୍ତି । ଭାଷଣ ଆରମ୍ଭର ୯ ମିନିଟ୍‌ରେ ବିହାର ପାଇଁ ମାଖନା ବୋଡର୍ ▶ପୃଷ୍ଠା-୭

## 'ନାଗରିକଙ୍କ ବଜେଟ'



ବଜେଟରେ ସଞ୍ଚୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହା ସାଧାରଣ ନାଗରିକଙ୍କ ବଜେଟ। ଆଜି ଦେଶ ବିକାଶ ସହିତ ସଂସ୍କୃତିର ମନ୍ତ୍ରକୁ ନେଇ ଆଗକୁ ବଢୁଛି। ସରକାର ଅନେକ କ୍ଷେତ୍ରକୁ ଯୁବ ବର୍ଗଙ୍କ ପାଇଁ ଖୋଲି ଦେଇଛନ୍ତି। ଉତ୍ପାଦନ କ୍ଷେତ୍ରକୁ ୩୬୦ ଡିଗ୍ରୀ ଫୋକସ୍‌ରେ ରଖାଯାଇଛି। ଏମ୍ଏସ୍ଏମ୍ଇ କ୍ଷେତ୍ର ଏବଂ କ୍ଷୁଦ୍ର ବ୍ୟବସାୟୀ ମଜବୁତ ହେବେ। କୃଷି ପାଇଁ ମଧ୍ୟ ବଡ଼ ଘୋଷଣା କରାଯାଇଛି। ବଜେଟରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସ ମୁକ୍ତ କରାଯାଇଛି। ମଧ୍ୟବିତ୍ତ ଏବଂ ବୃତ୍ତିଗତଙ୍କୁ ଏହାର ସର୍ବାଧିକ ଲାଭ ମିଳିବ ବୋଲି ମୋଦୀ କହିଛନ୍ତି।

## 'ଲୋକାଭିମୁଖୀ'



ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଆଜି ଲୋକାଭିମୁଖୀ ବଜେଟ ଉପସ୍ଥାପନ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଏମ୍ଏସ୍ଏମ୍ଇ, ପୁଞ୍ଜି ନିବେଶ, ଅନୁସନ୍ଧାନ, ନିଯୁକ୍ତି ଭଳି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଦେଶର ମଧ୍ୟବିତ୍ତ ଏବଂ ନିମ୍ନ ଆୟ ବର୍ଗଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ କରିବା ନିମନ୍ତେ ବଜେଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହା ଭାରତର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ସହ 'ବିକଶିତ ଭାରତ' ନିର୍ମାଣରେ ନିଶ୍ଚୟ ସହାୟକ ହେବ।

## 'ଯୁବବର୍ଗ ନିରାଶ'



ଦେଶର ଯୁବପିଢ଼ିଙ୍କ ନିଯୁକ୍ତି, ଦରଦାମ୍ ବୃଦ୍ଧି ନିୟନ୍ତ୍ରଣକୁ ନେଇ ବଜେଟ୍ କୌଣସି ବ୍ୟବସ୍ଥା ନାହିଁ। ଦେଶ ସମ୍ମୁଖୀନ ହେଉଥିବା ଏହି ଦୁଇଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ଏହା ବ୍ୟତୀତ ଓଡ଼ିଶା ପାଇଁ ବଜେଟରେ କୌଣସି ବ୍ୟବସ୍ଥା କରାଯାଇନାହିଁ। ପ୍ରତିବର୍ଷ ଓଡ଼ିଶା ଅନେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏଥିପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ପ୍ରଦାନ କରିବାକୁ ରାଜ୍ୟ ଯଥାର୍ଥ ଦାବି କରିଆସୁଛି। ଅନ୍ୟ ରାଜ୍ୟଗୁଡ଼ିକୁ ବଜେଟରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିବା ବେଳେ, ପୁଣିଥରେ କେନ୍ଦ୍ର ସରକାର ଓଡ଼ିଶାକୁ ସମ୍ପୂର୍ଣ୍ଣ ଉପେକ୍ଷା କରିଛନ୍ତି।

**କଥାରେ ଆଦର, କାମରେ ନାହିଁ**

# ଓଡ଼ିଶାକୁ 'ସ୍ୱତନ୍ତ୍ର' ଉପେକ୍ଷା

■ **ଭୁବନେଶ୍ୱର, ୧।୨ (ସମିସ):** ଗତ ୨୦୨୪-୨୫ ବଜେଟରେ ଓଡ଼ିଶାକୁ ଡ଼ବଲ ଇଞ୍ଜିନ ସରକାର ସ୍ୱତନ୍ତ୍ର ଉପହାର ଦେବେ ବୋଲି ଆଶା କରାଯାଉଥିଲା । ମାତ୍ର ସେପରି କିଛି ହେଲଣ ନାହିଁ। କେନ୍ଦ୍ର ସରକାର ଆନ୍ଧ୍ର ଓ ବିହାର ପାଇଁ କୋଷାଗାର ଖୋଲି ଦେଇଥିଲେ ହେଁ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିଥିଲା। ଏବେ ୨୦୨୫-୨୬ ବଜେଟ୍‌ରେ ମଧ୍ୟ ଚିରାଚରିତ ଢଙ୍ଗରେ ଓଡ଼ିଶା ନିରାଶ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଉପସ୍ଥାପନ କରିଥିବା ବେଳେ ବିହାର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ ହେଁ ଆସାମ, ଗୁଜରାଟ ଓ ବିଜେପି ଶାସିତ ଉତ୍ତର ପୂର୍ବାଞ୍ଚଳର ରାଜ୍ୟଗୁଡ଼ିକ ପାଇଁ କିଛି ନା କିଛି ଆର୍ଥିକ ବ୍ୟବସ୍ଥା କରିଛନ୍ତି। ମାତ୍ର ପୂର୍ବ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶା ପୁଣିଥରେ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଛି। କେନ୍ଦ୍ର ସରକାର ଓ ଦେଶର ଶୀର୍ଷ ବିଜେପି ନେତାମାନଙ୍କ ହୃଦୟରେ ଓଡ଼ିଶା ଥିବା କଥା ରାଜ୍ୟ ବିଜେପି ନେତାମାନେ କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କଠାରୁ କେନ୍ଦ୍ରମନ୍ତ୍ରୀମାନେ ଓଡ଼ିଶା ପୂର୍ବୋଦୟ ବିକାଶର ଇଞ୍ଜିନ ହେବ ବୋଲି କହୁଛନ୍ତି। ମାତ୍ର ବିଜେପିର ଶୀର୍ଷ ନେତା, କେନ୍ଦ୍ର ସରକାରଙ୍କ ଏହି ଭଲପାଇବା କାର୍ଯ୍ୟରେ କାହିଁକି ପ୍ରତିଫଳିତ ହେଉନାହିଁ ତାହା ସାରା ଓଡ଼ିଶାବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ନିକଟରେ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ବିକଶିତ ଭାରତ ଗଠନରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କଥା କୁହାଗଲା। ପୂର୍ବୋଦୟ ବିକାଶରେ ଓଡ଼ିଶା ପ୍ରମୁଖ ଇଞ୍ଜିନ ହେବ ବୋଲି ବଡ଼ବଡ଼ ନେତାମାନେ କହିଲେ। ଏହାକୁ ନେଇ ଉତ୍ସାହିତ ଓଡ଼ିଶାବାସୀଙ୍କ ମନରେ ନିରାଶାର ଭଟ୍ଟା ଆଣିଛି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସଦ୍ୟତମ ବଜେଟ୍। କେନ୍ଦ୍ର ସରକାର ଲଗାତାର ଭାବେ ବିହାରକୁ ସ୍ୱତନ୍ତ୍ର ସହାୟତା, ଯୋଜନା ଏବଂ ପ୍ରକଳ୍ପ ଅଜାଡି ଦେଇଥିବା ବେଳେ ଓଡ଼ିଶାକୁ ଆଡ଼ ଆଖିରେ ନ ଚାହିଁବା ରାଜ୍ୟବାସୀଙ୍କ ପାଇଁ କଷ୍ଟପ୍ରଦ ହୋଇଛି। ଓଡ଼ିଶା ଲଗାତାର ଭାବେ ପ୍ରତିବର୍ଷ ବାତ୍ୟା, ବନ୍ୟା, ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ପୁଲିସ୍ ପଞ୍ଝାରେ 'ଗ୍ୟାଙ୍ଗ୍ ଅଫ୍ ଝାଡ଼ଖଣ୍ଡୀ'

### ମଦ ଭାଟିରୁ ଲୁଟିଥିବା ସାଢ଼େ ୩ କୋଟି ଜବତ

■ **ଭୁବନେଶ୍ୱର/ଧର୍ମଗଡ, ୧।୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅଞ୍ଚଳରେ ଥିବା ଏକ ଦେଶୀ ମଦ ଭାଟିରୁ ବଡ଼ଧରଣର ଡକାୟତି ମାମଲାର ପର୍ଦ୍ଦାଫାସ କରିଛି ଓଡ଼ିଶା ପୁଲିସ। ଏହି ମାମଲାରେ ସମ୍ପୃକ୍ତି ଥିବା ଗ୍ୟାଙ୍ଗ୍ ଅଫ୍ ଝାଡ଼ଖଣ୍ଡର ୮ ପେସାଦାର ଅପରାଧୀଙ୍କୁ ଗିରଫ କରିଛି ଧର୍ମଗଡ଼ ଥାନା ପୁଲିସ। ସେମାନେ ହେଲେ, ଝାଡ଼ଖଣ୍ଡ ରାଞ୍ଚିର ତାହିର ଅନସାରୀ, ଜସିମ ଖାନ୍, ବାସୁଦେବ ଗୋପେ, ସମିମ୍ ଅନ୍‌ସାରୀ, ପିଣ୍ଟୁ ଓରଫ ଆଲିମ୍, ଅନୁଜ କୁମାର, ସିରାଜ ଆନସାରୀ ଓ କାମେଶ୍ୱର ଯାଦବ। ସେମାନଙ୍କଠାରୁ ନଗଦ ୩ କୋଟି ୫୧ଲକ୍ଷ ଟଙ୍କା, ବନ୍ଧୁକ, ଗୁଳି, ଅପରାଧରେ ବ୍ୟବହୃତ ଗାଡ଼ି ଓ ମାରଣାସ୍ତ୍ର ଜବତ କରାଯାଇଛି। ଅନୁରୂପ ଭାବେ ଏହି ମାମଲାରେ ହୁସେନ ଖାନ୍‌ଙ୍କ ସମେତ ଏକାଧିକ ଅପରାଧୀ ଫେରାର୍ ରହିଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ ଡକାୟତି ପଛରେ ଅନେକ ରହସ୍ୟ ଥିବାରୁ ପୁଲିସ ମାପିଚୁପି ମନ୍ତବ୍ୟ ରଖିଛି। ପୁଲିସ କହିବା ଅନୁଯାୟୀ, ଗତ ୩୦ ତାରିଖ ବିଳମ୍ବିତ ରାତିରେ ଧର୍ମଗଡ଼ ଥାନା ଅଧୀନ ଭିମଖୋଜପଡ଼ାରେ ଥିବା ଏକ ଦେଶୀ ମଦ ଭାଟି ଭିତରକୁ ଡକାୟତମାନେ ଧସେଇ ▶ପୃଷ୍ଠା-୭



**ପୁଲିସକୁ ଲିଫ୍ଟ ମାଗି ଫସିଲେ; ଜଙ୍ଗଲରେ ଲୁଚାଇଥିଲେ ଟଙ୍କା**

# କରଦାତାଙ୍କୁ ଖୁସି କରିବାକୁ ଉଦ୍ୟମ

## ଭିନ୍ନ ସୂତ୍ରରୁ ଭରଣା ହେବ ୧ ଲକ୍ଷ କୋଟି କ୍ଷତି ରାଶି

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ବଜେଟରେ ଅର୍ଥମନ୍ତ୍ରୀଙ୍କ ଘୋଷଣା ଅନୁସାରେ ଏଣିକି ୧୨ ଲକ୍ଷ ଟଙ୍କା ଯାଏ ଆୟ ଉପରେ କରଦାତାଙ୍କୁ କୌଣସି ଟିକସ ଦେବାକୁ ପଡ଼ିବନାହିଁ। ନୂଆ ଆୟକର ବ୍ୟବସ୍ଥା ଅନୁଯାୟୀ ବଜେଟରେ ନୂଆ ଟିକସ ସ୍ଲାବ୍ ଯୋଡାଯାଇଛି। ନୂଆ ଟିକସ ସ୍ଲାବ୍ ଆର୍ଥିକ ବର୍ଷ ୨୦୨୫-୨୬ (ଆସେସମେଣ୍ଟ ବର୍ଷ୨୦୨୬-୨୭) ପାଇଁ କାର୍ଯ୍ୟକାରୀ ହେବ। ଏହି ଅନୁଯାୟୀ, ନୂଆ ଟିକସ ବ୍ୟବସ୍ଥାରେ ୪ ଲକ୍ଷ ଟଙ୍କା ଆୟ ଯାଏ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ୨.୫୦ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କା ଯାଏ ଆୟ ଉପରେ ୫ ପ୍ରତିଶତ ଟିକସ ଦେବାକୁ ପଡୁଥିଲା, ଯାହା ଏବେ ବଦଳି ୪ ଲକ୍ଷ ଟଙ୍କାରୁ ୮ ଲକ୍ଷ ଟଙ୍କା ହୋଇଛି। ଏହି ଆୟକର ରିଆତି ଏବଂ ନୂଆ ଟିକସ ସ୍ଲାବ୍ ଯୋଗୁ ସରକାରଙ୍କୁ ପ୍ରତ୍ୟକ୍ଷ ଟିକସ ଆକାରରେ ୧ ଲକ୍ଷ କୋଟି ଏବଂ ପରୋକ୍ଷ ଟିକସରେ ୨୬୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ।

ନୂଆ ଟିକସ ବ୍ୟବସ୍ଥାରେ ଯଦି ଆପଣଙ୍କର ଆୟକର ୧୨ ଲକ୍ଷ ଟଙ୍କା ରହିଥାଏ, ତେବେ ଆପଣଙ୍କୁ ପ୍ରଥମେ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶୂନ୍ୟ (ଜିରୋ) ଟିକସ ଦେବାକୁ ପଡିବ। ଏହାପରେ ପରବର୍ତ୍ତୀ ୪ ଲକ୍ଷ ଟଙ୍କାରୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କ୍ଷେତ୍ରରେ ୫ ପ୍ରତିଶତ ଅର୍ଥାତ୍ ୨୦,୦୦୦ ଟଙ୍କା ଆୟକର ଦେବାକୁ ହେବ। ଏହାବାଦ୍ ୮ଲକ୍ଷରୁ ୧୨ ଲକ୍ଷ ଟଙ୍କା ଯାଏ ଆୟ ଉପରେ କରଦାତାଙ୍କୁ ୧୦ ପ୍ରତିଶତ ହାରରେ ୪୦,୦୦୦ ଟଙ୍କା ଟିକସ ଦେବାକୁ ପଡୁଛି। ଏଠାରେ ଆପଣଙ୍କୁ ମୋଟ ୧୨ ଲକ୍ଷ ଟଙ୍କାର ଆୟ ଉପରେ ୬୦,୦୦୦ ଟଙ୍କା ଟିକସ ଦେବାକୁ ପଡିବ। ଏହିପରି ଭାବେ ସରକାର ବିଭିନ୍ନ ବର୍ଗର କରଦାତାଙ୍କୁ ଟିକସ ରିଆତି ଦେଉଛନ୍ତି। ଅପରପକ୍ଷେ ବେତନଭୋଗୀଙ୍କୁ ଷ୍ଟାଣ୍ଡାର୍ଡ ଡିଡକ୍ସନରେ କର ରିଆତି ବାବଦ ୭୫,୦୦୦ ଟଙ୍କା ଉପଲବ୍ଧ ହେଉଛି। ଏହାକୁ ହିସାବକୁ ନେଲେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଜଣେ କରଦାତାଙ୍କୁ କୌଣସି ଟିକସ ଦେବାକୁ ପଡିବନାହିଁ।










## ବଜେଟ ମୁଖ୍ୟାଂଶ

- ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼
- ବରିଷ୍ଠ ନାଗରିକଙ୍କୁ ସୁଧ ଉପରେ ଟିକସ ରିଆତି ସୀମା ଏକ ଲକ୍ଷ ଟଙ୍କାକୁ ବୃଦ୍ଧି
- ଟିଡିଏସ୍‌ର ବାର୍ଷିକ ସୀମା ୨.୪୫ ଲକ୍ଷରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି
- ଆସିବ ନୂଆ ଆୟକର ବିଲ୍
- ବିତ୍ତୀୟ ନିଅଣ୍ଟକୁ ୪.୪%ରେ ସୀମିତ ରଖିବାକୁ ଲକ୍ଷ୍ୟ
- ୧୦ ହଜାର ନୂଆ ମେଡିକାଲ ସିଟ୍
- ୫ ବର୍ଷରେ ବଢ଼ିବ ୭୫ ହଜାର ସିଟ୍
- ୩୬ ଜୀବନ ରକ୍ଷାକାରୀ ଔଷଧରୁ ସୀମା ଶୁଳ୍କ ହଟିଲା
- ସବୁ ଜିଲ୍ଲା ହସ୍ପିଟାଲରେ ଖୋଲିବ ଡେ' କେୟାର କ୍ୟାନ୍‌ସର ସେଣ୍ଟର
- ବୀମା କ୍ଷେତ୍ରରେ ଶତ ପ୍ରତିଶତ ଏଫ୍‌ଡିଆଇ
- ୨୩ ଆଇଆଇଟିର ସିଟ୍ ୬୫୦୦ ବଢ଼ିବ
- ଖୋଲିବ ୮ଟି ଦକ୍ଷତା କେନ୍ଦ୍ର
- ବିହାରରେ ମାଖନା ବୋର୍ଡ ପ୍ରତିଷ୍ଠା
- 'ଉଡ଼ାଣ'ରେ ସାମିଲ ହେବ ୧୨୦ ସହର
- କିଷାନ କ୍ରେଡିଟ କାର୍ଡ ଋଣ ସୀମା ୫ ଲକ୍ଷକୁ ବୃଦ୍ଧି
- ଆରମ୍ଭ ହେବ ପିଏମ୍ ଧନଧାନ୍ୟ କୃଷି ଯୋଜନା
- ଏମ୍‌ଏସ୍‌ଏମ୍‌ଇଙ୍କ ଋଣ ଗ୍ୟାରେଣ୍ଟି ୫ କୋଟିରୁ ୧୦ କୋଟିକୁ ବଢ଼ିବ
- ଏସ୍‌ସି-ଏସ୍‌ଟି ବର୍ଗର ଏମ୍‌ଏସ୍‌ଏମ୍‌ଇ ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ଋଣ ଯୋଜନା
- ପ୍ରଥମ ଥର ମହିଳା ଉଦ୍ୟୋଗୀଙ୍କ ପାଇଁ ୨ କୋଟିର ଟର୍ମ ଲୋନ୍
- ରାଜ୍ୟରେ ଖଣି ସୂଚକାଙ୍କ ପ୍ରତିଷ୍ଠା ହେବ

## ଆସନ୍ତା ସପ୍ତାହରେ ଆସିବ ନୂଆ ଆୟକର ଆଇନ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଚଳିତଥର ବଜେଟରେ କେନ୍ଦ୍ର ସରକାର ଆୟକର କ୍ଷେତ୍ରରେ ବଡ଼ ଘୋଷଣା କରିଛନ୍ତି। ଏହି ଅନୁଯାୟୀ, ଆସନ୍ତା ସପ୍ତାହରେ ଆସିବ ନୂଆ ଆୟକର ଆଇନ। ଏହି ନୂଆ ଆୟକର ଆଇନରେ ନିୟମ ସରଳ ଭାଷାରେ ଲେଖାଯିବା ସହିତ ସାଧାରଣ ଲୋକଙ୍କ ପାଇଁ ଏହା ଯେଭଳି ବୋଧଗମ୍ୟ ହେବ ସେ ନେଇ ବ୍ୟବସ୍ଥା କରାଯିବ। ଏହାସହ ଅନାବଶ୍ୟକ ଏବଂ ଅପ୍ରଚଳିତ ନିୟମକୁ ହଟାଯିବ। ଆୟକର କ୍ଷେତ୍ରରେ ଟିକସ ବିବାଦକୁ ମଧ୍ୟ କମ୍ କରାଯିବ। ଏଥିପାଇଁ ପାଖାପାଖି ୬୫୦୦ ମତାମତ ଗ୍ରହଣ କରାଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ଆୟକର ରିଟର୍ଣ୍ଣ ଦାଖଲ ଦାଖଲ ସମୟ ସୀମାରେ ବୃଦ୍ଧି କରାଯାଇଛି।

| ଆୟ | ସ୍ଲାବ୍ ଉପରେ ଟିକସ ଏବଂ ହାର | | ଲାଭ | ଟିକସ ରିଆତି ଲାଭ | ମୋଟ ଲାଭ | ଟିକସ ପରେ ରିଆତି ଲାଭ |
|---|---|---|---|---|---|---|
| | ପ୍ରଚଳିତ ନିୟମ | ପ୍ରସ୍ତାବିତ ନିୟମ | ଟିକସ ହାର/ସ୍ଲାବ୍ | ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ | | |
| ୮ ଲକ୍ଷ | ୩୦,୦୦୦ | ୨୦,୦୦୦ | ୧୦,୦୦୦ | ୨୦,୦୦୦ | ୩୦,୦୦୦ | ୦ |
| ୯ ଲକ୍ଷ | ୪୦,୦୦୦ | ୩୦,୦୦୦ | ୧୦,୦୦୦ | ୩୦,୦୦୦ | ୪୦,୦୦୦ | ୦ |
| ୧୦ ଲକ୍ଷ | ୫୦,୦୦୦ | ୪୦,୦୦୦ | ୧୦,୦୦୦ | ୪୦,୦୦୦ | ୫୦,୦୦୦ | ୦ |
| ୧୧ ଲକ୍ଷ | ୬୫,୦୦୦ | ୫୦,୦୦୦ | ୧୫,୦୦୦ | ୫୦,୦୦୦ | ୬୫,୦୦୦ | ୦ |
| ୧୨ ଲକ୍ଷ | ୮୦,୦୦୦ | ୬୦,୦୦୦ | ୨୦,୦୦୦ | ୬୦,୦୦୦ | ୮୦,୦୦୦ | ୦ |
| ୧୬ ଲକ୍ଷ | ୧,୭୦,୦୦୦ | ୧,୨୦,୦୦୦ | ୫୦,୦୦୦ | ୦ | ୫୦,୦୦୦ | ୧,୨୦,୦୦୦ |
| ୨୦ ଲକ୍ଷ | ୨,୯୦,୦୦୦ | ୨,୦୦,୦୦୦ | ୯୦,୦୦୦ | ୦ | ୯୦,୦୦୦ | ୨,୦୦,୦୦୦ |
| ୨୪ ଲକ୍ଷ | ୪,୧୦,୦୦୦ | ୩,୦୦,୦୦୦ | ୧,୧୦,୦୦୦ | ୦ | ୧,୧୦,୦୦୦ | ୩,୦୦,୦୦୦ |
| ୫୦ ଲକ୍ଷ | ୧୧,୯୦,୦୦୦ | ୧୦,୮୦,୦୦୦ | ୧,୧୦,୦୦୦ | ୦ | ୧,୧୦,୦୦୦ | ୧୦,୮୦,୦୦୦ |

## ସ୍ୱତନ୍ତ୍ର ରିଆତିରେ କରଦାତାଙ୍କୁ ଟିକସ ସଞ୍ଚୟ ଲାଭ

**ବଜେଟରେ ଅର୍ଥମନ୍ତ୍ରୀ ନୂତନ ଟିକସ ହାର ସହିତ କରଦାତାଙ୍କୁ ଅତିରିକ୍ତ ଛାଡ଼ ସୁବିଧା ଦେଇଛନ୍ତି।**

- ୧୨ ଲକ୍ଷ ଟଙ୍କା ଆୟ ଉପରେ କରଦାତାମାନେ ୮୦,୦୦୦ ଟଙ୍କା ସଞ୍ଚୟ କରିବେ।
- ୧୮ ଲକ୍ଷ ଟଙ୍କା ଆୟ ଉପରେ ୭୦,୦୦୦ ଟଙ୍କାର ପ୍ରତ୍ୟକ୍ଷ ଟିକସ ଛାଡ଼ ସୁବିଧା।
- ୨୫ ଲକ୍ଷ ଟଙ୍କା ଆୟ ଉପରେ କରଦାତାମାନେ ୧.୧୦ ଲକ୍ଷ ଟଙ୍କା ସଞ୍ଚୟ ହେବ।

| ପୁରୁଣା ଆୟକର ସ୍ଲାବ୍ | |
|---|---|
| ଆୟ(ଟଙ୍କାରେ) | ଆୟକର ହାର (ପ୍ରତିଶତ)ରେ |
| ୦-୨.୫ ଲକ୍ଷ | ୦% |
| ୨.୫-୫ ଲକ୍ଷ | ୫% |
| ୫-୧୦ ଲକ୍ଷ | ୨୦% |
| ୧୦ ଲକ୍ଷରୁ ଅଧିକ | ୩୦% |

## ବୀମାରେ ବିଦେଶୀ ନିବେଶ ୧୦୦%କୁ ବୃଦ୍ଧି

ବଜେଟରେ ଦେଶର ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ସୀମା ୭୪%ରୁ ୧୦୦%କୁ ବୃଦ୍ଧି କରାଯିବ। ଏହି ବର୍ଦ୍ଧିତ ସୀମା ସେହି କମ୍ପାନୀଗୁଡ଼ିକ ପାଇଁ ଉପଲବ୍ଧ ହେବ ଯେଉଁମାନେ ସମ୍ପୂର୍ଣ୍ଣ ପ୍ରିମିୟମ୍ ଭାରତରେ ନିବେଶ କରିବେ। ବିଦେଶୀ ପୁଞ୍ଜି ନିବେଶ ସମ୍ବନ୍ଧୀୟ ସାମ୍ପ୍ରତିକ ସୀମା ଏବଂ କଟକଣାର ସମୀକ୍ଷା ଏବଂ ସରଳୀକରଣ କରାଯିବ।

ନିୟାମକ ସମନ୍ୱୟ ଏବଂ ପେନସନ ଉତ୍ପାଦର ବିକାଶ ପାଇଁ ଫୋରମ୍ ପ୍ରତିଷ୍ଠା ହେବ ନିୟାମକ ସମନ୍ୱୟ ଏବଂ ପେନସନ ଉତ୍ପାଦର ବିକାଶ ପାଇଁ ବଜେଟରେ ଏକ ଫୋରମ୍ ପ୍ରତିଷ୍ଠା କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

## ଟିଡିଏସ୍‌ରେ ରିଆତିଠାରୁ ଆରମ୍ଭ କରି ଘର ସମ୍ପତ୍ତି ଟିକସ ପର୍ଯ୍ୟନ୍ତ

କେନ୍ଦ୍ରୀୟ ବଜେଟରେ ସରକାର କେବଳ ଆୟକରରେ ରିହାତି ଦେଇନାହାଁନ୍ତି ବରଂ ଏପରି ଅନେକ ପରିବର୍ତ୍ତନ କରିଛନ୍ତି ଯାହା ସାଧାରଣ ଲୋକଙ୍କ ଜୀବନକୁ ସହଜ କରିବ ଏବଂ ଅଧିକ ସଞ୍ଚୟ କରିବାର ସୁଯୋଗ ପ୍ରଦାନ କରିବ।

### ବଜେଟରେ କରଦାତାଙ୍କ ପାଇଁ ୬ ଉପହାର

**■ ୪ ବର୍ଷ ପାଇଁ ସଂଶୋଧିତ ରିଟର୍ଣ୍ଣ ଫାଇଲ୍ ସୁବିଧା**

ପୂର୍ବରୁ, ଯଦି ରିଟର୍ଣ୍ଣରେ କୌଣସି ଭୁଲ ଥାଏ, ତେବେ ଏହାକୁ ସଂଶୋଧନ କରିବା ପାଇଁ କେବଳ ୨ ବର୍ଷ ସମୟ ଦିଆଯାଉଥିଲା, କିନ୍ତୁ ଏବେ ଏହି ସମୟ ସୀମା ୪ ବର୍ଷକୁ ବୃଦ୍ଧି କରାଯାଇଛି।

**■ ଟିଡିଏସ୍ ଏବଂ ଟିସିଏସ୍ ନିୟମରେ ରିଆତି**

ଏବେ ଘର ଭଡ଼ା ଲଗାଇଥିଲେ ତାହା ଉପରେ ଟିଡିଏସ୍ ସୀମା ୨.୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାର ଅର୍ଥ ଯଦି ଆପଣ ଭଡ଼ାରେ ସମ୍ପତ୍ତି ଦେଉଛନ୍ତି ତେବେ ଆପଣଙ୍କୁ କମ୍ ଟିକସ ଦେବାକୁ ପଡିବ।

**■ ବିଦେଶକୁ ଟଙ୍କା ପଠାଇବାରେ ରିଆତି**

ବଜେଟରେ ଟିସିଏସ୍ ସୀମା ୭ ଲକ୍ଷ ରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଫଳରେ ଏଲ୍‌ଆର୍‌ଏସ୍ ଯୋଜନାରେ ବିଦେଶକୁ ଟଙ୍କା ପଠାଇବାରେ କୌଣସି ଅସୁବିଧା ହେବ ନାହିଁ।




**■ ଟିସିଏସ୍ ପେମେଣ୍ଟରେ ବିଳମ୍ବ**

ଏଣିକି ଟିସିଏସ୍ ଠିକ୍ ସମୟରେ ଦାଖଲ ନ କଲେ, ଏହାକୁ ଆଉ ଅପରାଧ ବୋଲି ବିବେଚନା କରାଯିବନାହିଁ।

**■ ବରିଷ୍ଠ ନାଗରିକଙ୍କୁ ରିଆତି**

ବରିଷ୍ଠ ନାଗରିକଙ୍କ ପାଇଁ ସୁଧ ଉପରେ ଟିକସ ରିହାତି ସୀମା ୫୦,୦୦୦ ଟଙ୍କାରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

**■ ଦୁଇଟି ଘର ଉପରେ ଟିକସ ଛାଡ ଲାଭ**

ଏବେ ଯଦି ଆପଣଙ୍କର ଦୁଇଟି ଘର ରହିଛି (ଉଭୟ ଆପଣଙ୍କର ନିଜସ୍ୱ ସମ୍ପତ୍ତି), ତେବେ ଆପଣ ସେଗୁଡ଼ିକ ଉପରେ ଟିକସ ଦେବାରେ ଛାଡ଼ ପାଇବେ। ପୂର୍ବରୁ, ଯଦିଓ ଆପଣଙ୍କର ସମ୍ପତ୍ତି ଖାଲି ରହୁଥିଲା କିମ୍ବା ଭଡ଼ାରେ ଦିଆଯାଉନଥିଲା, ସରକାର ଏହା ଉପରେ ଏକ ନିର୍ଦ୍ଦିଷ୍ଟ ପରିମାଣରେ ଟିକସ ଆଦାୟ କରୁଥିଲେ। କିନ୍ତୁ ଏବେ ସରକାର ଏହି ନିୟମଗୁଡ଼ିକୁ ସହଜ କରିଦେଇଛନ୍ତି। ଏବେ ଆପଣଙ୍କର ଦୁଇଟି ସମ୍ପତ୍ତି ଉପରେ କର ଲାଗୁ ହେବ ନାହିଁ (ସେଗୁଡ଼ିକର ବାର୍ଷିକ ମୂଲ୍ୟ ଶୂନ୍ୟ ବୋଲି ବିବେଚନା କରାଯିବ)। ଏହାର ଅର୍ଥ ହେଉଛି ଆପଣଙ୍କୁ ଅଧିକ ଟିକସ ଦେବାକୁ ପଡ଼ିବ ନାହିଁ ଏବଂ ଆପଣଙ୍କର ସଞ୍ଚୟ ବୃଦ୍ଧି ପାଇବ।

## କ୍ରେଡିଟ୍ କାର୍ଡରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ

### ସ୍ୱନିଧି ଯୋଜନାକୁ ମିଳିବ ନୂଆ ରୂପ

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ଅର୍ଥ ମନ୍ତ୍ରୀ ବଜେଟରେ ଉଠାଦୋକାନୀଙ୍କ ବଡ଼ ଘୋଷଣା କରିଛନ୍ତି। ପାଇଁ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାକୁ ନୂଆ ରୂପ ଦିଆଯିବ। ଏହା ଅନୁଯାୟୀ ଲାଭାର୍ଥୀଙ୍କୁ ବ୍ୟାଙ୍କ ଏବଂ ୟୁପିଆଇ ସହ ଜଡ଼ିତ କ୍ରେଡିଟ୍ କାର୍ଡ ଦିଆଯିବ। ଏହି କ୍ରେଡିଟ୍ କାର୍ଡ ଜରିଆରେ ଲୋନ ସୁବିଧା ମିଳିବ। ଏହି ଋଣର ସୀମା ୩୦ ହଜାର ଟଙ୍କା ହେବ। ପିଏମ ଷ୍ଟ୍ରିଟ୍ ଭେଣ୍ଡର ଆତ୍ମନିର୍ଭର ନିଧି (ପିଏମ-ସ୍ୱନିଧି) ଉଠାଦୋକାନୀଙ୍କୁ ସୁଲଭ ମୂଲ୍ୟରେ ଋଣ ଯୋଗାଇଥାଏ।

ଅର୍ଥମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାକୁ ନୂଆ ରୂପ ଦିଆଯିବ। ଏହା ଅନୁଯାୟୀ ଲାଭାର୍ଥୀଙ୍କୁ ବ୍ୟାଙ୍କ ଏବଂ ୟୁପିଆଇ ସହ ଜଡ଼ିତ କ୍ରେଡିଟ୍ କାର୍ଡ ଦିଆଯିବ। ଏହି କ୍ରେଡିଟ୍ କାର୍ଡ ଜରିଆରେ ସେମାନଙ୍କୁ ଋଣ ସୁବିଧା ମିଳିବ। ଏହି ଋଣର ସୀମା ୩୦ ହଜାର ଟଙ୍କା ହେବ। ଏହି ଅବସରରେ ନିର୍ମଳା କହିଛନ୍ତି ଏହି ଯୋଜନାରେ ଏ ପର୍ଯ୍ୟନ୍ତ ୬୮ ଲକ୍ଷରୁ ଅଧିକ ଉଠାଦୋକାନୀଙ୍କୁ ଲାଭ ମିଳିଛି। ଏହି ଯୋଜନାରେ ୧ ବର୍ଷ ଅବଧି ପାଇଁ ପର୍ଯ୍ୟନ୍ତ ବିନା କୌଣସି ଗ୍ୟାରେଣ୍ଟିରେ ୧୦ ହଜାର ଟଙ୍କାର ଋଣ ସୁବିଧା ମିଳିଥାଏ। ଧାର୍ଯ୍ୟ ସମୟରେ ଋଣ ଶୁଝିଲେ ୨୦ ହଜାର ଟଙ୍କାର ଋଣ ମିଳିଥାଏ ଏବଂ ଏହାକୁ ପରିଶୋଧ କଲେ ୫୦ ହଜାର ଟଙ୍କାର ଋଣ ଉପଲବ୍ଧଥାଏ। ଏହି ଯୋଜନାରେ ବାର୍ଷିକ ସୁଧ ହାର ୭% ରହିଛି।

## କେଉଁ କ୍ଷେତ୍ରକୁ କେତେ

| କ୍ଷେତ୍ର | ଆବଣ୍ଟନ (କୋଟି ଟଙ୍କାରେ) |
|---|---|
| ପ୍ରତିରକ୍ଷା | ୪, ୯୧, ୭୩୨ |
| ପରିବହନ | ୨, ୮୭, ୩୩୩ |
| ଗ୍ରାମୀଣ ବିକାଶ | ୨, ୬୬, ୮୧୭ |
| ରେଳ | ୨, ୫୫, ୪୫୫ |
| ଗୃହ | ୨, ୩୩, ୨୧୧ |
| କୃଷି | ୧, ୭୧,୪୩୭ |
| ଶିକ୍ଷା | ୧, ୨୮, ୬୫୦ |
| ସ୍ୱାସ୍ଥ୍ୟ | ୯୮, ୩୧୧ |
| ସହରୀ ବିକାଶ | ୯୬, ୭୭୭ |
| ଆଇଟି ଏବଂ ଟେଲିକମ୍ | ୯୫, ୨୯୮ |
| ଶକ୍ତି | ୮୧, ୧୭୪ |
| ବାଣିଜ୍ୟ ଏବଂ ଉଦ୍ୟୋଗ | ୬୫, ୫୫୩ |
| ସାମାଜିକ କଲ୍ୟାଣ | ୬୦, ୦୫୨ |
| ବିଜ୍ଞାନ ବିଭାଗ | ୫୫, ୬୭୯ |




# Kia Syros

Evolved by the future

The new Kia Syros is light years ahead of its contemporary SUVs. Right from an evolved design language with upright squared shoulders, to the future-forward autonomous safety tech and future-ready connected car tech with Over-the-Air (OTA) updates, everything about the Kia Syros is a giant leap in automotive thinking. Settle into the first-in-segment 2nd row ventilated, reclining & sliding seats, and you'll agree that the future itself has evolved it. Experience the Syros today!

## Innovative Technology

Future, reimagined



Dual Pane Panoramic Sunroof




2nd Row Seat Reclining & Sliding with Seat Ventilation




76.20 cm (30") Trinity Panoramic Display Panel




Kia Connect 2.0** with Over-the-Air (OTA) Software Updates and Other 80+ Connected Car Features



Harman Kardon Premium 8 Speakers Sound System



ADAS Level 2^ with 16 Smart Autonomous & Robust 20 Standard Safety Features



## Kia Service

Connected · Adaptive · Responsive · Engage

**Introducing My Convenience Secure#:** Option to cover your car's wear and tear parts for up to 3 years from date of delivery.

| | | | | |
|---|---|---|---|---|
| **3 Years Unlimited** km Warranty | **Extended Warranty^** Up to 5 Years | **Scratch Care** Program** | **IoT Based** Smart Services`` | **24x7 \| 3 Years** Nationwide RSA° |

**Kia Connect Diagnosis##** Enables vehicle diagnosis remotely

Terms & Conditions Apply. *Ex-showroom price all India. Segment is defined as vehicle with length between 3 990 mm – 3 999 mm and height - 1 680 mm. **Kia Connect 2.0 comes with 3 years free subscription. Kia Connect 2.0 features may vary depending on the variant, device compatibility, software and network availability in vehicle. ^Advanced Driver Assistance System (ADAS) is not a substitute for human eye and driver vigilance. It is an assistance feature that enhances driving experience and safety. Effectiveness of ADAS may vary based on actual situation and all objects around vehicle may not be detected. The driver shall remain responsible for safe, vigilant, and attentive driving. #My Convenience Secure available with My Convenience/ My Convenience Plus at the time of sales at additional cost, covers wear and tear of selected parts only. ^3 Years standard warranty and 2 years extended warranty. **Scratch Care Program coverage includes repair of 1 scratch free of cost in an ownership period of 12 months from the date of sale, applicable on the new Syros retailed up to 30th June 2025. ``IoT based workshops for live vehicle tracking for digital experience. °Upto 6 years extendable RSA coverage. Applicable across India except Andaman & Nicobar Islands and Lakshadweep. ##Kia Connect Diagnosis has limited set of functionalities. Customers may be required to visit Kia workshop for issue resolution. The product & feature images shown in this brochure is for representation purpose only. Features and specifications as shown may not be part of standard fitment and may vary. The colors shown are subject to availability and may not be available across all variants and may differ slightly from those shown in this brochure. The specifications and features may vary depending on models/ variants. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, Kia Connect 2.0 features and other details of any model as mentioned or to discontinue any model without prior notice. For more details visit your local Kia dealership. Kia India Pvt. Ltd. urges you to follow traffic rules, these are meant to keep you safe on roads. We do not endorse vandalism or illegal activities related to road safety. Safety is a top priority, and we urge responsible behavior regarding traffic regulations and road safety.

**FOR INFORMATION CONTACT: SAMBALPUR: CENTRAL KIA,** PH: 7440004263, **BHUBANESHWAR: TRUPTI KIA,** PATRAPADA, PH: 7064414001/ 7064414004/ 7064414005, **GUGNANI KIA,** PATIA, PH: 9777064777, **CENTRAL KIA,** PAHAL, PH: 7440002919, **CUTTACK: CENTRAL KIA,** PH: 9237304769, **ROURKELA: KRISHNA KIA,** PH: 7852941723, **BALASORE: BASANTI KIA,** PH: 7077732182, **BERHAMPUR: CENTRAL KIA,** PH: 7440002919, **ANGUL: CENTRAL KIA,** PH: 7440002919, **JEYPORE: MAJESTY KIA,** PH: 9124572378, **KEONJHAR: TRUPTI KIA,** PH: 7064414005

INNOCEAN-006/25




୨୦୨୫-୨୬ କେନ୍ଦ୍ରୀୟ ବଜେଟରେ ସରକାର ଜାତୀୟ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ବିକଶିତ ଭାରତ ସଂକଳ୍ପକୁ ଦୃଷ୍ଟିରେ ରଖି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୪ 'ଗ୍ରୋଥ୍ ଇଞ୍ଜିନ' ଭାବେ କୃଷି, ଏମଏସଏମଇ, ଇନଭେଷ୍ଟମେଣ୍ଟ ଏବଂ ରପ୍ତାନି ଭଳି କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ଦେବାକୁ ଉଦ୍ୟମ କରିଛନ୍ତି। ସେହିପରି ମଧ୍ୟବିତ୍ତ ଶ୍ରେଣୀଙ୍କୁ ସଶକ୍ତ କରିବାସହିତ ଗରିବ, ଯୁବପିଢି, ଚାଷୀ ଏବଂ ମହିଳାଙ୍କୁ ଆହୁରି ସଶକ୍ତ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଟିକସ ବ୍ୟବସ୍ଥାରେ ସଂସ୍କାର ଆଣି ଶକ୍ତି, ସହରାଞ୍ଚଳ ବିକାଶ, ବିତ୍ତୀୟ କ୍ଷେତ୍ରରେ ପରିଚାଳନାଗତ ସଂସ୍କାର ଆଣିବାକୁ ମଧ୍ୟ ଗୁରୁତ୍ୱ ଦେଇ ସମାବେଶୀ ବିକାଶ ଆଣିବାକୁ ଏହି ବଜେଟରେ ପ୍ରାଧାନ୍ୟ ଦିଆଯାଇଛି।

## ଉଦ୍ୟୋଗ

## ୨୩ ହଜାର ୧୬୮ କୋଟି

ଦେଶର ଅଭିବୃଦ୍ଧି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଲାଗି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ( ଏମଏସଏମଇ) କ୍ଷେତ୍ର ହେଉଛି ଦ୍ୱିତୀୟ ପ୍ରମୁଖ କ୍ଷେତ୍ର। ବର୍ତ୍ତମାନ ସୁଦ୍ଧା ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାଙ୍କ ସଂଖ୍ୟା ଏକ କୋଟିରେ ପହଞ୍ଚିଥିଲା ବେଳେ ପ୍ରାୟ ୭୫ ନିୟୁତ ଏହି କ୍ଷକ୍ଷତ୍ରରେ କାର୍ଯ୍ୟ କରୁଛନ୍ତି। ଦେଶର ମୋଟ ଶିଳ୍ପ ଉତ୍ପାଦନ ମଧ୍ୟରୁ ୩୬ ପ୍ରତିଶତ ଏହି କ୍ଷେତ୍ରରୁ ଉତ୍ପାଦିତ ହେବା ସହିତ ମୋଟ ରପ୍ତାନିର ୪୫ ପ୍ରତିଶତ ଏମଏସଏମଇ କ୍ଷେତ୍ରରୁ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ୨୦୨୫-୨୬ ବଜେଟ୍ରେ କେନ୍ଦ୍ର ସରକାର ଏହି କ୍ଷେତ୍ର ପାଇଁ ମୋଟ ୨୩ ହଜାର ୧୬୮ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଗତ ବଜେଟ୍ ତୁଳନାରେ ଚଳିତ ବଜେଟ୍ ରାଶିରେ ୪.୬ ପ୍ରତିଶତ ବୃଦ୍ଧି କରାଯାଇଛି। ପ୍ରଥମଥର ପାଇଁ ଉଦ୍ୟୋଗ କ୍ଷେତ୍ରରେ ପ୍ରବେଶ କରିଥିବା ମହିଳା, ଅନୁସୂଚିତ ଜାତି ଓ ଜନଜାତି ଉଦ୍ୟୋଗୀଙ୍କୁ ଆସନ୍ତା ୫ ବର୍ଷ ମଧ୍ୟରେ ୨ କୋଟି ଟଙ୍କାର ଋଣ ସହାୟତା ଯୋଗାଇ ଦେବାକୁ ବଜେଟ୍ରେ ବ୍ୟବସ୍ଥା କରାଯାଇଛି।



## ବିକଶିତ ଭାରତ

# ୪ 'ଗ୍ରୋଥ୍ ଇଞ୍ଜିନ'

## କୃଷି

### ବଜେଟ୍ ରାଶି : ୧ ଲକ୍ଷ ୫୨ ହଜାର କୋଟି

୨୦୨୫-୨୬ ବଜେଟ୍ରେ କେନ୍ଦ୍ର ସରକାର କୃଷି ଏବଂ କୃଷକ କଲ୍ୟାଣ ପାଇଁ ବଜେଟ୍ରେ ମୋଟ ୧ ଲକ୍ଷ ୫୨ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଜାତୀୟ ଅଭିବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ କୃଷି କ୍ଷେତ୍ରକୁ ଆହୁରି ସଶକ୍ତ କରିବା ଲାଗି କେନ୍ଦ୍ର ସରକାର କେତେକ ନୂଆ ଯୋଜନା ପ୍ରଣୟନ କରିବା ଲାଗି ବଜେଟ୍ରେ ବ୍ୟବସ୍ଥା କରିଛନ୍ତି। ଏହିକ୍ରମରେ 'ପିଏମ ଧନ ଧନ୍ୟ କୃଷି ଯୋଜନା' ଆରମ୍ଭ କରିବାକୁ ସରକାର ଘୋଷଣା କରିଛନ୍ତି। ଦେଶର ଯେଉଁସବୁ ଜିଲ୍ଲାରେ ସର୍ବନିମ୍ନ ଫସଲ ଉତ୍ପାଦିତ ହେଉଛି ସେଗୁଡିକ ମଧ୍ୟରୁ ପ୍ରଥମେ ୧୦୦ଟି ଜିଲ୍ଲାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଅଧିକ ଫସଲ ଉତ୍ପାଦନ ପାଇଁ ଅଗ୍ରାଧିକାର ଦିଆଯିବ। ଏହାଦ୍ୱାରା କମ୍ ଉତ୍ପାଦନ ହେଉଥିବା ଅଞ୍ଚଳ ଗୁଡିକରୁ ଅଧିକ ଫସଲ ଆସିବା ସହିତ ଚାଷୀ ମଧ୍ୟ ପ୍ରତ୍ୟକ୍ଷ ଭାବେ ଲାଭବାନ ହେବେ। ଏହି ଯୋଜନାରେ ଗୋଟିଏ ଜମିରେ ବିଭିନ୍ନ କିସମର ଫସଲ ବୃଦ୍ଧି ସହିତ ଜଳସେଚନ ସୁବିଧାକୁ ଆହୁରି ଉନ୍ନତ କରିବା ଏବଂ ଉତ୍ପାଦନ ପରେ ଶସ୍ୟ ମହଜୁଦ ରଖିବା ଲାଗି ଉନ୍ନତ ଗୋଦାମ ଗୃହ ବ୍ୟବସ୍ଥା କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ପ୍ରାୟ ୧.୭ କୋଟି ଚାଷୀ ଉପକୃତ ହୋଇପାରିବେ ବୋଲି କୁହାଯାଇଛି। ସେହିପରି ଡାଲି ଜାତୀୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଦେଶକୁ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଏକ ୬ ବର୍ଷିୟା ଯୋଜନା କାର୍ଯ୍ୟକାରୀ କରାଯିବ। ନାଫେଡ୍ ଏବଂ ଏସିସିଏଫ ଭଳି କେନ୍ଦ୍ରୀୟ ଏଜେନ୍ସି ହରଡ଼, ମସୁର ଏବଂ ମୁଗ ଡାଲି କ୍ରୟ କରିବେ। ସେହିପରି ପନି ପରିବା ଏବଂ ଫଳ ଚାଷ ଉତ୍ପାଦନ କ୍ଷେତ୍ରକୁ ଆହୁରି ସଶକ୍ତ କରିବାକୁ ମଧ୍ୟ ବଜେଟ୍ରେ ଗୁରୁତ୍ୱ ଦିଆଯାଇଛି।

### କିଷାନ କ୍ରେଡିଟ୍ କାର୍ଡ ସଂପ୍ରସାରଣ

ଚାଷୀମାନଙ୍କୁ ସେମାନଙ୍କ ଚାଷବାସ କାର୍ଯ୍ୟ ପାଇଁ ଆର୍ଥିକ ଦୃଷ୍ଟିରୁ ଅଧିକ ସହାୟତା ଯୋଗାଇ ଦେବାକୁ ବଜେଟ୍ରେ ଅଗ୍ରାଧିକାର ଦିଆଯାଇଛି। ବିଶେଷକରି କିଷାନ କ୍ରେଡିଟ୍ କାର୍ଡ(କେସିସି)ର ସଂପ୍ରସାରଣ କରାଯାଇ ଏହାର ଋଣ ପ୍ରଦାନ ପରିମାଣକୁ ୫ ଲକ୍ଷ ଟଙ୍କା ଯାଏଁ ବୃଦ୍ଧି କରାଯାଇଛି।

### ବିହାର ପାଇଁ ମଖାନା ବୋର୍ଡ

ବିହାରର ମିଥିଳା, କୋଶି ଏବଂ ସୀମାଞ୍ଚଳରେ ମଖାନା ଚାଷୀଙ୍କୁ ଅଧିକ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏକ ବୋର୍ଡ ପ୍ରତିଷ୍ଠା ହେବ। ଏଥିପାଇଁ ବଜେଟ୍ରେ ବ୍ୟବସ୍ଥା କରାଯାଇଥିଲା ବେଳେ ଏକ୍ଷେତ୍ରରେ କାର୍ଯ୍ୟ କରୁଥିବା ଚାଷୀଙ୍କୁ ଆର୍ଥିକ ସୁବିଧା ଏବଂ ବୈଷୟିକଗତ ସହାୟତା କରିବାକୁ ଅଗ୍ରାଧିକାର ଦିଆଯିବ।

### କପା ଚାଷୀଙ୍କୁ ପ୍ରୋତ୍ସାହନ

ଦେଶରେ କପା ଚାଷୀଙ୍କୁ ଅଧିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ପାଞ୍ଚ ବର୍ଷିଆ ଯୋଜନା ପ୍ରଣୟନ କରାଯିବ। ଅଧିକ ଉତ୍ପାଦନ ସହିତ ଚାଷୀଙ୍କୁ ଲାଭବାନ କରିବା ଲାଗି ଏହି ଯୋଜନାରେ ଅଗ୍ରାଧିକାର ଦିଆଯିବ।



## ପ୍ରତିରକ୍ଷା



### ୬ ଲକ୍ଷ ୮୧ ହଜାର କୋଟି

ଗତ ବର୍ଷ ପ୍ରତିରକ୍ଷା ବିଭାଗ ପାଇଁ କେନ୍ଦ୍ରୀୟ ବଜେଟ୍ରେ ୬ ଲକ୍ଷ ୨୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା ବେଳେ ୨୦୨୫-୨୬ ବଜେଟ୍ରେ ଏହି ପରିମାଣ ୬ ଲକ୍ଷ ୮୧ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିମଧ୍ୟରୁ ୨୭.୬୬ ପ୍ରତିଶତ ଭାବେ ୧.୭୨ ଲକ୍ଷ କୋଟି ଟଙ୍କା ପୁଞ୍ଜିଗତ ବ୍ୟୟରେ ଭିତ୍ତିଭୂମି ବିକାଶ ଏବଂ ସରଞ୍ଜାମ କ୍ରୟ ପାଇଁ ବ୍ୟୟ କରାଯିବ। ଏହାବ୍ୟତୀତ ଘରୋଇ ଉଦ୍ୟୋଗ କ୍ଷେତ୍ରରୁ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଏବଂ ମେକ୍ ଇନ ଇଣ୍ଡିଆ କାର୍ଯ୍ୟକ୍ରମକୁ ଅଧିକ ପ୍ରୋତ୍ସାହନ ଦେବା ଲାଗି ପୁଞ୍ଜିଗତ ବ୍ୟୟ ସର୍ବାଧିକ ରହିବ ବୋଲି କୁହାଯାଇଛି।

## ସ୍ୱାସ୍ଥ୍ୟ



- ୩ ବର୍ଷ ମଧ୍ୟରେ ଦେଶର ସବୁ ଜିଲ୍ଲାରେ ଖୋଲିବ କ୍ୟାନ୍ସର ଡେ କେୟାର ସେଣ୍ଟର
- ଚଳିତ ବଜେଟରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ସମୁଦାୟ ୯୯୮୫୮ କୋଟି ଟଙ୍କା ଆବଣ୍ଟିତ ହୋଇଛି। ଆୟୁଷ୍ମାନ ଭାରତ ଯୋଜନା ପାଇଁ କେନ୍ଦ୍ର ସରକାର ପୂର୍ବ ବର୍ଷ ଅପେକ୍ଷା ଅଧିକ ବ୍ୟୟବରାଦ କରିଛନ୍ତି।
- ଆସନ୍ତା ୩ ବର୍ଷ ମଧ୍ୟରେ ଦେଶରେ ସବୁ ଜିଲ୍ଲାରେ ଡେ କେୟାର କ୍ୟାନ୍ସର ସେଣ୍ଟର ଖୋଲିବାକୁ କେନ୍ଦ୍ର ସରକାର ବଡ଼ ଘୋଷଣା କରିଛନ୍ତି।
- ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶରେ ପ୍ରାୟ ୨୦୦ ଡେ କେୟାର କ୍ୟାନ୍ସର ସେଣ୍ଟର ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ଗରିବ ଲୋକେ ବେଶ୍ ଉପକୃତ ହୋଇପାରିବେ ବୋଲି ସରକାର ଆଶା ରଖିଛନ୍ତି।
- କ୍ୟାନ୍ସର ରୋଗର ଉପଚାର ପାଇଁ ବ୍ୟବହୃତ ୩୬ ଜୀବନ ରକ୍ଷାକାରୀ ଔଷଧ ମୌଳିକ(ବେସିକ୍) ସୀମା ଶୁଳ୍କ ସମ୍ପୂର୍ଣ୍ଣ ଭାବେ ଛାଡ଼ କରାଯିବ। ସେହିପରି ଅନ୍ୟ ୩୭ଟି ଔଷଧ ଏବଂ ୧୩ ନୂଆ ପେସେଣ୍ଟ ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଉପରେ ମୌଳିକ ସୀମା ଶୁଳ୍କ ଛାଡ଼ କରାଯିବ। ଏହାବ୍ୟତୀତ ୬ ଜୀବନ ରକ୍ଷାକାରୀ ଔଷଧ ଉପରୁ ୫ ପ୍ରତିଶତ ସୀମା ଶୁଳ୍କ ଛାଡ଼ କରାଯିବ।
- ଆସନ୍ତା ବର୍ଷ ଦେଶବ୍ୟାପୀ ମେଡିକାଲ ସିଟରେ ୧୦ ହଜାର ସିଟ୍ ବୃଦ୍ଧି କରାଯିବ। ଆସନ୍ତା ୫ ବର୍ଷରେ ୭୫ ହଜାର ନୂଆ ମେଡିକାଲ ସିଟ୍ ବୃଦ୍ଧି କରାଯିବ।
- ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ରଡବ୍ୟାଣ୍ଡ ସଂଯୋଗ ଯୋଗାଇ ଦିଆଯିବ।
- ଆଗାମୀ ଦିନରେ ଦେଶରେ ମେଡିକାଲ ଚିକିତ୍ସା କ୍ଷେତ୍ରରେ ବ୍ୟବହୃତ ଉପକରଣ ଶସ୍ତା ହେବ। ଅର୍ଥମନ୍ତ୍ରୀ ନିଜ ଅଭିଭାଷଣରେ ଏନେଇ ଘୋଷଣା କରିଛନ୍ତି।



## ବଜେଟରେ ନୂଆ ଯୋଜନା

**■ ପିଏମ ଧନ ଧନ୍ୟ ଯୋଜନା**

କମ୍ ଫସଲ ଉତ୍ପାଦିତ ହେଉଥିବା ଦେଶର ୧୦୦ଟି ଜିଲ୍ଲାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଅଧିକ ଫସଲ ଉତ୍ପାଦନ ପାଇଁ ଅଗ୍ରାଧିକାର ଦିଆଯିବ। ଏହାଦ୍ୱାରା କମ୍ ଉତ୍ପାଦନ ହେଉଥିବା ଅଞ୍ଚଳ ଗୁଡିକରୁ ଅଧିକ ଫସଲ ଆସିବା ସହିତ ଚାଷୀ ମଧ୍ୟ ପ୍ରତ୍ୟକ୍ଷ ଭାବେ ଲାଭବାନ ହେବେ।

**■ ବିହାର ମୋଖନା ବୋର୍ଡ**

ବିହାରରେ ମଖାନା (କଇଁ ଓ ପଦ୍ମ ଫୁଲ ନାଡରୁ ମିଳୁଥିବା ଏକ ପ୍ରକାର ମଞ୍ଜି) ଚାଷୀଙ୍କୁ ଅଧିକ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏକ ବୋର୍ଡ ପ୍ରତିଷ୍ଠା ହେବ । ଏଥିପାଇଁ ବଜେଟ୍ରେ ବ୍ୟବସ୍ଥା କରାଯାଇଥିଲା ବେଳେ ଏକ୍ଷେତ୍ରରେ କାର୍ଯ୍ୟ କରୁଥିବା ଚାଷୀଙ୍କୁ ଆର୍ଥିକ ସୁବିଧା ଏବଂ ବୈଷୟିକଗତ ସହାୟତା କରିବାକୁ ଅଗ୍ରାଧିକାର ଦିଆଯିବ।

**■ କିଷାନ କାର୍ଡ ଋଣ ୫ ଲକ୍ଷକୁ ବୃଦ୍ଧି**

ଚାଷୀଙ୍କୁ ଆର୍ଥିକ ଆବଶ୍ୟକତା ଦିଗରେ ଅଧିକ ସହାୟତା କରିବାକୁ କିଷାନ କ୍ରେଡିଟ୍ କାର୍ଡ ଋଣ ପ୍ରଦାନ ପରିମାଣ ୫ ଲକ୍ଷ ଟଙ୍କା ବୃଦ୍ଧି

**■ ଏମଏସଏମଇ ମହିଳା, ଏସସି ଓ ଏସଟି ଉଦ୍ୟୋଗୀଙ୍କୁ ୨ କୋଟିର ଋଣ**

ଏମଏସଏମଇ କ୍ଷେତ୍ରରେ ପ୍ରଥମଥର ପାଇଁ ସାମିଲ ହୋଇଥିବା ମହିଳା, ଅନୁସୂଚିତ ଜାତି ଓ ଜନଜାତି ଉଦ୍ୟୋଗୀଙ୍କୁ ୨ କୋଟି ଟଙ୍କାର ଋଣ ସହାୟତା

**■ ୫୦ ହଜାର 'ଟିଙ୍କରିଂ ଲ୍ୟାବ୍' ପ୍ରତିଷ୍ଠା**

ଆସନ୍ତା ୫ ବର୍ଷ ମଧ୍ୟରେ ସରକାରୀ ସ୍କୁଲରେ ୫୦ ହଜାର ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା

**■ ଭାରତୀୟ ଭାଷା ପୁସ୍ତକ ଯୋଜନା**

ଭାରତୀୟ ଭାଷାକୁ ମାଧ୍ୟମିକ ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ପ୍ରୋତ୍ସହିତ କରିବା ଏବଂ ଡିଜିଟାଲକରଣ କରିବା ଲାଗି ଭାରତୀୟ ଭାଷା ପୁସ୍ତକ ଯୋଜନା ପ୍ରଣୟନ

## ଏଆଇ ଉତ୍କର୍ଷ କେନ୍ଦ୍ର ପାଇଁ ୫୦୦ କୋଟି

- ୫ ବର୍ଷରେ ସରକାରୀ ବିଦ୍ୟାଳୟରେ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ
- ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗକୁ ସହଜସାଧ କରିବା ପାଇଁ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯିବ। ଏଥିପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ।
- ଶିକ୍ଷା କ୍ଷେତ୍ରକୁ କେନ୍ଦ୍ର ସରକାର ମୋଟ ୧୨୮୬୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୬.୬୫ ପ୍ରତିଶତ ବୃଦ୍ଧି କରାଯାଇଛି।
- ଦେଶବ୍ୟାପୀ ଆଇଆଇଟି ସିଟ୍ ସଂଖ୍ୟାରେ ବୃଦ୍ଧି କରାଯିବ। ପାଟଣା ଆଇଆଇଟିରେ ନୂଆ ହଷ୍ଟେଲ ଖୋଲାଯିବ। ଏହାସହ ବିହାରରେ ଫୁଡ ଟେକ୍ନୋଲୋଜି ଇନଷ୍ଟିଚ୍ୟୁଟ୍ ଖୋଲାଯିବ।
- ଆସନ୍ତା ୫ ବର୍ଷରେ ଆଇଆଇଟି ଏବଂ ଆଇଆଇଏସସିରେ ବୈଷୟିକ ଅନୁସନ୍ଧାନ ଓ ଗବେଷଣା ପାଇଁ ବାର୍ଷିକ ପିଏମ୍ ରିସର୍ଚ୍ଚ ଫେଲୋସିପ୍ ପ୍ରଦାନ କରାଯିବ।
- ଯୁବକମାନଙ୍କ ମଧ୍ୟରେ ବୈଜ୍ଞାନିକ ସ୍ୱଭାବ ବଢାଇବା ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ସରକାରୀ ବିଦ୍ୟାଳୟରେ ପଚାଶ ହଜାର ଅଟଳ ଟିଙ୍କରିଂ ଲ୍ୟାବ ପ୍ରତିଷ୍ଠା କରାଯିବ। ଭାରତ ନେଟ ପ୍ରକଳ୍ପ ଅଧୀନରେ ଗ୍ରାମାଞ୍ଚଳର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ରଡବ୍ୟାଣ୍ଡ ସଂଯୋଗ ହେବ।
- ଘରୋଇ କ୍ଷେତ୍ର ଦ୍ୱାରା ପରିଚାଳିତ ଗବେଷଣା, ବିକାଶ ଏବଂ ଅଭିନବ ପ୍ରୟୋଗ ପାଇଁ ୨୦,୦୦୦ କୋଟି ଟଙ୍କା ଆବଣ୍ଟନ ହେବ।
- ମେକ୍ ଫର୍ ଇଣ୍ଡିଆ, ମେକ ଫର୍ ୱାର୍ଲ୍ଡ ସାମଗ୍ରୀ ଉତ୍ପାଦନ ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ଆନ୍ତର୍ଜାତିକ ବିଶେଷଜ୍ଞ ଏବଂ ସହଭାଗୀତାରେ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। ଏହି ସହଭାଗୀତା ପାଠ୍ୟକ୍ରମ ଡିଜାଇନ୍, ପ୍ରଶିକ୍ଷକଙ୍କ ତାଲିମ, ଏକ ଦକ୍ଷତା ପ୍ରମାଣୀକରଣ ଢାଞ୍ଚା ଏବଂ ନିୟମିତ ସମୀକ୍ଷାକୁ ଅନ୍ତର୍ଭୁକ୍ତ କରିବ।



# ସୀତାରମଣଙ୍କ ୮ ବଜେଟର ୮ ଶାଢ଼ି



## ୨୦୧୯

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆନ୍ଧ୍ରପ୍ରଦେଶ ମଙ୍ଗଳଗିରି ଶାଢ଼ି ପିନ୍ଧି ୨୦୧୯ରେ ନିଜର ପ୍ରଥମ ବଜେଟ ଉପସ୍ଥାପନ କରିଥିଲେ। ଏହି ଶାଢ଼ିର ଧଡ଼ି ଗୋଲାପୀ ଏବଂ ସୁନେଲି ରଙ୍ଗର ଥିଲା। ଗୋଲାପି ରଙ୍ଗ ସ୍ଥିରତା ଏବଂ ଗାମ୍ଭୀର୍ଯ୍ୟର ପ୍ରତୀକ।

## ୨୦୨୦

ତାମିଲନାଡୁର ରେଶମ ଶାଢ଼ି ପିନ୍ଧି ନିର୍ମଳା ନିଜର ଦ୍ୱିତୀୟ ବଜେଟ ଆଗତ କରିଥିଲେ। ଏହି ଶାଢ଼ିରେ ହଳଦିଆ ଏବଂ ସବୁଜ ରଙ୍ଗର ଧଡ଼ିଥିଲା। ଏଥିରେ ଥିବା ହଳଦିଆ ରଙ୍ଗ ଆନନ୍ଦ ଏବଂ ଉତ୍ସାହର ପ୍ରତୀକ।





## ୨୦୨୧

ତାମିଲନାଡୁ ପୋଚମପଲ୍ଲିର ଶାଢ଼ି ପିନ୍ଧି ଅର୍ଥମନ୍ତ୍ରୀ ଏହି ବର୍ଷ ନିଜର ତୃତୀୟ ବଜେଟ ଅଭିଭାଷଣ ରଖିଥିଲେ। ଏହି ଶାଢ଼ିରେ ଥିବା ଲାଲ୍ ଏବଂ ଧଳା ରଙ୍ଗ ବିକାଶର ପ୍ରତୀକ ଥିଲା।

## ୨୦୨୨

ଅର୍ଥମନ୍ତ୍ରୀ ନିର୍ମଳା ଏହି ବର୍ଷ ଓଡ଼ିଶାର ବୋମକାଇ ଶାଢ଼ି ପିନ୍ଧି ବଜେଟ ଆଗତ କରିଥିଲେ। ଧୂସର ରଙ୍ଗ ଏବଂ ମେରୁନ-ଧଳା ଧଡ଼ି ଥିବା ଏହି ଶାଢ଼ି ଦ୍ୱାରା ସେ ଶିଳ୍ପୀଙ୍କୁ ସମ୍ମାନ ଜଣାଇ ଥିଲେ।





## ୨୦୨୩

ଲୋହିତ, କଳା ଏବଂ ସୁନେଲି ରଙ୍ଗ ଥିବା ଶାଢ଼ି ପିନ୍ଧି ନିର୍ମଳା ଏହି ବର୍ଷ ବଜେଟ ଅଭିଭାଷଣ ଦେଇଥିଲେ। ଏହି ଶାଢ଼ିରେ ରଥ, ମୟୂର ଏବଂ ପଦ୍ମ ଫୁଲର ଚିତ୍ର ଥିଲା। ଏହା ବାସ୍ତୁକଳା ସଂସ୍କୃତିର ପ୍ରତୀକ ଥିଲା।

## ୨୦୨୪

ପଶ୍ଚିମବଙ୍ଗର କାନ୍ଥା ଶାଢ଼ି ପିନ୍ଧି ନିର୍ମଳା ଏହି ବର୍ଷ ନିଜର ଷଷ୍ଠ (ଅନ୍ତରୀଣ) ବଜେଟ ଉପସ୍ଥାପନ କରିଥିଲେ। ଏହି ଶାଢ଼ିରେ ବଙ୍ଗଳା ଶିଳ୍ପୀଙ୍କ କାରିଗରୀ କୌଶଳକୁ ଦର୍ଶା ଯାଇଥିଲା।





## ୨୦୨୪

ଲୋକସଭା ନିର୍ବାଚନ ପରେ ନିର୍ମଳା ନିଜର ପଦ ବଜାୟ ରଖି ଆନ୍ଧ୍ର ପ୍ରଦେଶର ମଙ୍ଗଳାଗିରି ଶାଢ଼ି ପିନ୍ଧି ନିଜର ସପ୍ତମ ବଜେଟ ଆଗତ କରିଥିଲେ। ଧଳା ରଙ୍ଗର ଏହି ଶାଢ଼ି ସରଳତାର ପ୍ରତୀକ ଥିଲା।

## ୨୦୨୫

ଅର୍ଥମନ୍ତ୍ରୀ ଆଜି ବିହାରର ମଧୁବନୀ ଶାଢ଼ି ପିନ୍ଧି ନିଜର ଅଷ୍ଟମ ବଜେଟ ଅଭିଭାଷଣ ରଖିଛନ୍ତି। ଏଥିରେ ମିଥିଳାର ଛାପ ରହିଛି। ମାଛ, ପାଣି, ପଦ୍ମ, ପାନ ଏବଂ ମଖାନେର ଚିତ୍ର ଅଙ୍କା ଯାଇଛି।



# ରେଳ ପାଇଁ ୨.୫୫ ଲକ୍ଷ କୋଟି

ଭାରତୀୟ ରେଳ ଦେଶର ଜୀବନରେଖା। ବଜେଟରେ ରେଳବାଇ ପାଇଁ ବଡ଼ ଘୋଷଣା ଆଶା କରାଯାଉଥିଲା, କିନ୍ତୁ ଏଥର ସରକାର ରେଳ ବଜେଟରେ କୌଣସି ବଡ଼ ଘୋଷଣା କରିବାରୁ ନିବୃତ୍ତ ରହିଛନ୍ତି। ହେଲେ ରେଳ ସୁରକ୍ଷାକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରୀୟ ବଜେଟରେ ରେଳ ମନ୍ତ୍ରଣାଳୟ ପାଇଁ ୨.୫୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଜେଟରେ ପେନସନ ପାଣ୍ଠିରେ ୬୬ ହଜାର କୋଟି ଟଙ୍କା ରଖାଯାଇଛି। ନୂତନ ଲାଇନ ବିଛାଇବା ପାଇଁ ୩୨,୨୩୫ କୋଟି ଟଙ୍କା ଖର୍ଚ୍ଚ ହେବ। ଲାଇନଗୁଡ଼ିକୁ ଦୋହରୀକରଣ ପାଇଁ ୩୨,୦୦୦ କୋଟି ଟଙ୍କା ଏବଂ ସେଗୁଡ଼ିକୁ ଗଜ୍ ଲାଇନରେ ପରିଣତ କରିବା ପାଇଁ ୪,୫୫୦ କୋଟି ଟଙ୍କା ବଜେଟ୍ ସ୍ଥିର କରାଯାଇଛି।

- ବଜେଟରେ ସିଗନାଲିଂ ଏବଂ ଟେଲିକମ୍ ପାଇଁ ୬,୮୦୦ କୋଟି ଟଙ୍କା, ବିଦ୍ୟୁତ୍ ଲାଇନ ପାଇଁ ୬,୧୫୦ କୋଟି ଟଙ୍କା, କର୍ମଚାରୀ କଲ୍ୟାଣ ପାଇଁ ୮୩୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।
- ୨୦୨୫ ଆର୍ଥିକ ବର୍ଷରେ ଜାତୀୟ ହାଇସ୍ପିଡ୍ ରେଲ୍ କର୍ପୋରେସନକୁ ୨୧ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥକୁ ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ଖର୍ଚ୍ଚ କରାଯିବ।
- ରେଳ କର୍ମଚାରୀଙ୍କ ତାଲିମ ପାଇଁ ୩୦୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୪୫ ହଜାର କୋଟି ଟଙ୍କା ରେଳ ସୁରକ୍ଷା ପାଣ୍ଠିକୁ ସ୍ଥାନାନ୍ତର କରାଯିବ।
- ଭାରତୀୟ ରେଳ ୧୭୦୦୦ ଅଣ-ଶିତତାପ ନିୟନ୍ତ୍ରିତ ସ୍ଲିପର ଏବଂ ଜେନରାଲ କୋଚ୍ ନିର୍ମାଣ କରିବାକୁ ଯୋଜନା କରୁଛି। ଯାହାଫଳରେ ଲୋକେ କମ୍ ଖର୍ଚ୍ଚରେ ଯାତ୍ରା କରି ପାରିବେ।
- ଅମୃତ ଭାରତ ଟ୍ରେନ୍‌ର ସଂଖ୍ୟା ବୃଦ୍ଧି କରାଯିବ। ଏହି ନୂତନ ଧରଣର ରେଳର ଗତି ୧୩୦ କି.ମି.। ସରକାର ଏଭଳି ୧୦୦ଟ୍ରେନ୍ ଚଳାଇବାକୁ ପ୍ରତିଶ୍ରୁତି ବଦ୍ଧ ବୋଲି କୁହାଯାଇଛି। ସେହିପରି ୨ରୁ ୩ ବର୍ଷ ମଧ୍ୟରେ ବନ୍ଦେ ଭାରତ ସଂଖ୍ୟା ୨୦୦ ହେବ।
- ରେଳ ଦୁର୍ଘଟଣା ହ୍ରାସ କରିବା ପାଇଁ ରେଳ ମନ୍ତ୍ରଣାଳୟ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଯାଉଛି। ଏହା ଅଧୀନରେ, ଦେଶର ପ୍ରମୁଖ ରେଳ ରୁଟରେ କବଚ ଅପଗ୍ରେଡେଡ୍ ସଂସ୍କରଣ ୪.୦ ସ୍ଥାପନ କରିବାର କାର୍ଯ୍ୟ ଦ୍ରୁତ ଗତିରେ କରାଯିବ।
- ଦିଲ୍ଲୀ-ମୁମ୍ବାଇ ଏବଂ ଦିଲ୍ଲୀ-କୋଲକାତା ଭାରତୀୟ ରେଳର ସବୁଠାରୁ ବ୍ୟସ୍ତ ରୁଟ୍ ମଧ୍ୟରୁ ଗୋଟିଏ। ଏହି ଉଭୟ ରୁଟ୍‌କୁ କବଚରେ ସଜ୍ଜିତ କରାଯାଉଛି। ଏହା ବ୍ୟତୀତ, ମୁମ୍ବାଇ-ଚେନ୍ନାଇ ଏବଂ ଚେନ୍ନାଇ-କୋଲକାତା ରୁଟରେ ମଧ୍ୟ କବଚ ସ୍ଥାପନ କରାଯିବ। ଏହିପରି, ପ୍ରାୟ ୯ ହଜାର କିଲୋମିଟର ଲମ୍ବା ଟ୍ରାକକୁ ପଥରରେ ସଜ୍ଜିତ କରିବାର ଯୋଜନା ଅଛି।



## କେଉଁ କ୍ଷେତ୍ରକୁ କେତେ

| କ୍ଷେତ୍ର | ଆବଣ୍ଟନ (କୋଟିରେ) |
|---|---|
| ପ୍ରତିରକ୍ଷା | ୪, ୯୧, ୭୩୨ |
| ପରିବହନ | ୨, ୮୭, ୩୩୩ |
| ଗ୍ରାମୀଣ ବିକାଶ | ୨, ୬୬, ୮୧୭ |
| ରେଳ | ୨, ୫୫, ୪୫୫ |
| ଗୃହ | ୨, ୩୩, ୨୧୧ |
| କୃଷି | ୧, ୭୧,୪୩୭ |
| ଶିକ୍ଷା | ୧, ୨୮, ୬୫୦ |
| ସ୍ୱାସ୍ଥ୍ୟ | ୯୮, ୩୧୧ |
| ସହରୀ ବିକାଶ | ୯୬, ୭୭୭ |
| ଆଇଟି ଏବଂ ଟେଲିକମ୍ | ୯୫, ୨୯୮ |
| ଶକ୍ତି | ୮୧, ୧୭୪ |
| ବାଣିଜ୍ୟ ଏବଂ ଉଦ୍ୟୋଗ | ୬୫, ୫୫୩ |
| ସାମାଜିକ କଲ୍ୟାଣ | ୬୦, ୦୫୨ |
| ବିଜ୍ଞାନ ବିଭାଗ | ୫୫, ୬୭୯ |

## ଶସ୍ତା

ଜୀବନ ରକ୍ଷକ ଔଷଧ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଏଲସିଡି/ଏଲଇଡି ଟିଭି, ମୋବାଇଲ ଫୋନ, ଜାହାଜ ନିର୍ମାଣ, ଜୋତା, ଚପଲ, ହ୍ୟାଣ୍ଡବ୍ୟାଗ୍ ଏବଂ ଫର୍ଣ୍ଣିଚର, ମୂଲ୍ୟବାନ ଖଣିଜ ଦ୍ରବ୍ୟ, ଇଲେକଟ୍ରିକ୍ କାର୍

## ମହଙ୍ଗା

ଟିଭି ଓ ମୋବାଇଲ ଫୋନରେ ବ୍ୟବହୃତ ଫ୍ଲାଟ ପ୍ୟାନେଲ ଡିସପ୍ଲେ, ସାମାଜିକ କଲ୍ୟାଣ ସରଚାର୍ଜ, ହାତବୁଣା ପୋଷାକ

# ସହର ହେବ ବିକାଶ କେନ୍ଦ୍ର

## ଏକ ଲକ୍ଷ କୋଟି ଟଙ୍କାର 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ'

ଗତ ଜୁଲାଇ ବଜେଟରେ 'ସହରକୁ ବିକାଶ କେନ୍ଦ୍ର' ଭାବେ ଘୋଷଣା କରାଯାଇଥିବା ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ୧ ଲକ୍ଷ କୋଟି ଟଙ୍କାର 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଗଠନ କରିବେ।



- ଏହି ପାଣ୍ଠି ବଣ୍ଡ, ବ୍ୟାଙ୍କ ଋଣ ଏବଂ ପିପିପି ମାଧ୍ୟମରେ ଅତି କମରେ ୫୦ ପ୍ରତିଶତ ଅର୍ଥ ପ୍ରଦାନ କରିବା ସର୍ତ୍ତରେ ବିଶ୍ୱସନୀୟ ପ୍ରକଳ୍ପଗୁଡ଼ିକର ମୂଲ୍ୟର ୨୫ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରିବ। ଏବାବଦରେ ୨୦୨୫-୨୬ ବର୍ଷ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି।
- ବଜେଟରେ ମୌଳିକ ଭୂସ୍ଥାନୀୟ ଭିତ୍ତିଭୂମି ଏବଂ ଡାଟା ବିକାଶ ପାଇଁ 'ନ୍ୟାସନାଲ ଜିଓସ୍ପେସାଲ ମିଶନ' ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଗତି ଶକ୍ତିର ଉପଯୋଗ କରି ଏହି ମିଶନ ଜମି ରେକର୍ଡର ଆଧୁନିକୀକରଣ, ସହରୀ ଯୋଜନା ଏବଂ ଭିତ୍ତିଭୂମି ପ୍ରକଳ୍ପର ଡିଜାଇନକୁ ସକ୍ଷମ କରିବ।
- ଅନଲାଇନ୍ ପ୍ଲାଟଫର୍ମରେ ସେମାନଙ୍କ ପରିଚୟପତ୍ର ଏବଂ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣ କରିବେ। ସେମାନଙ୍କୁ ପିଏମ୍ ଜନ ଆରୋଗ୍ୟ ଯୋଜନା ଅଧୀନରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଏହି ପଦକ୍ଷେପ ଦ୍ୱାରା ପାଖାପାଖି ୧ କୋଟି ଶ୍ରମିକଙ୍କୁ ସହାୟତା ମିଳିବ।
- ପିଏମ୍ ସ୍ୱନିଧିରେ ୬.୮ ନିୟୁତ ଷ୍ଟ୍ରିଟ୍ ଭେଣ୍ଡରଙ୍କ ୩୦,୦୦୦ ବର୍ଦ୍ଧିତ ଋଣ ସହିତ ୟୁପିଆଇ ଲିଙ୍କ୍ କ୍ରେଡିଟ୍ କାର୍ଡ ଏବଂ ଦକ୍ଷତା ବିକାଶ ସହାୟତା ସହିତ ଏହି ଯୋଜନାର ନବୀକରଣ କରାଯିବ।

# ବଜେଟ ଭାଷଣ କେଉଁ ବର୍ଷରେ କେତେ ସମୟ



**୨୦୧୯** — ପ୍ରଥମ ବଜେଟ — ୧୩୭ ମିନିଟ୍

**୨୦୨୦** — ଦ୍ୱିତୀୟ ବଜେଟ — ୧୬୦ ମିନିଟ୍





**୨୦୨୧** — ତୃତୀୟ ବଜେଟ — ୧୦୯ ମିନିଟ୍

**୨୦୨୨** — ଚତୁର୍ଥ ବଜେଟ — ୯୦ ମିନିଟ୍





**୨୦୨୩** — ପଞ୍ଚମ ବଜେଟ — ୮୭ ମିନିଟ୍

**୨୦୨୪** — ଅନ୍ତରୀଣ ବଜେଟ — ୪୫ ମିନିଟ୍





**୨୦୨୪** — ସପ୍ତମ ବଜେଟ — ୮୩ ମିନିଟ୍

**୨୦୨୫** — ୭୭ ମିନିଟ୍



# କେୱାଇସି ସରଳୀକରଣ

ଏଥର ବଜେଟରେ ସରକାର ୨୦୨୫ରେ ପ୍ରସ୍ତାବିତ ସଂଶୋଧିତ କେନ୍ଦ୍ରୀୟ କେୱାଇସି ରେଜିଷ୍ଟ୍ରିର ଶୁଭାରମ୍ଭ କରିବେ। କେୱାଇସି ପ୍ରକ୍ରିୟାର ସରଳୀକରଣ ସମ୍ପର୍କରେ ପୂର୍ବ ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ୨୦୨୫ରେ ନବୀକୃତ କେନ୍ଦ୍ରୀୟ କେୱାଇସି ରେଜିଷ୍ଟ୍ରିକୁ କାର୍ଯ୍ୟକ୍ଷମ କରାଯିବ। ନିୟମିତ ଅପଡେଟ୍ ପାଇଁ ଏକ ସୁବ୍ୟବସ୍ଥିତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।



# ୭୭ ମିନିଟ୍ ଭାଷଣରେ ୫ଥର ପାଣି ପିଇଲେ ନିର୍ମଳା

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ସଂସଦରେ ଅଷ୍ଟମ ଥର ପାଇଁ ବଜେଟ୍ ଉପସ୍ଥାପନ କରିଥିଲେ। ସେ ସଂସଦରେ ପହଞ୍ଚିବା ପରେ ବଜେଟ୍ ଅଭିଭାଷଣ ଆରମ୍ଭ ମାତ୍ରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ମହାକୁମ୍ଭ ମେଳାରେ ଅବ୍ୟବସ୍ଥାକୁ ନେଇ ଗୃହରେ ହୋହଲ୍ଲା ଆରମ୍ଭ କରିଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ଏଭଳି ନ କରିବାକୁ ରୋକିବାରୁ ଅଖିଳେଶଙ୍କ ସମେତ ବହୁ ବିରୋଧୀ ଦଳ ସଦସ୍ୟ ଗୃହ ଛାଡି ପଳାଇଥିଲେ। କିନ୍ତୁ ବଜେଟ୍ ଆରମ୍ଭରୁ ଏଭଳି ଅବସ୍ଥାକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ବୀତସ୍ପୃହ ହୋଇପଡ଼ିଥିଲେ। ତାଙ୍କର ମାତ୍ର ୭୭ ମିନିଟ୍ ଭାଷଣ ସମୟରେ ସେ ପାଞ୍ଚ ଥର ପାଣି ପିଇବା ଦେଖାଯାଇଥିଲା। ୧୧.୦୧ ମିନିଟ୍ରେ ବଜେଟ୍ ଅଭିଭାଷଣ ଆରମ୍ଭ ହୋଇଥିଲା ବେଳେ ସେ ୧୧.୨୪,୧୧.୨୭,୧୧.୪୪,୧୧.୫୬ ଏବଂ ୧୨.୧୬ ମିନିଟ୍ରେ ପାଣି ପିଇଥିଲେ।



## ନିର୍ମଳାଙ୍କୁ ଦହି ଚିନି ଖୁଆଇଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦକୁ ଆସିବା ପୂର୍ବରୁ ପ୍ରଥମେ ରାଷ୍ଟ୍ରପତି ଭବନ ଯାଇଥିଲେ। ବଜେଟ୍ ଉପସ୍ଥାପନ ପାଇଁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମତି ଲୋଡିଥିଲା ବେଳେ ଏହି ସମୟରେ ରାଷ୍ଟ୍ରପତି ତାଙ୍କୁ ଦହି ଚିନି ଖୁଆଇ ଶୁଭ କାମନା ଜଣାଇଥିଲେ। ଯେକୌଣସି ଅର୍ଥମନ୍ତ୍ରୀ ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ ରାଷ୍ଟ୍ରପତିଙ୍କ ଶୁଭାଶିଷ ନେବାର ପରମ୍ପରା ରହିଥିବାରୁ ଆଜି ଏହାକୁ ମଧ୍ୟ ପାଳନ କରିଥିଲେ ନିର୍ମଳା

## ବିରୋଧୀଙ୍କ କକ୍ଷତ୍ୟାଗ

କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ ପାଇଁ ସଂସଦରେ ପହଞ୍ଚିବା ପରେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। କିନ୍ତୁ ଏହାପରେ ବିରୋଧୀ ସଦସ୍ୟମାନେ ବଜେଟ୍‌କୁ ବିରୋଧ କରି ପ୍ରଥମେ ହୋହଲ୍ଲା ଆରମ୍ଭ କରିଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ଗୃହରେ ଶାନ୍ତି ବଜାୟ ରଖିବା ଲାଗି ବାରମ୍ବାର ସୂଚାଇଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ଏହାକୁ ମାନି ନଥିଲେ। ପରେ ପରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସମେତ ବହୁ ବିରୋଧୀ ସଦସ୍ୟ ଗୃହ ଛାଡି ବାହାରକୁ ଚାଲି ଯାଇଥିଲେ। ଅନ୍ୟପକ୍ଷରେ ଗୃହରେ ରହିଥିବା ଅନ୍ୟ ବିରୋଧୀ ସଦସ୍ୟମାନଙ୍କୁ ନିର୍ମଳାଙ୍କୁ ସମର୍ଥନ କରି ପ୍ରତି ଘୋଷଣାରେ ଟେବୁଲ ବାଡେଇ ସ୍ୱାଗତ କରିବାକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ପରୋକ୍ଷରେ ଇସାରା କରିଥିଲେ।

# ରାଉରକେଲା ପାଇଁ ବଡ଼ ବିମାନବନ୍ଦର ଆବଶ୍ୟକ: ମୁଖ୍ୟମନ୍ତ୍ରୀ



**ରାଉରକେଲା, ୧।୨(ସମିସ)**

ରାଉରକେଲା ସହର ପାଇଁ ବଡ଼ ବିମାନବନ୍ଦର ଆବଶ୍ୟକତା ରହିଛି। ରାଉରକେଲାରେ ରହିଥିବା ବିମାନବନ୍ଦରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସରକାର ଏହାକୁ ଗୁରୁତର ଭାବେ ବିଚାର କରୁଛନ୍ତି ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଲେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ପାଇଁ ବଜେଟ ଆଗତ କରିଛନ୍ତି। ଏଥର ବଜେଟର ଆକାର ରେକର୍ଡ ୫୦ ଲକ୍ଷ ୬୫ ହାଜର କୋଟି ଟଙ୍କା, ଯାହା ଦେଶର ପ୍ରଗତି ଏବଂ ବିକାଶକୁ ଏକ ନୂତନ ଦିଶା ପ୍ରଦାନ କରିବ। ଆୟକର ଦାତାଙ୍କ ପାଇଁ ୧୨ ଲକ୍ଷ ଟଙ୍କା ଅର୍ଥାତ ମାସକୁ ଏକ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କ ପାଇଁ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ। ଏହାଦ୍ୱାରା ସେମାନେ ଅତି କମ୍‌ରେ ପ୍ରାୟ ୮୦ ହଜାର ଟଙ୍କା ସଞ୍ଚୟ କରିବେ ଯାହା ଭାରତୀୟ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ। ଏହି ନୂତନ ଯୋଜନାରେ ଦେଶର ୧ କୋଟି ୭୦ ଲକ୍ଷ ଚାଷୀ ଉପକୃତ ହେବେ। ପରିବର୍ତ୍ତିତ ସୁଧ ରିହାତି ଯୋଜନା ଅଧୀନରେ କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ଋଣ ସୀମା ୩ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ଘୋଷଣା ଚାଷୀମାନଙ୍କୁ ଆବଶ୍ୟକୀୟ ନଗଦ ରାଶି ଯୋଗାଇବାରେ ସହାୟକ ହେବ। ଚଳିତ ବଜେଟରେ ରେକର୍ଡ ୧୫ ଲକ୍ଷ ୫୦ ହଜାର କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ ପ୍ରାବଧାନ କରାଯାଇଛି। ଏଥି ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୪ ହଜାର ୮୩୨ କୋଟି ଟଙ୍କା ପ୍ରାବଧାନ କରାଯାଇଛି, ଯାହା ଚଳିତବର୍ଷ ପାଇଁ ୩୨ ହଜାର ୪୨୬ କୋଟି ଟଙ୍କା ଥିଲା। ଜଳ ଜୀବନ ମିଶନ ଯୋଜନାରେ ରେକର୍ଡ ୬୭ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ଚଳିତ ବଜେଟରେ ୨୨ ହଜାର ୬୯୪ କୋଟି ଟଙ୍କା ଥିଲା। କେନ୍ଦ୍ର ଟିକସରୁ ରାଜ୍ୟ ଅଂଶ ବାବଦକୁ ୨୦୨୪/୨୫ ବର୍ଷ ପାଇଁ ୫୫, ୩୩୨ କୋଟି ଟଙ୍କା ଆକଳନ କରାଯାଇଥିବା ବେଳେ ୨୦୨୫-୨୬ ରେ ଓଡ଼ିଶାକୁ ୬୪୪୦୮ କୋଟି ଟଙ୍କା ମିଳିବ। ପ୍ରଧାନମନ୍ତ୍ରୀଙ୍କ ଫୋକସରେ ଓଡ଼ିଶା ରହିଛି ଏବଂ ଏହା ରାଜ୍ୟ ପାଇଁ ବିକାଶର ନୂତନ ଶିଖର ଛୁଇଁବ। ମୋଟାମୋଟି ଭାବେ କହିବାକୁ ଗଲେ ୨୦୨୫ - ୨୬ ଆର୍ଥିକ ବର୍ଷ ପାଇଁ ଆଗତ ବଜେଟ ହେଉଛି ଲୋକାଭିମୁଖୀ, ଲୋକ କଲ୍ୟାଣକାରୀ, ରୋଜଗାର ସୃଷ୍ଟିକାରୀ ଏବଂ ବିକାଶମୁଖୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଉପସ୍ଥିତ ଥିଲେ।

## ବଜେଟ୍‌କୁ ନେଇ ପ୍ରତିକ୍ରିୟା

### ବଜେଟ ବିକଶିତ ଭାରତ ଆଡ଼କୁ ଏକ ପଦକ୍ଷେପ



କନ୍‌ଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି)ର ଜାତୀୟ ଅଧ୍ୟକ୍ଷ ବ୍ରିଜମୋହନ ଅଗ୍ରୱାଲ କହିଛନ୍ତି ଯେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଜି ଉପସ୍ଥାପିତ କେନ୍ଦ୍ରୀୟ ବଜେଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନ୍ତର୍ଭୁକ୍ତିମୂଳକ ବିକାଶର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ପଡ଼ିବ ନାହିଁ ଏବଂ ୨୫ ଲକ୍ଷ ଟଙ୍କା ଆୟ ଥିବା ବ୍ୟକ୍ତିଙ୍କୁ ୧ ଲକ୍ଷ ଟଙ୍କାର ଟିକସ ଲାଭ ମିଳିବ। ଏହି ବଜେଟ୍ ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ଦୃଢ଼ ପଦକ୍ଷେପ ଏବଂ ଦେଶର ଆର୍ଥିକ ବିକାଶକୁ ନୂତନ ଶିଖରରେ ପହଞ୍ଚାଇବାରେ ପ୍ରମାଣିତ ହେବ। ବ୍ୟବସାୟ ଜଗତକୁ ସୁବିଧା ଯୋଗାଇବା ପାଇଁ ଟିକସରେ ସନ୍ତୁଳନ ବଜାୟ ରଖାଯାଇଛି। ଭିତ୍ତିଭୂମିରେ ନିବେଶ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ। ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ପ୍ରୋତ୍ସାହନ ଯୋଜନା ଭାରତୀୟ ଅର୍ଥନୀତିକୁ ନୂତନ ଦିଗଦର୍ଶନ ଦେବ ବୋଲି ସେ କହିଛନ୍ତି।

### ‘ମଧ୍ୟବିତ୍ତଙ୍କ ପାଇଁ ପ୍ରଥମଥର ଫୋକସ୍ କରାଯାଇଛି’

ବଜେଟ୍‌କୁ ନେଇ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଚ୍ୟାମ୍ବରର ଅଧ୍ୟକ୍ଷ ପ୍ରଭାତ ଅଗ୍ରୱାଲଙ୍କ ସମେତ ସାଧାରଣ ସମ୍ପାଦକ ସନ୍ତୋଷ ଅଗ୍ରୱାଲ, ମନୀଷ ମୋଦୀ, ସୁବାସ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ପୱନ ଅଗ୍ରୱାଲ, ରୋହିତ ଗୁପ୍ତା, ଅଙ୍କିତ ଅଗ୍ରୱାଲ, ରାମୋତାର ଅଗ୍ରୱାଲ, ଦିଲୀପ କର, ଆର୍ ଏ ନାୟାର, ମନୋଜ ରତେରିଆ, ଗୁରୁମିତ ସିଂହ, ବିଡି ଅଗ୍ରୱାଲ, ରାକେଶ ସିଂହ, ସଞ୍ଜୟ ଅଗ୍ରୱାଲ, ସୁଦୀପ ଗୌତମ, ନରେଶ ଅଗ୍ରୱାଲ, ପ୍ରଦୀପ ଦାଶ, ସନ୍ତୋଷ ପାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ବଜେଟରେ ମଧ୍ୟବିତ୍ତ ଶ୍ରେଣୀଙ୍କ ପାଇଁ ପ୍ରଥମଥର ଫୋକସ୍ କରାଯାଇଛି ଏବଂ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ଅଧ୍ୟକ୍ଷ ପ୍ରଭାତ ଟେବ୍ରିୱାଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ୧୨ ଲକ୍ଷରୁ ୨୦ ଲକ୍ଷ ଆୟ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ କମ୍ ଟାକ୍ସ ସ୍ଲାବ ମଧ୍ୟରେ ରଖାଯାଇଛି। ସିନିୟର ସିଟିଜେନ ବରିଷ୍ଠ ନାଗରିକଙ୍କ ପାଇଁ ସୁଧ ଉପରେ ରିହାତି ୫୦ହଜାର ଟଙ୍କାରୁ ବର୍ଦ୍ଧିତ କରାଯାଇ ଦୁଇଗୁଣା କରାଯାଇ ୧ଲକ୍ଷ ଟଙ୍କା କରାଯାଇଛି। ଟିଡିଏସ୍ ୨.୫ଲକ୍ଷ ଛାଡ଼ରୁ ୬ଲକ୍ଷକୁ ବୃଦ୍ଧି କରାଯାଇଛି। କୃଷି କ୍ଷେତ୍ର, ଶିଳ୍ପ କ୍ଷେତ୍ର ଏବଂ ଏସ୍‌ଏମ୍‌ଇ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ କରାଯାଇ ମଧ୍ୟବିତ୍ତ ଶ୍ରେଣୀଙ୍କ ଉନ୍ନତି ପାଇଁ ବଜେଟ୍ ସମ୍ପୂର୍ଣ୍ଣ ଉତ୍ତମ ବୋଲି ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ପ୍ରତିକ୍ରିୟାରେ କୁହାଯାଇଛି।

### ସାଧାରଣ ଲୋକଙ୍କ ପାଇଁ ବଜେଟ୍



ଏହି ବଜେଟ ଏକ ଲୋକାଭିମୁଖୀ ତଥା ସାଧାରଣ ଲୋକଙ୍କ ପାଇଁ ବଜେଟ ବୋଲି କହିଛନ୍ତି ସମାଜସେବୀ ଅଶୋକ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ କହିଛନ୍ତି ଏହି ବଜେଟ ସମସ୍ତ ଆୟ ବର୍ଗର ଲୋକଙ୍କୁ ଫାଇଦା ଦେବା ସହ ବିଶେଷକରି ମଧ୍ୟବିତ୍ତ, କର୍ମଜୀବୀ, ଚାକିରିଆଙ୍କୁ ଲାଭ ପ୍ରଦାନ କରିବ। ମହିଳା ଉଦ୍ୟୋଗୀ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ୨ କୋଟି ଋଣ ପ୍ରଦାନ କରିବାକୁ ଏକ ଯୋଜନା ଘୋଷଣା କରିଛନ୍ତି। ଯାହା ଦ୍ୱାରା ସେମାନେ ସେମାନଙ୍କର ବ୍ୟବସାୟ ଆରମ୍ଭ କରିବାକୁ ସମର୍ଥ ହେବେ। ମହିଳା ସଶକ୍ତିକରଣ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିକ୍ରିୟାରେ କହିଛନ୍ତି।

### ଲୋକାଭିମୁଖୀ ବଜେଟ୍: ଥିଙ୍କର୍ସ ଫୋରମ



ବିତ୍ତୀୟ ଶୃଙ୍ଖଳା ଆଇନ୍ ର ଲକ୍ଷ୍ୟ ୪.୫ ପ୍ରତିଶତ ବିତ୍ତିୟ ନିୟନ୍ତ୍ରଣଠାରୁ ଆହୁରି କମ୍ ୪.୪ ପ୍ରତିଶତ ବିତ୍ତିୟ ନିୟନ୍ତ୍ରଣରେ ସୀମିତ ରଖିବା, ଏହା ଚକିତ କରିବା ସହ ସାମଗ୍ରିକ ଭାବେ ଅର୍ଥନୈତିକ ବାତାବରଣ ଅନୁକୂଳ ହେବ ବୋଲି ରାଉରକେଲା ଥିଙ୍କର୍ସ ଫୋରମ୍ର ଆବାହକ ନଳିନୀ କାନ୍ତ ଧର ପ୍ରତିକ୍ରିୟାରେ କହିଛନ୍ତି। ଚଳିତ ବଜେଟ୍ ଭିତ୍ତିଭୂମି ବିକାଶ ଅପେକ୍ଷା ଉପଭୋକ୍ତା କୁ ପ୍ରାଧାନ୍ୟ ଦେଇଛନ୍ତି। ୧.୭କୋଟି କୃଷକଙ୍କ ପାଇଁ ଧନ ଧନ୍ୟ କୃଷି ଯୋଜନା ସହ କୃଷି କ୍ଷେତ୍ରକୁ ପ୍ରାଧାନ୍ୟ, ଦ୍ୱିତୀୟ ଶ୍ରେଣୀ ସହରରେ ଜି.ସି.ସି. (ଦକ୍ଷତା କେନ୍ଦ୍ର) ପ୍ରତିଷ୍ଠା, ପର୍ଯ୍ୟଟନ, ବୟନ ଶିଳ୍ପ, ଖେଳଣାଶିଳ୍ପକୁ ପ୍ରୋତ୍ସାହନ ଦେଇ ଅଧିକ ରୋଜଗାର ସୃଷ୍ଟି, ବୀମା କ୍ଷେତ୍ରରେ ୧୦୦ ପ୍ରତିଶତ ବିଦେଶୀ ପୁଞ୍ଜିନିବେଶକୁ ଅନୁମତି, ଜୀବନ ରକ୍ଷାକାରୀ ଔଷଧ ଉପରେ ଟିକସ୍ ଛାଡ଼, ପରୋକ୍ଷକରକୁ ସରଳୀକରଣ ଇତ୍ୟାଦି ଅନେକ ଉତ୍ତମ ପଦକ୍ଷେପ।

## ଆଦର୍ଶ ପାଠାଗାରର ୩୦ତମ ପୁସ୍ତକ ମେଳା ଉଦ୍‌ଘାଟିତ

**ରାଉରକେଲା, ୧।୨(ସମିସ):** ଆଦର୍ଶ ପାଠାଗାର ଆୟୋଜିତ ୩୦ତମ ରାଉରକେଲା ପୁସ୍ତକମେଳା ସ୍ଥାନୀୟ ଭଞ୍ଜଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ପାଠାଗାରର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଓ ଅଶୋକ ବଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିପିୟୁଟିର କୁଳପତି ପ୍ରଫେସର ଡ. ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ମେଳାକୁ ଶୁଭାରମ୍ଭ କରିଥିଲେ। ସମାଜର ଦିଗଦର୍ଶକ ହେଉଛି ପୁସ୍ତକ ଯାହାକି ମନୁଷ୍ୟର ବଡ ବନ୍ଧୁ ବୋଲି କହିଥିଲେ। ପୁସ୍ତକ ଦ୍ୱାରା ହିଁ ପିଲାମାନଙ୍କ ମଧ୍ୟରେ ମାନସିକ ଓ ବୌଦ୍ଧିକତାର ବିକାଶ ହୋଇଥିବାବେଳେ ବହିର ଚାହିଦା ରହିଛି। ସଭାପତିତ୍ୱ ଅଭିଭାଷଣରେ ଶ୍ରୀ ମିଶ୍ର ଜାତିର ସମ୍ପତ୍ତି ସାହିତ୍ୟ ବୋଲି କହିବା ସହ ଚଳିତବର୍ଷ ଅଧିକ ପ୍ରକାଶକ ଓ ପୁସ୍ତକ ବିକ୍ରେତାମାନେ ଆସିଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ଉପସଭାପତି ଡ. ସନାତନ ପ୍ରଧାନ ଓ ଉପଦେଷ୍ଟା ଇଂ ଅଭୟ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପୁସ୍ତକ ମେଳାରେ ରାଜ୍ୟର ତଥା କଟକ, ଭୁବନେଶ୍ୱର, ଫୁଲବାଣୀ, ରାଞ୍ଚିରୁ ବିଭିନ୍ନ ପୁସ୍ତକ ବିକ୍ରେତା ଓ ପ୍ରକାଶକ ଏହି ମେଳାରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପାଠାଗାରର ସଦସ୍ୟ ବବିତା ମହାପାତ୍ର, ଡ.ଜୟନ୍ତୀ ପାଢ଼ୀ, ବିଜୟ ପାତ୍ର, ଟୁକୁଲା ପାଢ଼ୀ, ପର୍ଶୁରାମ ପଟ୍ଟନାୟକ, ଦୀନବନ୍ଧୁ ରଥ, ମନୋଜ କୁମାର ପଣ୍ଡା, ଜୟଶ୍ରୀ ଦାସ, କରୁଣାକର ପାଟ୍ଟଶାଣି, ଜ୍ୟୋତିରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ପଞ୍ଚାନନ ପାତ୍ର, ପ୍ରଳୟ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ଭାଲୁଲତା ଗ୍ରାମରେ ଶ୍ମଶାନ ଘାଟ ନିର୍ମାଣ



**ରାଉରକେଲା, ୧।୨(ସମିସ):** ସେଲ, ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର) ପଦକ୍ଷେପ ଅଧୀନରେ ବିଶ୍ରା ବ୍ଲକର ଭାଲୁଲତା ଗ୍ରାମରେ ଗୋଷ୍ଠୀ କଲ୍ୟାଣ କଳ୍ପେ ଏକ ଶ୍ମଶାନ ଘାଟ ସୁବିଧା ନିର୍ମାଣ ସହିତ ଆଉ ଏକ ଅଧ୍ୟାୟ ଯୋଡ଼ିଛି। ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଜାନୁଆରୀ ୨୧ ତାରିଖରେ ଏହି ସୁବିଧାର ଉଦ୍‌ଘାଟନ କରି ଏହାକୁ ଲୋକଙ୍କ ସେବା ପାଇଁ ଉତ୍ସର୍ଗ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ବି.କେ ଜୋଜୋ, ସିଏସ୍‌ଆର ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ୍ ମିତ୍ର, ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ, ଏଜିଏମ୍ ଟିବି ଟପ୍ପୋ ଏବଂ ଏଏନ୍‌ପତି ଉପସ୍ଥିତ ଥିଲେ। ଭାଲୁଲତାର ସରପଞ୍ଚ ବିଟା ମିଞ୍ଜ ଏବଂ ଜିଲ୍ଲା ପରିଷଦ ସଦସ୍ୟ ସୁନୀତା ମିଞ୍ଜ ଉପସ୍ଥିତ ଥିଲେ। ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଶ୍ମଶାନରେ ଚିତା ଜାଳିବା ପାଇଁ ଏକ କଂକ୍ରିଟ୍ ଛାତ ପ୍ଲାଟଫର୍ମ, ବେଞ୍ଚ ସହିତ ସଜ୍ଜିତ ଏକ ଖୋଲା ବିଶ୍ରାମସ୍ଥଳ ଏବଂ ଶେଷକୃତ୍ୟ ଓ ପୂଜାପାଠ ପାଇଁ ନଦୀ ନିକଟରେ ଘାଟ ରହିଛି। ଏହି ସୁବିଧା ଦ୍ୱାରା ବିଶ୍ରା ବ୍ଲକର ୧୪ଟି ପଞ୍ଚାୟତର ବାସିନ୍ଦା ଲାଭବାନ ହୋଇପାରିବେ। ଏହି ଶ୍ମଶାନ ସ୍ଥାନୀୟଲୋକଙ୍କର ଦୀର୍ଘକାଳୀନ ଆବଶ୍ୟକତାକୁ ପୂରଣ କରିବ, ବିଶେଷକରି ଗ୍ରାମାଞ୍ଚଳରେ ଯେଉଁଠାରେ ଶେଷକୃତ୍ୟ ପାଇଁ ଉପଯୁକ୍ତ ସୁବିଧାର ଅଭାବ ରହିଛି।

## ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଓକିଲ ସଂଘର ଶୋକ

**ରାଉରକେଲା, ୧।୨(ସମିସ):** ରାଉରକେଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ମାନନ ଉପାଧ୍ୟାୟଙ୍କ ଶୁକ୍ରବାର ଛେଣ୍ଡ କଲୋନୀସ୍ଥିତ ବାସଭବନରେ ୬୨ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସେ ଅନେକ ଦିନ ଧରି ମଧୁମେହ ଓ ଅନ୍ୟାନ୍ୟ ଦୁରାରୋଗ୍ୟରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ଅକାଳ ବିୟୋଗରେ ରାଉରକେଲା ଓକିଲ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଶନିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଉପାଧ୍ୟୟ ୧୯୯୦ ମସିହାରୁ ରାଉରକେଲା ଓକିଲ ସଂଘର ସଦସ୍ୟ ହୋଇ ନିଜର ଓକିଲାତି ଆରମ୍ଭ କରିଥିବାବେଳେ ଫୌଜଦାରୀ ଓ ଦେୱାନୀ ମାମଲା ଗୁଡ଼ିକ ପରିଚାଳନା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କର ଅକାଳ ବିୟୋଗ ଓକିଲ ସଂଘ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଆଇନଜୀବୀମାନେ ମତପ୍ରକାଶ କରିବା କରିଥିଲେ। ତାଙ୍କର ପ୍ରାର୍ଥୀବ ଶରୀର ରାଉରକେଲା ଓକିଲ ସଂଘ କାର୍ଯ୍ୟାଳୟରେ ପହଞ୍ଚିଲା ପରେ ସମସ୍ତ ସଦସ୍ୟ ତାଙ୍କର ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳିସଭାରେ ରାଉରକେଲା ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜ କିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଅନୁସୁର ହରି ଦୋରା, କୋଷାଧ୍ୟକ୍ଷ ଉପେନ୍ଦ୍ର ଶତପଥୀ, ଅଞ୍ଜନା ଗହିର, ସୁମିତା ନନ୍ଦ, ଏମ୍ ମାଲେଶ୍ୱରମ, ଭୀମପତି, ବିସ୍ମୟ ଦାସ, ପଙ୍କଜ ଦାଶ, ପ୍ରଫୁଲ୍ଲ ପାଢ଼ୀ, ଦିଲୀପ ଦାସ, ସିଏଚ୍ ରାମବାବୁ, ଆର୍‌କେ ବାଙ୍ଗ୍ରା, ଫୁଲଜେନ୍ସ ଏକ୍କା, ବିଶ୍ୱଜିତ ମହାନ୍ତି, ସୁରେଶ ମାଝୀ, ପବିତ୍ର ଜେନା, ଅବନୀ ପ୍ରଧାନ, ଯୁପି ସିଂହ, ପ୍ରଶାନ୍ତ ସେନାପତି ବୁଦ୍ଧିରାମ ସ୍ୱାଇଁ, ମାଧବ ନାୟକ, ଶକୁନ୍ତଳା ବେହେରାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।



## ଖୁଣ୍ଟଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବଣାଇଁ, ୧।୨(ସମିସ):** ବଣାଇଁ ଉପଖଣ୍ଡ ଖୁଣ୍ଟଗାଁଠାରେ ଅବସ୍ଥାପିତ ଆଦିବାସୀ ହରିଜନ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବାଳିକା ଉଚ୍ଚବିଦ୍ୟାଳୟର ଦ୍ୱାଦଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ଜେନା ପ୍ରଥମେ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଣାଇଁ ସହକାରୀ ଜିଲ୍ଲାପାଳ ନିର୍ମଳ ବିଶ୍ୱାଳ, ଓଡ଼ିଶା ପ୍ରଶାସନିକ ସେବା ପ୍ରଶିକ୍ଷାର୍ଥୀ ମୁକେଶ କୁମାର ପୃଥାଲ, ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାରଦିଆ, ସିଆରସିସି ଅଶ୍ୱିନୀ କୁମାର ବିଶ୍ୱାଳ, ସିଆରସିସି ହରିପଦ ଜେନା, ଲହୁଣିପଡ଼ା ଏବିଇଓ ନରହରି କିଷାନ, ଲହୁଣିପଡ଼ା ମଡେଲ ସ୍କୁଲ ପ୍ରଧାନଶିକ୍ଷକ ଶୀତଳ ପ୍ରସାଦ, ବଇଦପାଲି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାନୁପ୍ରଭା କୁଲୁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ, ଶୁଭଶ୍ରୀ ମଲ୍ଲିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବଣାଇଁ ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ମନୋମୁଗ୍ଧକର ଥିଲା। ଶିକ୍ଷୟିତ୍ରୀ ଚନ୍ଦନା ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ ଓ ଦିନବନ୍ଧୁ ସାହୁ, ଅନୀଲ କୁମାର ବେହେରା, ମୀନକେତନ ଅଟୀ, ରିଚି ପ୍ରଧାନ, ବିଣାପାଣୀ କିଷାନ ପ୍ରମୁଖ ସହଯୋଗ କରିଥିଲେ।

## ବସୁଧୈବ କୁଟୁମ୍ବକମ୍‌ର ସାମାଜିକ କାର୍ଯ୍ୟକ୍ରମ

ରାଉରକେଲା, ୧।୨(ସମିସ): ସହରର ଅନ୍ୟତମ ସାମାଜିକ ଅନୁଷ୍ଠାନ ବସୁଧୈବ କୁଟୁମ୍ବକମ୍ ତରଫରୁ ଛେଣ୍ଡବସ୍ତି ସ୍ଥିତ ଛେଣ୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କମ୍ବଳ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱ ଓ ଆବାହକ ହରିହର ଶତପଥୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆରଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ଇଂ ଅଭୟ କୁମାର ଦାସ ମୁଖ୍ୟଅତିଥି, ଶିକ୍ଷାବିତ୍ ପ୍ରାଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ, ଇଂ ନବଘନ ସାହୁ, ସିଆରସିସି ବିଦ୍ୟୁତପ୍ରଭା ସୂତାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଅନୀଲ କୁମାର ଦାଶ ଅନୁଷ୍ଠାନର ଲକ୍ଷ୍ୟ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଭାପତିତ୍ୱ ଅଭିଭାଷଣରେ ଶ୍ରୀମତୀ ପଟ୍ଟନାୟକ ପୂର୍ବରୁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଆସନ୍ତା କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଶ୍ରୀ ଦାସ, ଶିକ୍ଷୟିତ୍ରୀ ତନୁଶ୍ରୀ ମହାନ୍ତି, ହୃଷିକେଶ ବଳିଆର ସିଂହ, ଯୁଧିଷ୍ଠିର ବାରିକ, ପ୍ରତିମା ଶତପଥୀ, ଗୋପାଳ ପ୍ରସାଦ ଜେନା, ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**ବଣାଇଁ, ୧।୨(ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅଧୀନ ଠାକୁରପାଲି ପୁଷ୍ପ ମଞ୍ଜରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜରାବଗା ମାଧ୍ୟମିକ ଶିକ୍ଷାନୁଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ପଟେଲ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋଲ ପଞ୍ଚାୟତର ସରପଞ୍ଚ ମନୋଜ ମିର୍ଦ୍ଧା, ଜିଲ୍ଲା ପରିଷଦ ସଭ୍ୟ ଅପୀନ୍ଦ୍ର କିସାନ, ସୋଲ ମହୁଲଡିହି କ୍ଲଷ୍ଟରର ସିଆରସିସି ପଙ୍କଜ ହରିଜନ, କମଳ ସୁନିଆନ୍ତି, ସନ୍ତୋଷ କୁମାର ସିଂ, ବଟକୃଷ୍ଣ ସେଠୀ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୪ ଜଣ ପ୍ରମୁଖ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶୁଶାନ୍ତ କୁମାର ସେଠୀ, ପପୁନି ବେହେରା, ପ୍ରଜ୍ଞା ପ୍ରତିମା ମାହାନ୍ତ, ଅଶୋକ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୀମା ମୁନ୍ନା ଧନ୍ୟବାଦ ଅର୍ପଣ କରିଥିଲେ।



## ବଣାଇଁଗଡ଼ ମହାବିଦ୍ୟାଳୟର ବସନ୍ତ ଉତ୍ସବ

**ବଣାଇଁ, ୧।୨(ସମିସ):** ବଣାଇଁଗଡ଼ ମହାବିଦ୍ୟାଳୟର ୫୨ ତମ ବସନ୍ତ ଉତ୍ସବ ଶନିବାର ଅଧ୍ୟକ୍ଷ ଜେନାମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ମୁଖ୍ୟବକ୍ତା ଭାବରେ କୋଶଲ ହୁଣ୍ଡାଇର ପରିଚାଳନା ନିର୍ଦ୍ଦେଶିକା ଡ. ପଦ୍ମିନୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ମହା ବିଦ୍ୟାଳୟର ଆଲୁମିନି ଆସୋସିଏସନ ସଭାପତି ଶୁଭେନ୍ଦ୍ର ନାଥ ମଲ୍ଲିକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଜେନାମଣି ସାହୁ ବସନ୍ତ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ଛାତ୍ର ସଂସଦ ପରାମର୍ଶଦାତା ଅଧ୍ୟାପକ ଡ. ସତ୍ୟବ୍ରତ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ସୁନ୍ଦରଗଡ଼ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ବଣାଇଁର ପୂର୍ବତନ ଉପଜିଲ୍ଲାପାଳ ସୁରଞ୍ଜନ ସାହୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସର୍ବ ପୁରାତନ ଏହି ମହାବିଦ୍ୟାଳୟକୁ ଅନେକ ପ୍ରଶାସନିକ ସହଯୋଗ ରହିଛି ଓ ଛାତ୍ରଛାତ୍ରୀ ଶିକ୍ଷା କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କଲେ ସରକାର ଆକର୍ଷିତ ହେବେ ଓ ଏହା ଅନୁଷ୍ଠାନର ଉନ୍ନତିକୁ ବହୁଗୁଣିତ କରିବ ବୋଲି ମତ ରଖିଥିଲେ। ଅଧ୍ୟାପକ ତଥା ଏନ୍‌ସିସି ଅଧିକାରୀ ମେଜର ମୃତ୍ୟୁଞ୍ଜୟ ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ।

## ସାରାଙ୍କ କାର୍ଯ୍ୟକ୍ରମ ଦେଖିବାକୁ ଜନସମୁଦ୍ର

- ଷ୍ଟାଡିୟମରେ ଅବ୍ୟବସ୍ଥା
- ଗେଟ୍ ଓ ବ୍ୟାରିକେଡ୍ ଭାଙ୍ଗିଲେ





**ରାଉରକେଲା, ୧।୨(ସମିସ)**

ପୁରୁଷ ହକି ଇଣ୍ଡିଆ ଲିଗ୍ ଶନିବାର ବିର୍ସା ମୁଣ୍ଡା ଷ୍ଟାଡିୟମ୍ ଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରମରେ ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲି ଖାନ ଯୋଗ ଦେଇଥିଲେ। ତାଙ୍କୁ ଦେଖିବା ପାଇଁ ଷ୍ଟାଡିୟମ୍ ନିକଟରେ ଜନ ସମୁଦ୍ର ହୋଇଥିଲା। ଅପରାହ୍ଣ ପ୍ରାୟ ୪ଟାରୁ ଦର୍ଶକଙ୍କ ଆଗମନ ହୋଇଥିଲା। ସେତେବେଳେ ମାଗଣା ପ୍ରବେଶ କରାଯାଇ ଥିଲା। ପ୍ରାୟ ସାଢ଼େ ୫ଟା ବେଳେ ଅନଲାଇନ୍ ମାଗଣା ଟିକେଟ ଓ ଅଫଲାଇନ ଟିକେଟ ଯାଞ୍ଚ୍ କରାଯାଇ ଭିତରକୁ ପ୍ରବେଶ କରାଯାଇଥିଲା। ସେତେବେଳକୁ ଅଧିକାଂଶ ଦର୍ଶକ ପ୍ରବେଶ କରି ସାରିଥିଲେ। ଫଳରେ ଗ୍ୟାଲେରୀ ଫୁଲ୍ ହୋଇଯାଇ ଥିଲା। ଏହାର ସିଧାସଳଖ ପ୍ରଭାବ ହାତରେ ଟିକେଟ ଧରି ଧାଡ଼ିରେ ଛିଡା ହୋଇଥିବା ଦର୍ଶକଙ୍କ ଉପରେ ପଡ଼ିଥିଲା। କହିବାକୁ ଗଲେ ସେମାନଙ୍କୁ ଆଉ ଷ୍ଟାଡିୟମ୍ ଭିତରକୁ ପ୍ରବେଶ କରିବାକୁ ଦିଆଯାଇ ନଥିଲା। ଦୁଇ, ପାଞ୍ଚ ଓ ଛଅ ନମ୍ବର ଗେଟ ସମ୍ମୁଖରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଆମ ପାଖରେ ଟିକେଟ ଅଛି ତେବେ ଆମକୁ କାହିଁକି ଭିତରକୁ ପ୍ରବେଶ କରିବାକୁ ଦିଆଯାଉ ନାହିଁ ବୋଲି କହି ପାଟିତୁଣ୍ଡ ଆରମ୍ଭ କରି ଦେଇଥିଲେ। ଫଳରେ ଏହି ୩ଟି ଗେଟ୍ ସମ୍ମୁଖରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଦର୍ଶକ ୬ ନମ୍ବର୍ ଗେଟ ଠାରେ ଲଗାଯାଇ ଥିବା ବ୍ୟାରିକେଡ ଓ ୨ ନମ୍ବର୍ ଠାରେ ଗୋଟିଏ ଗେଟ ଭାଙ୍ଗି ଦେଇଥିଲେ। ପୁଲିସ ଗାଡ଼ି ସମେତ ଅନ୍ୟ ଗାଡି ଭିଡ଼ରେ ଫସି ରହିଥିଲା। ଏହି ଦୃଶ୍ୟ ରାତି ପ୍ରାୟ ସାଢେ ୮ଟା ପର୍ଯ୍ୟନ୍ତ ପରିଲକ୍ଷିତ ହୋଇଥିଲା। ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକ ମାନେ ମଧ୍ୟ ଷ୍ଟାଡିୟମ୍ ଭିତରକୁ ପ୍ରବେଶ କରି ପାରି ନ ଥିଲେ। ଦୁଇ ନମ୍ବର୍ ଗେଟ ଠାରେ ସ୍ଥିତି ବିଗିଡିବା ପରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ଏସ୍‌ପି ନିତେଶ ୱାଧୱାନୀଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀ ଓ ଫୋର୍ସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ମାମଲା ଶାନ୍ତ ପଡ଼ିଥିଲା। ସବୁଠୁ ବଡ଼ କଥା ହେଲା ଅଭିନେତ୍ରୀ ସାରା ପାଇଁ ଆଜିର ଏହି ଘଟଣା ଘଟିଥିବା ସୂଚନା ମିଳିଛି। ତେବେ ସାରାଙ୍କ କାର୍ଯ୍ୟକ୍ରମ ସରିବା ପରେ ଷ୍ଟାଡିୟମ୍ ବାହାର ଶାନ୍ତି ପରିବେଶ ହୋଇଯାଇଥିଲା।

# ସେଇ ବାର କପ୍ ଚା’



ଗାୟତ୍ରୀ ଦାସ

"ବାରକପ୍ ଚା’ !"

"ହଁ, ଲିଷ୍ଟରେ ଅଛି ତ !"

"ହେଲେ ପିଇଲା କିଏ ? ମା’ ପିଅନ୍ତିନି। ବାପା ଆଉ ତୁ ପିଇଥିଲେ ଚାରି କି ଛ’ କପ୍ ପିଇଥିବ।" ଏକଥା କହିଲାବେଳକୁ ବିକାଶର ସ୍ୱର କେମିତି ଅବିଶ୍ୱାସରେ ଛିଗୁଲେଇବା ପରି ଶୁଭିଲା। ମୁଁ ହଠାତ୍ ମନେପକେଇ ପାରିଲିନି ବାର କପ୍ ଚା’ ପିଇଲା କିଏ, ଯେଉଁଠି କି ମୁଁ ଆଦୌ ଚା’ ପିଏନି।

ପୁଣି କହିଲା, "ବାପାଙ୍କୁ ଚା’ ଟିକେ ପିଆଇଲୁ ବୋଲି ଲେଖିଛୁ ? ତୁମେମାନେ ବଡ଼ ହିସାବୀ। ଯେତେବେଳେ ମୁମ୍ବାଇ ଆସିଥିଲୁ, ମୋ ଘରେ ପୁଣି ଭଲ ଖାଇବା କରି ତୋତେ ଡିନର୍‌କୁ ଡାକିଥିଲି କି ନାହିଁ ?"

ବିକାଶର ଏ କଥା ଶୁଣି ମୋ’ ମଥା ଘୂରିଗଲା। କଲେଜ ବେଳୁ ଭଲ ସାଙ୍ଗଟେ ମୋର। ଖାଇବାକୁ ଡାକିଥିଲା ବୋଲି ଏମିତି ଛୋଟ କଥାଟେ କହୁଚି କେମିତି? ଦରକାର ବେଳେ ଅନେକ ସାହାଯ୍ୟ ଉଭୟ ଉଭୟଙ୍କୁ କରିଛୁ। କିନ୍ତୁ ଟଙ୍କା ପଇସାର ସାହାଯ୍ୟ ଏଇ ପ୍ରଥମ।

ମୁଁ କହିଲି – "ମାଛ କିଣିଲା ବେଳେ ତୋର ଗୁଗୁଲ ପେ’ କାମ କଲାନି ବୋଲି ମୁଁ ତ ଦେଇଥିଲି। ମନେରଖିଚୁ କି ନାହିଁ?"

- "ହଁ ମ, ତୁ ଟାକ୍ସିରେ ମୋ’ ଘରକୁ ଆସିଲୁ। ସେଇଟା ବି ତ ମୁଁ ଦେଇଥିଲି !"

- "ଆଉ ତୁ ଯେଉଁ ଦୁଇ କେଜି ବରହମପୁରୀ ଚ୍ୟବନପ୍ରାସ୍ ମଗେଇଥିଲୁ, ସେଇ ଟଙ୍କା ତ ମୁଁ ମାଗିନି!"

- "ବଜାରରେ ତୋ ଜୋତାଟା ଛିଡ଼ିଗଲା, ଜୋତାଟେ କିଣି ଦେଇଥିଲି କି ନାହିଁ ତୋତେ ପୁଣି? କେଡ଼େ ଛୋଟ ଲୋକଟା କିରେ ସାଙ୍ଗ ତୁ ? ବୁଢ଼ା ଲୋକଟାକୁ ବି ଠକିଦେଉଚୁ !"

ମୁଁ ମନେପକେଇ ପାରୁ ନଥିଲି ସେଇ ବାର କପ୍ ଚା’ର ହିସାବ। ଚୋର ଚୋର ଲାଗୁଥିଲା ନିଜକୁ। ତେଣୁ ଚୁପ୍ ରହିଲି। ଲିଷ୍ଟରେ ଥିଲା ସମୁଦାୟ ଛ’ ହଜାର ସାତ ଶହ ପଚାଶ ଟଙ୍କା। ଏତେ ପୁରୁଣା କଥା। ଆଜି ସେ ଫୋନ୍ ନକରିଥିଲେ ମନେ ପଡ଼ନ୍ତାନି। ଆଜି ପୁଣି ତା’ ବାପାମା’ଙ୍କୁ ନେଇ ମୋତେ ଆପୋଲୋ ହସ୍‌ପିଟାଲ ଯିବାକୁ କହିଲା। ପ୍ରାୟ ଦଶମାସ ତଳେ ଏମିତି ଦିନେ ଫୋନ୍ କରି ଅନୁରୋଧ କରିଥିଲା। ସେ ରହେ ମୁମ୍ବାଇରେ। ଭଉଣୀ ଭୁବନେଶ୍ୱରରେ। ବାପାମା’ ଯାଜପୁରର କେଉଁ ଗାଁରେ। ମୁଁ ଭୁବନେଶ୍ୱରରେ ରହେ ବୋଲି କେବେ କେମିତି ତା’ କାମରେ ଆସେ। ସେମାନେ ଗାଁରୁ ଟ୍ରେନ୍‌ରେ ଆସିଲେ। ଅଫିସ୍ ଛୁଟି ନେଲି। ତାଙ୍କୁ ଷ୍ଟେସନରୁ ଆଣିଲି ଓଲାରେ ହସ୍‌ପିଟାଲ। ସେଠାରେ ଡାକ୍ତର ଦେଖାଇଲି। ଟେଷ୍ଟ ପରେ ଟେଷ୍ଟ। କ୍ୟାଣ୍ଟିନ୍‌ରେ ଖାଇବେନି ବୋଲି ଭଲ ହୋଟେଲ ଆଣି ଖୁଆଇଲି। ଚାରିଟା ଯାଏଁ ଜଗିଲି। ତା’ ଭଉଣୀ ଭିଣୋଇ ଆସିବା ପରେ ତାଙ୍କ ଦାୟିତ୍ୱରେ ଦେଇ ଫେରିଲି।

ଆଜି ପୁଣି ଫୋନ୍ କରିଛି। ଭଉଣୀ ଘରେ ଯାଇଛନ୍ତି ବିଦେଶ ବୁଲି। ବାପା ଆସୁଛନ୍ତି ରେଗୁଲାର ଚେକ୍ ଅପ୍‌ରେ। ମା’ ବି ସାଥିରେ। ଟିକେ ଦେଖେଇ ଦେଇ ଟ୍ରେନ୍‌ରେ ବସେଇ ଦେବୁ। ମୋତେ ବଡ଼ ବିରକ୍ତ ଲାଗିଲା। ସେଦିନ ପରଠାରୁ ଦିନେ ଆଉ ଫୋନ୍ ନାହିଁ କି ଖବର ନାହିଁ। ଆଜି ପୁଣି କାମ ପଡ଼ିଲାରୁ କଲ୍ କରୁଚି। ସିଧା ମନା ତ କରି ପାରିବିନି। ଉପାୟ କଲି। କହିଲି – "ନେବି ଯେ, ଦଶ ହଜାର ଟଙ୍କା ମୋ’ ନମ୍ବରରେ ପଠେଇଦେ। ଝିଅର ଆଡ୍‌ମିଶନ୍‌ରେ ମୋ ଆକାଉଣ୍ଟ ଖାଲି।"

ସେ ଚୁପ୍ ହୋଇଗଲା ଟିକେ। କହିଲା – "ଓହୋ, ସେଥର ଯାହା ଖର୍ଚ୍ଚ କରିଥିଲୁ ଦେଇନି କି ମୁଁ? ଦେଖୁଛି ରହ।" ପୁଣି ଟିକେ ପରେ କହିଲା, "କ’ଣ ସବୁ ଖର୍ଚ୍ଚ ହେଇଛି ହିସାବ ରଖିଛୁ ଯଦି ଦେ।" –"ଏବେ ପଠେଇ ଦେଉଛି। ଘରକରଣା ଆରମ୍ଭ ଦିନୁ ଖର୍ଚ୍ଚ ସବୁ ଲେଖି ରଖିବା ମୋର ଅଭ୍ୟାସ।" ନୋଟ୍ ପ୍ୟାଡ୍‌କୁ ଯାଇ ଫରଓ୍ୱାର୍ଡ କରିଦେଲି। ସେଥିରେ ଦିନ ସାରାର ହସ୍‌ପିଟାଲ ଖର୍ଚ୍ଚ, ଖାଇବା ଖର୍ଚ୍ଚ, ଗାଡ଼ି ଖର୍ଚ୍ଚ ସହ ବାରକପ୍ ଚା’ ର ହିସାବ ଥିଲା। ମୁଁ ନିଜକୁ ସଚ୍ଚୋଟ ଦେଖେଇବାକୁ ଖର୍ଚ୍ଚ ଲିଷ୍ଟ ପଠେଇ ଦେଲି ସିନା, ମୁଁ କିନ୍ତୁ ବିକାଶ ଆଖିରେ ପ୍ରଶ୍ନ ହୋଇଗଲି।

ସେ କହିଲା – "ଆମେ ଅଡିଟ୍ ଲୋକ। ଛୋଟ ଛୋଟ ଭୁଲ ନଜରରେ ପଡ଼େ। ମଣିଷଟେ ହସ୍‌ପିଟାଲରେ ବାର କପ୍ ଚା’ କେମିତି ପିଇବ ?"

ମୁଁ କହିଲି – "ଆମେ ଲେଖକ ଲୋକ, ଭଲ ଭଲ ଜିନିଷ ହିଁ କେବଳ ଦେଖିପାରୁ।" ସେ ଆଉ କିଛି କହିଲାନି। ସନ୍ଦେହ ଓ ଅବିଶ୍ୱାସର ପ୍ରଖର ନିଃଶ୍ୱାସଟିଏ ମାରି ମୋତେ ଦଶହଜାର ଟଙ୍କା ପଠେଇ ଦେଲା।

ଏବେ ମୋ ଭାଗ ନିକିତି ପଲାଟା ହାଲୁକା ହୋଇ ଉପରକୁ ଉଠିଯାଇଥିଲା। ତେଣୁ ଛୁଟି ନେଇ ପୁଣି ମଉସା, ମାଉସୀଙ୍କୁ ଷ୍ଟେସନ୍‌ରୁ ଆଣି ଆପୋଲୋ ଗଲି। ସାରା ଦିନର ଡାକ୍ତର, ପାଥୋଲାବ୍, ଫାର୍ମାସୀ, ଦୌଡ଼ାଦୌଡ଼ିକରି ଶେଷରେ ସବୁ ରିପୋର୍ଟ ଆଉ ମେଡିସିନ୍ ବୁଝେଇ ଦେଇ ଟ୍ରେନ୍‌ରେ ବସେଇ ଦେଲି।

ଘରେ ପହଞ୍ଚିଲା ବେଳକୁ ବିକାଶ ତା’ ବାପାଙ୍କୁ ପଚାରି ବାକି ଟଙ୍କା ମୋ ନମ୍ବରରେ ପଠେଇ ସାରିଲାଣି। ମେସେଜ୍ ଦେଲା- ସବୁ ଶୁଝିହୋଇଗଲା ତୋର।

ମୁଁ ମନେ ମନେ ଭାବିଲି, ନିଜର ନହୋଇ ଘଣ୍ଟା ଘଣ୍ଟା କ୍ୟୁରେ ଠିଆ ହେବାର ମୂଲ୍ୟ ଏ କ’ଣ ଶୁଝେଇ ପାରିବ ! ବାର କପ୍ ଚା’ରେ ଯେ ବୁଡ଼ି ସଲିଳସମାଧି ନେଇ ସାରିଲାଣି ଆମ ବନ୍ଧୁତା! ଆଉ ଦିନେ ସେ ହକ୍‌ରେ କହି ପାରିବ, ନାଁ ମୁଁ ଆଗ୍ରହ କରିବି ତା’ ଫୋନ୍ ଉଠେଇବା ପାଇଁ?



ଧୁଆଧୋଇ ହୋଇ ହୋଇ ଆସିଲା ବେଳକୁ ପତ୍ନୀଙ୍କ କଲ୍ – "ଥର୍ମୋଫ୍ଲାସ୍କରେ ଚା’ ରଖି ଦେଇଛି, ପିଇ ନେବ। ପୁଅକୁ ଟ୍ୟୁସନ୍‌ରୁ ଆଣିବା ପାଇଁ ଆସିଛି !" ଥର୍ମୋଫ୍ଲାସ୍କ ଦେଖି ହଠାତ୍ ମନେ ପଡ଼ିଲା। ସେଇ ବାର କପ୍ ଚା’। ଝିଅ ଚା’ରେ ଚିନି ଦିଏନି ବୋଲି ସେଦିନ ମଉସା ଥର୍ମୋଫ୍ଲାସ୍କ ଭରି ମିଠା ଚା’ ସାଥିରେ ନେଇ ଯାଇଥିଲେ ଝିଅ ଘରକୁ। ■

ପପୁଲାର୍ ଷ୍ଟିଲ୍
ଦୁର୍ଗାବିହାର, ଅନୁଗୁଳ
ମୋ: ୮୨୪୯୫୮୬୪୪୩

# ପୁସ୍ତକ ପରିଚୟ

## ବଳିପୁଟିଆର ଗାଁ

ହୃଷୀକେଶ ମଲ୍ଲିକ



ପ୍ରବାହ
ଗୋବିନ୍ଦପୁର, କଟକ
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ: ୧୭୫ ଟଙ୍କା

'ଗାଁରୁ ଗାଁ ଯାଉଯାଉ/ କାଳେ ଫିଙ୍ଗି ଦେଇଥିବ ଠାର-ଚିଠି/ କୋଉ ମେଳି-ଛାମୁଆଁ ଫଉଜ ଡରେ/ ଆସେ ଖୋଜିବାକୁ ଜହ୍ନ/ ରାତି ହେଲେ.../ ହୁଲି ଡଙ୍ଗା ଚଢ଼ି ବୁଲେ ଆମ୍-ଘାଟିନୀ/ ବୋହୂଟିଏ, କାଳେ ମାଛ ଧରି ଆସିଥିବେ/ ତା’ ଛେଉଣ୍ଡ ପିଲେ।" (ବୁଢ଼ା ବଳଙ୍ଗ) ଗାଁ ଓ ପ୍ରକୃତିର ବାସ୍ତବ ଚିତ୍ର ବେଶ୍ ମାର୍ମିକ ଭାବେ ଉକୁଟି ଉଠିଛି କବି ହୃଷୀକେଶ ମଲ୍ଲିକଙ୍କ 'ବଳିପୁଟିଆର ଗାଁ' ପୁସ୍ତକର ଅନେକ କବିତାରେ। ମାଟି ମନସ୍କ କବି ସେ। ଗାଁ ପ୍ରେମରେ ବନ୍ଧା ସେ। ଗାଁ ମଣିଷର ଜୀବନଯନ୍ତ୍ରଣା, ମନୋରମ ଗ୍ରାମ୍ୟ ପରିବେଶର ଚିତ୍ର ହୃଦୟସ୍ପର୍ଶୀ ଭାବେ ପ୍ରତିଫଳିତ ହୋଇଛି ଏହି ପୁସ୍ତକର କେତେକ କବିତାରେ। 'ଜହ୍ନରାତି', 'ପଚାରନା, ସେ କିଏ', 'ଅନୀତାର ଗାଆଁ', 'ଗୋପୀଜେନା ଗାଁରେ ବର୍ଷା', ଆଦି କବିତାରେ ଧାନବିଲ, ପୋଖରୀ ହୁଡ଼ା, ଆମ୍ବତୋଟା, ନଦୀ, ଜହ୍ନରାତିର ବର୍ଣ୍ଣନା ଅଧିକ ଜୀବନ୍ତ ଓ ବର୍ଣ୍ଣିଳ ହୋଇଉଠିଛି। ପ୍ରକୃତିର ରୂପରେ ମୁଗ୍ଧ କବିଙ୍କ ମନ ପୁଣି କେତେବେଳେ ବିଦ୍ରୋହ କରି ଉଠେ ରୂଢ଼ିବାଦୀ ସମାଜ ବିରୁଦ୍ଧରେ। ପୁଣି କେତେବେଳେ ପ୍ରେମରେ ଉଚ୍ଛ୍ୱସିତ ହୋଇଉଠିଛି କବି ହୃଦୟ। 'ବଳିପୁଟିଆର ଗାଁ', 'କୁଆଡ଼େ ଯେ କିଏ ଚାଲିଯାଏ', 'ଗଣ୍ଡେଇ ନାନୀ', 'ବାଟହୁଡ଼ା ଜଣେ ସମଧର୍ମାଙ୍କୁ','ପ୍ରେମ ଜାଲ', 'ଶଙ୍କର ଭୋଇ', 'ଯୋଗିନୀ', 'ଅସଫଳ ପ୍ରେମ କବିତା' (୧), 'ରୋହିଁଗ୍ୟାର ନିଆଁ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ଏହି ପୁସ୍ତକର କବିତାଗୁଡ଼ିକ ପାଠକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ମେଘର ଘର



ପ୍ରଦୀପ ବିଶ୍ୱାଳ

କେଇବର୍ଷ ଖୋଜିଖୋଜି
ଅବଶେଷରେ ପହଞ୍ଚିଲି
ମେଘର ଘର
ମେଘାଳୟ।
ସେଠି ସୋରା ସୋରା
ଅତରର ବର୍ଷା
ଅନ୍ତରଙ୍ଗ
ଆବେଗର ସ୍ରୋତ
ବର୍ଷା ଏକ ସମ୍ମୋହନ
ଅନେକ ବର୍ଷର।
ସିଲଂର ସଂକୁଚିତ
ରାସ୍ତାର ଭିଡ଼ରେ
ଯେବେ ନଇଁ ଆସେ ସଞ୍ଜ
ଶୀତବସ୍ତ୍ର ପସରାରେ
ଲୁଚିଯାଏ ହେମାଳ ପବନ
କୁଣ୍ଡାଝଡ଼ା ମେଘ।
ସହର ପ୍ରାନ୍ତରେ
ବିସ୍ତୀର୍ଣ୍ଣ ହ୍ରଦର ଜଳରେ
ସୂର୍ଯ୍ୟାସ୍ତର ସୁନେଲୀ ଛବି
କୁହୁକର ଘର ପରି ଦିଶେ।
ଚେରାପୁଞ୍ଜିର ଚତୁର ମେଘ
ଝୁଲିଥାଏ ଆକାଶ ପହ୍ନାରୁ
ଓଦା କରିଦେବ କେବେ
ନିମିଷକେ ତମ ଅଜାଣତେ।
ଗୁମ୍ଫାର ଅନ୍ଧାର ସୁଡ଼ଙ୍ଗ ଦେଇ
ଗଲାବେଳେ ଲାଗେ
କେହିଜଣେ ଅଶରୀରୀ ଆତ୍ମା
ଆସୁଅଛି ଲୁଚିଲୁଚି ପଛରୁ ତମର
ଛାତିରେ ଛନକା ପଶେ
ଜଣା ତ ପଡ଼େନା
କେଉଁଠି ପଡ଼େ
ଟଳମଳ ପାଦ।
ଫେରିଲା ବାଟରେ
ଆକସ୍ମିକ ଆବିର୍ଭାବ ହୁଏ
ଘନ କୁହୁଡ଼ି ପରି ମେଘ ଖଣ୍ଡେ
ଦୂର ପାହାଡ଼ ଉହାଡ଼ୁ
ଏବଂ ଦେହ ମୁହଁ
ସବୁ ଓଦା କରିଦିଏ
ସେ ମେଘର ମାତାଲୀ ମନ
ହୃଦୟକୁ ଆଛନ୍ନ କରେ
ଅନ୍ତର୍ହିତ ହେଇଯାଏ
ଯୁଗଯୁଗ ଅପେକ୍ଷାର କଷ୍ଟ। ■

ମୋ: ୯୪୩୭୧୭୧୫୮୫

## ସମୁଦ୍ର କୂଳର ଝିଅ



ସୁରେଶ ସାଗର

ତନ୍ତ୍ରୀ ଛିଣ୍ଡିଗଲା ପରେ
ଯେମିତି ବୀଣାର ସ୍ୱର ହଜିଯାଏ
ସେମିତି କଥା କହୁକହୁ
ହଠାତ୍ ଚୁପ୍ ହେଇଯାଏ
ସମୁଦ୍ର କୂଳର ଝିଅ !

ବୋଧହୁଏ କାଲି ରାତିରେ
ଥକି ପଡ଼ିଥିଲା ପବନ,
ସେଇଥି ପାଇଁ ତ
ଆସ୍ତେ ଆସ୍ତେ ବହୁଥିଲା
ଯେମିତି ଦିନ ତମାମ
ଖଟିଖଟି କ୍ଳାନ୍ତ ହୋଇପଡ଼େ
ମିସେସ୍ ଆଚାର୍ଯ୍ୟ,
ଆଉ ପବନ ଛୁଉଁ ନଥିଲା ବୋଲି
ଖୁବ୍ ଶାନ୍ତ ଥିଲା ସମୁଦ୍ର,
ତଥାପି ମୁଁ ଦେଖୁଥିଲି
ତା’ କଥାକୁହା ନୀଳ ଆଖି
କେମିତି କବାଡ଼ି ଖେଳୁଥିଲା
ଢେଉର ଉପତ୍ୟକାରେ !

ହାତରୁ ଉଡ଼ିଯାଇଥିବା
ଭାଗ୍ୟରେଖାକୁ
କିଛି କରିନପାରି
ଜଳକା ହୋଇ ଚାହିଁ ରହିଥିବା
ଭାଗ୍ୟଛଡ଼ା ପରି

ମୁଁ ଚାହିଁ ରହିଥିଲି
ତା’ ଅଙ୍ଗ ପ୍ରତ୍ୟଙ୍ଗର ଚଞ୍ଚଳତାକୁ
ଏପଟେ-
ଓଦା ହୋଇସାରିଥିଲା
ମୋ ମେସେଞ୍ଜର ବକ୍ସ
ତାରି ପାଣି ଛିଟିକାରେ !

ଚମ୍ପା ବଣର ବାତାବରଣ ପରି
ତା’ ଦେହର ସୁଗନ୍ଧ,
କେତେବେଳେ ମହକି ଉଠୁଥାଏ
ଜାଣିପାରୁ ନଥାଏ
ଯେତେବେଳେ ତା’ ସହ କଥା ହଉଥାଏ !

ମଝି ରାତିରେ
ଦୋହଲି ଦୋହଲି ଗତି କରୁଥିବା
ରେଳଗାଡ଼ି ପରି
ସେ ହଲି ହଲି ଗୀତ ଗାଉଥାଏ,
ହୁଏତ ଜାଣୁନଥିବ

ତା’ ଘଞ୍ଚ କେଶରାଶି
କେମିତି ଲହଡ଼ି ଭାଙ୍ଗୁଥାଏ !

ଭାରି ବିଚିତ୍ର ସେ ସମୁଦ୍ର କୂଳର ଝିଅ....
କେମିତି ଜାଣିପାରେ କେଜାଣି ?
ମୋ ଅଭିମାନର ଶାନ୍ତ ପହର,
ଚୁପଚାପ ଆଙ୍ଗୁଠି ପୂରାଏ ମୋ
ବାର୍ତ୍ତାପେଡ଼ିରେ
ଆଉ, ହାଲକା ଛୁଆଁରେ କୁତୁକୁତେଇ
ହସାଏ
ନିଜେ ହସେ, କୁରୁଳି ଉଠେ... !!

ଭାବେ, ବହୁଥର ଭାବେ
ମୁଁ ପଳାୟନ କରିବି
ତା’ ବନ୍ଧୁତ୍ୱର ପରିଧି ଭିତରୁ
ଆଉ ଝଡ଼ିପଡ଼ିଥିବା ଧୂମକେତୁ ପରି
ହଜେଇଦେବି ମୋ ଠିକଣା,
ଅଥଚ ଠିକ୍ ସେତିକି ବେଳେ ହିଁ
ମୋ ହାତଗୋଡ଼ ଅଚଳ ହୋଇଯାଏ !! ■

ଜୁନାଗଡ଼, କଳାହାଣ୍ଡି



## ତିରଙ୍ଗା ତଳେ

ଅନୁକମ୍ପା ପହି



ରତ୍ନଚିରା ପବ୍ଲିକେଶନ୍ସ
ଭୁବନେଶ୍ୱର-୩୧
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୩୫୦ ଟଙ୍କା

ଦେଶ ମାତୃକାର ସେବା ପାଇଁ ସମର୍ପିତ ସୈନିକଙ୍କ ଜୀବନ। ସେମାନଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ସୈନିକଙ୍କ ଜୀବନ, ବ୍ୟକ୍ତିତ୍ୱ, ସେମାନଙ୍କ ପାରିବାରିକ ଜୀବନ ଓ ସଂଘର୍ଷର ଚିତ୍ର ପ୍ରତିଫଳିତ ହୋଇଛି ଅନୁକମ୍ପା ପହିଙ୍କ 'ତିରଙ୍ଗା ତଳେ' ପୁସ୍ତକର ଗପଗୁଡ଼ିକରେ। 'ତିରଙ୍ଗା ତଳେ', 'ନାଲିଗାଡ଼ି', 'ଗପ କେବେ ସତ ହୁଏନା', 'ଇଉନିଫର୍ମ', 'ଜଣେ ଭଲ ପାଉଥିବା ସ୍ୱାମୀ', 'ବୋଝ', 'ପଞ୍ଜୁରୀ ପକ୍ଷୀର ନୀରବ ଗୀତ', 'ଉଚ୍ଚା ପାଚେରୀ', 'ରକ୍ତ ସଂପର୍କ', 'ମୋବାଇଲ୍ ଫୋନ୍' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଚିଠିରେ ଜଣେ ସୈନିକର ପୁଅର କୋହ, କ୍ଷୋଭ ଓ ଦାବି ଅତ୍ୟନ୍ତ ମର୍ମଭେଦୀ ଭାବେ ପ୍ରସ୍ଫୁଟିତ ହୋଇଛି 'ତିରଙ୍ଗା ତଳେ' ଗପରେ। ସେହିପରି ସୈନ୍ୟବାହିନୀରେ କାର୍ଯ୍ୟରତ ସ୍ୱାମୀ ସହିଦ ହେବା ପରେ ତାଙ୍କ ବିଧବା ପତ୍ନୀ ସ୍ନେହାଙ୍କ ଅସହାୟତାର ଚିତ୍ର 'ଗପ କେବେ ସତ ହୁଏନା'ରେ ପ୍ରକାଶ ପାଇଛି। ସୈନିକ ଓ ସେନା ବାହିନୀରେ କାର୍ଯ୍ୟରତ ଅଧିକାରୀମାନଙ୍କ ଜୀବନର ଅନେକ ଦୁଃଖଦ, ବିରଳ ଘଟଣା ଅତି ହୃଦୟସ୍ପର୍ଶୀ ଭାବେ ଚିତ୍ରିତ ହୋଇଛି ଏହି ପୁସ୍ତକର ଗପଗୁଡ଼ିକରେ। ଅନେକ ଚରିତ୍ରକୁ ବାସ୍ତବ ଜୀବନରେ ଗାଳ୍ପିକା ଭେଟି ଗପ ରଚନା କରିଛନ୍ତି। ସରଳ ଭାଷା, ବାସ୍ତବ କାହାଣୀ, ନିରାଡମ୍ବର ଉପସ୍ଥାପନା ଶୈଳୀ ଗପଗୁଡ଼ିକକୁ ହୃଦୟସ୍ପର୍ଶୀ କରିଛି। 'ତିରଙ୍ଗା ତଳେ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଚେନାଏ ହସ ପାଇଁ

ପୀତାମ୍ବର ମହାପାତ୍ର



ଆଷାଢ଼
ଆନନ୍ଦ ବଜାର, ମଧ୍ୟ ଶାସନ
ଜଗତସିଂହପୁର
ପ୍ରଥମ ପ୍ରକାଶ: ୨୦୨୪
ମୂଲ୍ୟ: ୧୦୦ ଟଙ୍କା

କବି ପୀତାମ୍ବର ମହାପାତ୍ରଙ୍କ 'ଚେନାଏ ହସ ପାଇଁ' କବିତା ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୬୮ଟି କବିତା ସଂକଳିତ ହୋଇଛି। ଏହି ପୁସ୍ତକର ଅନେକ କବିତାରେ ଗ୍ରାମ୍ୟଜୀବନ, ଗ୍ରାମ୍ୟ ସଂସ୍କୃତି, ମାନବୀୟ ଭାବାବେଗ, ପାରିବାରିକ ଆତ୍ମୀୟତା, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି। 'ଗାଆଁକୁ ଆସ', 'ଗାଁ କ୍ଲବ୍', 'ଗାଁ ପାଠାଗାର' ଆଦି କବିତାରେ ଗ୍ରାମ୍ୟ ପରିବେଶ, ଗ୍ରାମ ସଂସ୍କୃତି, ଗାଁ ପ୍ରତି ଆନ୍ତରିକ ଭଲ ପାଇବାର ଚିତ୍ର ସ୍ପଷ୍ଟ ବାରି ହୋଇପଡୁଛି। ସେହିପରି 'ଦେବକୀ', 'ଯଶୋଦା', 'ରାଧା', 'ଦ୍ରୌପଦୀ', 'ଭରତ', 'ଉର୍ମିଳା, 'ସୂତପୁତ୍ର', 'ପୂତନା', 'କୁବଜା' ଆଦି କବିତାରେ ମିଥ୍‌ର ପ୍ରୟୋଗ ହୋଇଛି। ପୌରାଣିକ ଚରିତ୍ରମାନଙ୍କ ମହନୀୟତାକୁ କବି ଅତି ଚମତ୍କାର ଭାବେ ନିଜ କବିତାରେ ବର୍ଣ୍ଣନା କରିଛନ୍ତି। ସେହିପରି 'ବୋଉ', 'ବୋଉ କଥା', 'ବୋଉର ଘର', 'ଦୁହିତା', 'ତୁ ଝିଅଟିଏ', 'ଶୂନ୍ୟକୋଳ' ଆଦି କବିତାରେ ମାନବୀୟ ଭାବାବେଗ ଓ ପାରିବାରିକ ଆତ୍ମୀୟତାର ସ୍ପର୍ଶ ଅନୁଭବ କରିହୁଏ। କବିଙ୍କ ବ୍ୟକ୍ତିଗତ ଭାବନା, ଚେତନାର ମୌଳିକ ଅନୁଭବ ଅନେକ କବିତାରେ ପ୍ରସ୍ଫୁଟିତ ହୋଇଉଠିଛି। ସେହିପରି ମାନବିକ ମୂଲ୍ୟବୋଧ ଓ ସାମାଜିକ ପ୍ରତିବଦ୍ଧତାର ପ୍ରତିଫଳନ ଅନେକ କବିତାରେ ଦେଖିବାକୁ ମିଳିଛି। ଛଳ ଛଳ ଭାବ, ସରଳ, ସାବଲୀଳ ଓ ବୋଧଗମ୍ୟ ଭାଷା ପ୍ରୟୋଗ, ନିଆରା ଶୈଳୀ କବିତାଗୁଡ଼ିକୁ ଅଧିକ ହୃଦୟସ୍ପର୍ଶୀ କରିଛି। 'ଚେନାଏ ହସ ପାଇଁ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■



ମୁଁ କାହିଁକି ଲେଖେ

# "ଲେଖା ହିଁ ମୋର ଏକାକୀତ୍ୱର ସହଚର"



ସୁସ୍ମିତା ରଥ

ମୁଁ ଲେଖେ, କାରଣ ଈଶ୍ୱର ସେଇଟି ମୋ ପାଇଁ ନିର୍ଦ୍ଦିଷ୍ଟ କରି ରଖିଥିଲେ। ସେ କଥା ବୁଝିବାକୁ ଅବଶ୍ୟ ମତେ ବହୁଦିନ ଚାଲିଗଲା। ପ୍ରାୟ ୪୩ ବର୍ଷ ବୟସରେ ମୁଁ ଲେଖା ଆରମ୍ଭ କଲି।

ଏକ ସାହିତ୍ୟିକ ପରିବାରରେ ମୋର ଜନ୍ମ। ବିବାହ ମଧ ହେଲା ଏକ ସାହିତ୍ୟ ଅନୁରାଗୀ ପରିବାରରେ। ପିଲାଦିନରୁ ପଢ଼ିବାକୁ ଭଲ ପାଉଥିଲି। ମ୍ୟାଟ୍ରିକ୍ ପରୀକ୍ଷା ବେଳକୁ ଓଡ଼ିଆର ଅନେକ ବଡ଼ ଲେଖକଙ୍କ ବହି ପଢ଼ିବା ଶେଷ କରି ସାରିଥିଲି। ଛୁଟିରେ ବିଶେଷ ପଢ଼ିବାକୁ ନ ମିଳିବାରୁ ବଙ୍ଗଳା ବହି ଖଣ୍ଡିଏ ଧରି ପଢ଼ିବାକୁ ଚେଷ୍ଟା କରୁକରୁ ବଙ୍ଗଳା ମଧ ଶିଖିଗଲି। ଏବେ ମୋ ପାଖରେ ସାହିତ୍ୟ ଜଗତର ଏକ ବିଶାଳ ଭଣ୍ଡାର ଖୋଲିଗଲା। ସେଇ ସବୁ ଲେଖା ଯେ ମୋ ଅନ୍ତର ଭିତରେ ପଟୁମାଟି ପରି ଜମା ହୋଇ ରହିଛି। ସେକଥା ମୁଁ ବୁଝିଲି ଅନେକ ପରେ। ଯେବେ ମୁଁ ଲେଖିବାକୁ ଆରମ୍ଭ କଲି, ଓଡ଼ିଆ ସାହିତ୍ୟ ନେଇ ପଢ଼ିଥିଲେ ମଧ ସେ କଥା ମୁଁ ଅନୁଭବ କରି ନଥିଲି।

ଯେଉଁଠି ମୋର ଜନ୍ମ, ସେ ଘର ଥିଲା ଭକ୍ତକବି ମଧୁସୂଦନ ରାଓଙ୍କର। ଆମ ଘରକୁ ଲାଗିଥିଲା କବିବର ରାଧାନାଥ ରାୟଙ୍କ ଘର। ବାରିରେ ଥିଲା ବ୍ୟାସକବି ଫକୀର ମୋହନ ଲଗାଇଥିବା ସେପଟା ଗଛ, କାକା କବି ଭାନୁଜୀ ରାଓଙ୍କ ଲେଖା ଟେବୁଲ ଏବେ ମଧ ବଖରାରେ ରହିଛି। ତଥାପି ମୁଁ ସେମାନଙ୍କୁ ସାହିତ୍ୟିକ ଭାବେ ନ ଦେଖି କେବଳ ନିଜର ମଣିଷ ଭାବରେ ହିଁ ଦେଖୁଥିଲି। ଭାବୁଥିଲି, ସାହିତ୍ୟିକମାନେ ଭଗବତ୍ କରୁଣାରୁ ଲେଖିପାରୁଛନ୍ତି।

ବାପାଙ୍କ ଛଡ଼ା ବଡ଼ ବାପା କିମ୍ବା କାକା କେହି ବିବାହ କରି ନଥିଲେ। ସମସ୍ତଙ୍କ ଅଗାଧ ସ୍ନେହ ମୁଁ ପାଇଥିଲି, ପାଇଥିଲି ଯତ୍ନ ଓ ଉତ୍ସାହ। ହେଲେ କ୍ରମଶଃ ସେଇ ବିଶାଳ ଯୌଥ ପରିବାରରୁ ଗୋଟି ଗୋଟିଏ ହୋଇ ପତ୍ର ଝରିଗଲା ପରି କେତେବେଳେ କିଏ ଝରି ଗଲେ। ଦେଖୁ ଦେଖୁ ଶୁଖିଗଲା ବିଶାଳ ବଟବୃକ୍ଷଟି। ମୋ ସାନ ଭାଇ ପ୍ରଥମେ ଚାଲିଗଲା ଗୋଟିଏ ଦୁର୍ଘଟଣାରେ। କିଛିଦିନ ରୋଗରେ ପଡ଼ି ବଡ଼ ବାପା ଚାଲିଲେ ନିରବରେ । ପୂର୍ବରୁ ତାଙ୍କର ଅବିବାହିତ କାକା ଓ ପିଇସୀ ମଧ ଯାଇଥିଲେ ବିଛଣାରେ ପଡ଼ିପଡ଼ି। ବଡ଼ ବାପା ଯିବାର ଦେଢ଼ ମାସ ମଧ୍ୟରେ ମୋ’ କାକା ଚାଲିଗଲେ ହୃଦ୍‌ଘାତରେ। ବାବା ସଂପୂର୍ଣ୍ଣ ନିରବ ହେଇଗଲେ ଏହା ପରେ। କେବଳ ମା’ଙ୍କର ଧୀର ପଦପାତ ଶୁଭିଲା ଘର ଭିତରେ। ଯୋଉ ଘର ଦିନେ ହସଖୁସିରେ ଫାଟି ପଡୁଥିଲା, ତାହା ଭିତରେ କେବଳ ନିଃସଙ୍ଗତା, ଭୟ ଓ ହତାଶା ଘୂରି ବୁଲୁଥିଲା। ସେତେବେଳେ ମୁଁ ବୁଝିଲି ନିଃସଙ୍ଗତା କାହାକୁ କୁହାଯାଏ।

ମୋର ବାପା, ମା’, ସ୍ୱାମୀ, ଶାଶୁ, ଶ୍ୱଶୁର, ପିଲାମାନେ ସମସ୍ତେ ଥିଲେ ତଥାପି ମୁଁ ଥିଲି ମନରେ ସଂପୂର୍ଣ୍ଣ ଏକା। ବିଶେଷ କରି କାକାଙ୍କ ମୃତ୍ୟୁ ମତେ ଦୋହଲାଇ ଦେଇଥିଲା।

ବଡ଼ ବାପାଙ୍କ ମୃତ୍ୟୁ ଦିନ କାକାଙ୍କର ଗୋଟିଏ ହାର୍ଟ ଆଟାକ୍ ହେଇଥିଲା। ମାସଟିଏ ସଂପୂର୍ଣ୍ଣ ବିଛଣାରେ ରହିବା ପରେ ଡାକ୍ତର ତାଙ୍କୁ ଚଲାବୁଲା କରିବାକୁ ଅନୁମତି ଦେଇଥିଲେ। ୧୫ ନଭେମ୍ବରରେ ସେ ଟିକିଏ ଅସୁସ୍ଥ ଅନୁଭବ କରିବାକୁ ମୁଁ ତାଙ୍କୁ ଡାକ୍ତରଙ୍କ ପାଖକୁ ନେଇ ଯାଇଥିଲି। ମାତ୍ର ଡାକ୍ତର ତାଙ୍କୁ ସଙ୍ଗେ ସଙ୍ଗେ ହସ୍‌ପିଟାଲ୍ ନେଇଯିବାକୁ କହିଲେ। ମୋ କାନ୍ଧରେ ଆଉଜି ବସିଥିବା ଅବସ୍ଥାରେ ଡାକ୍ତର ତାଙ୍କୁ ପରୀକ୍ଷା କରୁକରୁ କେତେବେଳେ ସେ ଚାଲିଗଲେ ମୁଁ ଜାଣି ମଧ ପାରିଲିନି। ସେତେବେଳେ ମୋ’ ପାଖରେ ନିଜର କେହି ନଥିଲେ। ମୃତ୍ୟୁର ସେ ଆକସ୍ମିକତାରେ ମୁଁ ଏତେ ଦୂର ସ୍ତବ୍ଧ, ଆଶ୍ଚର୍ଯ୍ୟ ହେଇ ଯାଇଥିଲି ମୋ ଆଖିରେ ଲୁହର ବିନ୍ଦୁଟିଏ ମଧ ନଥିଲା। କିଏ ଯେମିତି ମୋ କାନ ପାଖରେ କହୁଥିଲା – "କାନ୍ଦ- କାନ୍ଦ, ଏଇନା କାନ୍ଦିବା କଥା ପରା।" କିନ୍ତୁ ମୁଁ ଭାବୁଥିଲି ମୋର ଅସୁସ୍ଥ ବାପା, ଏକା ତାଙ୍କୁ ସମ୍ଭାଳି ରଖିଥିବା ମା’, ଯିଏ ଅପେକ୍ଷା କରି ବସିଛନ୍ତି ତାଙ୍କ ପ୍ରିୟ ଦିଅରଙ୍କୁ, କେମିତି ସେମାନଙ୍କୁ ମୁଁ ଏ କଥା ଜଣାଇବି!

ସ୍ୱାମୀଙ୍କୁ ଫୋନ୍ କରିବା ପରେ ସେ ଆସିବାକୁ ଚାହୁଁ ଥିଲେ। ହେଲେ ମୋର ଆଉ ସାହାଯ୍ୟ ବା ଦରକାର କ’ଣ ଥିଲା! ବିଶେଷ କରି କାକା ତ ଏବେ ସମସ୍ତ ଅସୁସ୍ଥତାର ଉପରେ!

ଯେମିତି ତାଙ୍କୁ କାନ୍ଧରେ ଆଉଜାଇ ନେଇ ଯାଇଥିଲି ହସ୍‌ପିଟାଲ୍ ସେମିତି ଫେରିଆସିଲି ତାଙ୍କୁ କୋଳରେ ଆଉଜାଇ, ଆଗରୁ ମୁଁ ମୃତ୍ୟୁକୁ ବହୁବାର ଭେଟିଥିଲି, କିନ୍ତୁ ସେଦିନ ପ୍ରଥମ କରି ବୁଝିଲି ଜୀବନ କ’ଣ, ମୃତ୍ୟୁ କେମିତି ଚିଲପରି ଆଖି ପିଛୁଳାକେ ନେଇଯାଏ ନିଶ୍ୱାସର ଧାରାକୁ। ସେଇ ମୁହୂର୍ତ୍ତ ମତେ ପରିବର୍ତ୍ତିତ କରିଦେଲା ଭିନ୍ନ ଏକ ଚରିତ୍ରରେ। ସେଦିନ ଯାଏଁ କାକା ମୋର କାକା ଥିଲେ। ଭାନୁଜୀ ରାଓ ତ ନଥିଲେ। ମତେ ଲାଗିଲା ମୁଁ ତାଙ୍କ ମୃତଦେହକୁ ବହନ କରି ଚାଲିନାହିଁ, ବରଂ ଏକ ପରମ୍ପରାକୁ କାନ୍ଧରେ ଧରି ଚାଲିଛି। ଏବେ ସେଇ ପରମ୍ପରାକୁ ବଞ୍ଚାଇ ରଖିବା ଦାୟିତ୍ୱ ମୋର। ମୋ’ ଆଗରେ କେହି ନାହିଁ, ପଛରେ ବି କେହି ନାହିଁ।

ସାହିତ୍ୟ ହୁଏତ ମୋ ପାଇଁ ଈଶ୍ୱରଙ୍କ ବରଦାନ ଥିଲା, ମାତ୍ର ମୁଁ ବୁଝି ନଥିଲି। ସେଥିପାଇଁ ହୁଏତ ମୋ ସତ୍ତାକୁ ଛନ୍ନଭିନ୍ନ କରି ମୋ ଭିତରେ ବାହାରି ଆସିଲା ଅନ୍ୟ ଏକ ସତ୍ତା। ମୁଁ ଲେଖିବାକୁ ଆରମ୍ଭ କଲି।

କାକାଙ୍କ ସ୍ମୃତିସଭାରେ ତାଙ୍କ ସ୍ମୃତିକଥାଟି ହିଁ କହିବାକୁ ଗଲେ ମୋର ପ୍ରଥମ ଲେଖା। ଭାବିଲି ଯାହା ହଉ, ଯେମିତି ହଉ, କିଛି ନ ଲେଖିଲେ ମୋ ପୂର୍ବଜଙ୍କ ନିକଟରେ ମୁଁ ଅପରାଧୀ ହେଇଯିବି। ବୟସ ଚାଳିଶ ଟପି ଯାଇଥିଲା। ହାଲୁକା ପ୍ରେମ କବିତା କି ଗପ ଲେଖିବାର ସମୟ ବହୁଦିନରୁ ଛାଡ଼ି ଆସିଥିଲି। ବରଂ ମୋ ପ୍ରଥମ ଗପଟି କାକାଙ୍କୁ ନେଇ କି ହିଁ ଲେଖା। ତା’ ସହିତ ମୋ ମାମୁଁ ଘରର କିଛି ଦୃଶ୍ୟ ମଧ୍ୟ ରହିଛି। ୨୦୦୨ ମସିହାରେ ପ୍ରାୟ ଏକା ସାଙ୍ଗରେ ମୋର ଦୁଇଟି ଗପ 'ନବଲିପି' ଓ 'ଝଙ୍କାର'ରେ ପ୍ରକାଶ ପାଇବା ପରେ ମୁଁ ଭାବିଲି ହୁଏତ ମୁଁ ଲେଖି ପାରିବି। 'ସ୍ମୃତିର ରଙ୍ଗ' ଗପଟିକୁ ଭାଇ ବିଶିଷ୍ଟ ସାହିତ୍ୟିକ ଅମରେଶ ପଟ୍ଟନାୟକ ଟିକେ ସଜାଡ଼ି ଦେଇଥିଲେ। ହେଲେ ମୋ ମାଉସୀ ଶାଶୂ ଲେଖିକା ବୀଣାପାଣି ମହାନ୍ତି କହିଥିଲେ "ମା’, ଏ ବିଦ୍ୟା ଅଗୁରୁ ବିଦ୍ୟା। ଏ ବିଦ୍ୟାକୁ ନିଜକୁ ହିଁ ସାଧନା କରି ହାସଲ କରିବାକୁ ହେବ।" ସେଦିନରୁ ସାଧନା କରିବାକୁ ଚେଷ୍ଟା କରୁଛି। କିନ୍ତୁ ଗପ ଲେଖିବାକୁ ମତେ କେବେ କଷ୍ଟ କରିବାକୁ ହେଇନି। ବରଂ ଲେଖା ହିଁ ମୋର ଏକାକୀତ୍ୱର ସହଚର, ଜୀବନର ଅନ୍ଧାର ପଥର ଏକମାତ୍ର ଆଲୋକ। ମୋର ବଞ୍ଚିବାର କାରଣ।

ନିଜ ଲେଖା ଉପରେ ମୋର ଯେତିକି ଭରସା ନାହିଁ, ସେତିକି ବିଶ୍ୱାସ ରହିଛି ସଂପାଦକମାନଙ୍କ ଉପରେ। ପାଠକମାନଙ୍କ ଉପରେ। ଇଚ୍ଛା ଥିଲା, ସଂସାରରୁ ଦୃଷ୍ଟି ଫେରାଇ ନେଇଥିବା ବାବା ଥରେ ମୋ ଲେଖା ପଢ଼ନ୍ତୁ। ଖୁସି ହୁଅନ୍ତୁ। କିନ୍ତୁ ବାବା ସେତେବେଳେ ସେ ସମସ୍ତରୁ ଦୂରେଇ ଯାଇଥିଲେ। ୨୦୦୪ ମସହାରେ ମୋର ପ୍ରଥମ ବହି ପ୍ରକାଶ ପାଇଲା ବେଳକୁ ବାବା ଆଉ ନ ଥିଲେ। ଏକା ମା’ ଦେଖିଗଲେ ମୁଁ ଲେଖୁଛି। ଖୁସି ହଉଥିଲେ। କହୁଥିଲେ କେମିତି ଲେଖିଲେ ଭଲ ହବ କିମ୍ବା କୋଉ ଗପଟି ଭଲ ଲାଗିଲା ନାହିଁ।

ମୁଁ ଜଣେ ମହାନ ସାହିତ୍ୟିକ ନୁହେଁ। ହେଇ ପାରିବି ନାହିଁ ଜାଣେ। ତଥାପି ମୁଁ ଖୁସି ମୋର ଲେଖା ମତେ ପରିଚିତି ଦେଇଛି। ଏବେ ମୁଁ କେବଳ କାହା ଝିଅ, କାହା ବୋହୂ କାହା ମା’ କିମ୍ବା କାହା ସ୍ତ୍ରୀ ନୁହେଁ। ମୁଁ ସୁସ୍ମିତା ରଥ,ଯେ ଲେଖିବାକୁ ଭଲ ପାଏ। ଚାରି ପାଖର ଅନେକ ଚିତ୍ର, ଚରିତ୍ରକୁ ତୂଳୀରେ ନୁହେଁ, କଥାରେ ଆଙ୍କିବାକୁ ଚେଷ୍ଟା କରେ। ଲେଖା ହିଁ ମୋର ଈଶ୍ୱର। ମୋର ସବୁ କିଛି। ଜାଣେ ମୁଁ ଯାହା ଲେଖୁଛି ପୃଥିବୀରେ ବହୁବାର ଲେଖା ହେଇଛି, ଲେଖା ହଉଛି ତଥାପି ତା’ ଭିତରେ ମୋର ଦୁଇ ଚାରିଟି ଧାଡ଼ି ରହିଲେ ମୁଁ ଧନ୍ୟ ହେବି। ■

ଦରଘାବଜାର,କଟକ-୧
ମୋ: ୯୪୩୭୦୦୪୩୯୬

# ମିଳିଲାନି ପରିଚୟ, ଅନ୍ତିମ ସଂସ୍କାର କଲେ ଶ୍ମଶାନବନ୍ଧୁ

**ସୁନ୍ଦରଗଡ଼, ୧।୨(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଗତ ୨୭ ତାରିଖରେ ରାଣୀବଗିଚାସ୍ଥିତ ଇବ୍‌ନଦୀ ଘାଟରୁ ଉଦ୍ଧାର କରିଥିବା ଜଣେ ଯୁବକଙ୍କ ଶବ ଚିହ୍ନଟ ହୋଇପାରି ନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ସଂରକ୍ଷିତ ରଖି ଚିହ୍ନଟ ପାଇଁ ବ୍ୟାପକ ଉଦ୍ୟମ କରାଯାଇଥିଲେ ହେଁ ସଫଳତା ମିଳିନି। ଫଳରେ ଶନିବାର ଏକଜ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ଥିଲା। କେହି ଦାବିଦାର ନ ଥିବାରୁ ଟାଉନ୍ ଥାନା ଅଧିକାରୀଙ୍କ ଅନୁରୋଧ କ୍ରମେ ଶ୍ମଶାନ ବନ୍ଧୁର ସଦସ୍ୟମାନେ ଅନ୍ତିମ ସଂସ୍କାର କରିଛନ୍ତି। ଟିମ୍ ଶ୍ମଶାନ ବନ୍ଧୁର ବରିଷ୍ଠ ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସମେତ ଶିଶିର କୁମାର ବେହେରା, ଚିଣ୍ଟୁ ରକ୍ସା ଓ ଦେବେନ୍ଦ୍ର ସାହୁ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟର ଶବାଗାର ଠାରୁ ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରକୁ ମୃତକଙ୍କ ଶବ ଆଣିବାପରେ ତଦନ୍ତ ଅଧିକାରୀ ଡୋଲାମଣି ନାୟକଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ସୁନ୍ଦରଗଡ଼ ଟ୍ରକ୍ ଓନର୍ସ ଆସୋସିଏସନ୍ ତରଫରୁ ମୃତକଙ୍କ ଶବସଂସ୍କାର ନିମନ୍ତେ କାଠ ଯୋଗାଇ ଦିଆଯାଇଥିବାବେଳେ ସମର୍ପିତ ସେବା ସଂସ୍ଥାନ ତରଫରୁ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଇ ଥିଲା। ସପ୍ତାହରେ 'ଟିମ ଶ୍ମଶାନ ବନ୍ଧୁ'ଙ୍କ ଅନ୍ତିମସଂସ୍କାର ସଂଖ୍ୟା ୫ରେ ପହଞ୍ଚିଛି।



# ଦୁର୍ଘଟଣାରେ କମ୍ପ୍ୟୁଟର ଶିକ୍ଷୟିତ୍ରୀ ମୃତ

**ବଡ଼ଗାଁ, ୧।୨( ସମିସ)**

## କ୍ଷତିପୂରଣ ପରେ ହଟିଲା ରାସ୍ତାରୋକ

ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଧୀନ ବଡ଼ଗାଁଠାରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ପ୍ରିୟଙ୍କା ବେହେରା ନାମକ ଜଣେ କମ୍ପ୍ୟୁଟର ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ପାଇଁ ଅଞ୍ଚଳବାସୀ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବଡ଼ଗାଁ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ମୃତ ଯୁବତୀଙ୍କ ଶବ ସତ୍କାର ପାଇଁ ୨୦ହଜାର ଓ କ୍ଷତିପୂରଣ ବାବଦକୁ ୪ଲକ୍ଷ ପ୍ରଦାନ ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବଡ଼ଗାଁର ବୈକୁଣ୍ଠ ବେହେରା ନିଜ ଭାଇଙ୍କ ଝିଅ ପ୍ରିୟଙ୍କା ବେହେରା ଓ ନାତୁଣୀ ଚନ୍ଦ୍ରିକାଙ୍କୁ ନେଇ ନିଜ ଘରକୁ ଯାଉଥିଲେ। ଏହି ସମୟରେ ଏକ ଟ୍ରକ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଟ୍ରକ୍ ଧକ୍କାରେ ପ୍ରିୟଙ୍କା ବେହେରାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାଇକ ଚଳାଉଥିବା ବୈକୁଣ୍ଠ ବେହେରା ଓ ତାଙ୍କ ନାତୁଣୀଙ୍କ କୌଣସି କ୍ଷତି ହୋଇ ନ ଥିବା ବେଳେ ଉତ୍ତ୍ୟକ୍ତ ଲୋକେ ଟ୍ରକ୍‌କୁ ଅଟକାଇ ବଡ଼ଗାଁ ପୁଲିସକୁ ହସ୍ତାନ୍ତର କରିବା ସହ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ଖବରପାଇ ରାଜଗାଙ୍ଗପୁର ଏସ୍‌ଡିପିଓ ମୀନକେତନ ସାହୁ, ବଡ଼ଗାଁ ଥାନା ଅଧିକାରୀ ଆଶିଷ ଜେନା, ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ ପହଞ୍ଚି ଶବସତ୍କାର ପାଇଁ ୨୦ହଜାର ଓ କ୍ଷତିପୂରଣ ପାଇଁ ୪ଲକ୍ଷ ଟଙ୍କା ପ୍ରଦାନର ପ୍ରତିଶ୍ରୁତି ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକରୁ ଓହରିଥିଲେ। ପରେ ପୁଲିସ ଟ୍ରକଟିକୁ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା।

# କେନ୍ଦ୍ରୀୟ ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା

**ସୁନ୍ଦରଗଡ଼, ୧।୨(ସମିସ):** ଆଜି ସଂସଦରେ ଉପସ୍ଥାପିତ ହୋଇଛି ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଁଛି।



ଦିଲ୍ଲୀ ଓ ବିହାର ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ରୀୟ ବଜେଟ ପ୍ରସ୍ତୁତ ହୋଇଛି। ଏହି ବଜେଟରେ ଓଡ଼ିଶାକୁ କିଛି ବି ମିଳି ନାହିଁ। ଲୋକଙ୍କ ରୋଜଗାର ଠାରୁ ଖର୍ଚ୍ଚ ବେଶି। ଡାକ୍ତରୀ ଶିକ୍ଷା ଅନ୍ୟ ଉଚ୍ଚ ଶିକ୍ଷା ପଦ୍ଧତିର ଲାଗୁଥିବା ଖର୍ଚ୍ଚରେ କୋଣସି ଫାଇଦା ଦିଆ ହୋଇ ନାହିଁ। ଚାଷୀ ଓ ମଧ୍ୟବିତ ଯେଉଁ ମାନେ ଚୁକ୍ତିଭିତିକ କାର୍ଯ୍ୟ କରୁଛନ୍ତି ତାଙ୍କର ଆୟ ବର୍ଷକୁ ୨ ଲକ୍ଷ ବି ନୁହେଁ। ବ୍ୟାଙ୍କ୍ ଋଣ ଦେବା ଓ ଟ୍ୟାକ୍ସ ପରିମାଣରେ ଲୋକଙ୍କ ଅସୁବିଧା ଦିଗରେ ଚିନ୍ତା କରା ଯାଇ ନାହିଁ। ତେଣୁ ଏହି ବଜେଟ ଓଡ଼ିଶା ରାଜ୍ୟ ର କୋଣ ସି ବିକାଶ ବା ଲୋକଙ୍କ ଅସୁବିଧାରେ ସହଯୋଗ କରି ପାରିବ ନାହିଁ।

**ଡା. ହିମାଂଶୁ ଶେଖର ଷଡ଼ଙ୍ଗୀ**, ସମାଜସେବୀ, ସୁନ୍ଦରଗଡ଼



କେନ୍ଦ୍ରୀୟ ବଜେଟରେ ମଧ୍ୟବିତ ଓ ଛୋଟ ବ୍ୟବସାୟୀଙ୍କ ସହିତ ସାଧାରଣ ଲୋକଙ୍କ ସପକ୍ଷରେ ବ୍ୟାପକ ଦୃଷ୍ଟି ଦିଆଯାଇଛି। ଏହାର ସଫଳତା ବିରୋଧୀଙ୍କୁ ହଜମ ହେଉନାହିଁ। ଈର୍ଷା ପରାୟଣ ହେଉଛନ୍ତି।

**ସୁରେନ୍ଦ୍ର ସ୍ୱର୍ଣ୍ଣକାର**,
ଜିଲ୍ଲା ସଂଯୋଜକ, ସ୍ୱଚ୍ଛଭାରତ ଅଭିଯାନ



ଚଳିତ ବଜେଟକୁ ୫୦/୫୦କହିଲେ ଅତ୍ୟୁକ୍ତି ହେବ ନାହିଁ। କିଛି ଜିନିଷର ଟ୍ୟାକ୍ସ ବଢ଼ିଥିବା ବେଳେ କିଛି ଜିନିଷ ର ଟ୍ୟାକ୍ସ କମିଛି, ଯଦ୍ୱାରା କିଛି ଜିନିଷର ଦରଦାମ୍ ବଢ଼ିବା ସୁନିଶ୍ଚିତ। କୃଷି, ସୂକ୍ଷ୍ମ, ଲଘୁ ମଧ୍ୟମ ଉଦ୍ୟୋଗ ତଥା ନିବେଶ ଉପରେ ବିଶେଷ ଧ୍ୟାନ ଦିଆଯାଇଥିବା ବେଳେ କିନ୍ତୁ ମଧ୍ୟବିତ ପରିବାର ସକାଶେ ସେମିତି କିଛି ନାହିଁ। କର୍କଟ ଓ ଜୀବନ ରକ୍ଷାକାରୀ ଔଷଧ ଉପରେ କଷ୍ଟମ ଡ୍ୟୁଟିରେ ଛାଡ଼ କରାଯାଇଛି। ଏହାସହିତ ସ୍ମାର୍ଟ ମିଟର, ସୋଲାର ପ୍ୟାନେଲ ତଥା ମୋବାଇଲ ରିପୟାରିଂ ଉପକରଣ, ପିଭିସି, ଫ୍ଲେକ୍ସ ଉପକରଣ ଉପରେ ଟ୍ୟାକ୍ସ ବୃଦ୍ଧି ଗରିବଙ୍କ ଉପରେ ବୋଝ ପକାଇବ।

**ସିଦ୍ଧାନ୍ତ କୁମାର ପଣ୍ଡା**, ସଭାପତି, ସମର୍ପିତ ସେବା ସଂସ୍ଥାନ

# ବରିଷ୍ଠ ଅଧ୍ୟାପକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ସୁନ୍ଦରଗଡ଼, ୧।୨(ସମିସ):** ସର୍ଗିପାଲି ସ୍ଥିତ ଏସଆର୍‌ଡିଏମ୍‌ଏନ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଓଡ଼ିଆ ସାହିତ୍ୟର ପ୍ରତିଷ୍ଠିତ ସମାଲୋଚକ ଡ଼ ଭଗବାନ ପଟେଲ ଅବସରଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅବସରକାଳୀନ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

ଏହି ଅବସରରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦିଲୀପ କୁମାର ଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ପରିଚାଳନାର କମିଟିର ସଭ୍ୟ ପ୍ରତାପ ନାରାୟଣ ସିଂ, ଭୀମ ସେନ ଠାକୁର, ହେମନ୍ତ ପଟେଲ, ଜ୍ୟୋତ୍ସ୍ନାମୟୀ ପଟେଲ, ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳୀ ଘୋଷ ପ୍ରମୁଖ ଯୋଗ ଦେଇ ଡ. ପଟେଲଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# କୃଷି ବିଭାଗ ପକ୍ଷରୁ ସୋରିଷ ଚାଷର କ୍ଷେତ୍ର ପରିଦର୍ଶନ



**ସୁନ୍ଦରଗଡ଼, ୧।୨(ସମିସ):** ଜିଲ୍ଲା କୃଷି ବିଭାଗ ପକ୍ଷରୁ ଏକ ଟିମ୍ ସବଡେଗା ବ୍ଲକର ସେମେଲବେଢ଼ା ଗ୍ରାମରେ ୧୦ ହେକ୍ଟର ଜମିରେ ହୋଇଥିବା ଶୋରିଷ ଚାଷର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାଏକ, କୃଷି ଓଭରସିୟର ଲିପ୍ସେ କାଡ଼ିଆ ଡୁଙ୍ଗଡୁଙ୍ଗ, କୃଷି ବିକାଶ ସମିତି ପ୍ରୋଜେକ୍ଟ ମ୍ୟାନେଜର ରାମ ପ୍ରସାଦ ଯାଦବ, ପ୍ରୋଜେକ୍ଟ ଲିଡର ଆୟୁଷି ପୁରୋହିତ ପ୍ରମୁଖ ଏଥିରେ ସାମିଲ ଥିଲେ। ଏହି ଅବସରରେ ସେମେଲବେଡା ଗ୍ରାମର ମାସ୍କିମସ୍ କୁଲ୍ଲୁ, ବ୍ରିଜ କିଶୋର ଟପ୍ପୋ, ଥୋମାସ ଡୁଙ୍ଗଡୁଙ୍ଗ, ଆନ୍‌ସେଙ୍ଗନ୍ ଟପ୍ପୋ ପ୍ରମୁଖ ଚାଷୀଙ୍କ ସୋରିଷ ଚାଷରେ ଡ୍ରୋନ୍ ସାହାଯ୍ୟ ଔଷଧ ସିଞ୍ଚନ କରାଯାଇ ଥିଲା।

ଅନ୍ୟମାନଙ୍କ ମଧ୍ୟରେ କୃଷି ବିକାଶ ସହକାରୀ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଝାରଗାଁ ସେବାଶ୍ରମର ବାର୍ଷିକ ଉତ୍ସବ

**ସୁନ୍ଦରଗଡ଼, ୧।୨(ସମିସ):** ଲେଫ୍ରିପଡ଼ା ବ୍ଲକ ଝାରଗାଁ ସରକାରୀ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବେଲମତି ମାଝୀଙ୍କ ତତ୍ୱାବଧାନରେ ଆୟୋଜିତ ଉକ୍ତ ସମାରୋହରେ ଡୁଡାଲଗା ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁଲାଲ ପଟେଲ ମୁଖ୍ୟ ଅତିଥି ଓ ବିଜାଡିହି ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଣିଧର ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ପଟେଲ, ଅବସରପ୍ରାପ୍ତ ସେବକ ଜଗମୋହନ କୁମୁରା, ସାମ୍ବାଦିକ ଲବଣୀଧର ମେହେର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନେପୁର କୁମୁରା ଓ ସରଡ଼ା ଆଶ୍ରମ ପ୍ରଧାନଶିକ୍ଷକ ଭଗବାନ ଦିଉରିଆ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇ ୪୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। ଭୀଷ୍ମ ନାୟକ ସଭା ପରିଚାଳନା କରିଥିବାବେଳେ କୁସମେଲ ଆଶ୍ରମ ପ୍ରଧାନଶିକ୍ଷକ ଶ୍ରବଣ ବାରିକ, ରାଏଡୁଆଁ ଆଶ୍ରମ ପ୍ରଧାନଶିକ୍ଷକ ଦୟାନିଧି ମାଝୀ ଓ ବେହେରାମୁଣ୍ଡା ସେବାଶ୍ରମ ପ୍ରଧାନ ଶିକ୍ଷକ ଉଦେକର ନାଏକ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସରିତା ବେହେରା, କ୍ଷିରୋଦିନୀ କୁମୁରା ଓ ରୁବି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଜାତୀୟ କ୍ରୀଡ଼ାରେ ବିଶାଳ ଓରାମଙ୍କ ସଫଳତା



**ସୁନ୍ଦରଗଡ଼, ୧।୨(ସମିସ):** ଉତ୍ତରାଖଣ୍ଡରେ ଚାଲିଥିବା ୩୮ ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ବାଳିକା ଓ ବାଳକ ଦଳ ଖୋ ଖୋ ଖେଳରେ ରୌପ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ରାଜ୍ୟ ବାଳକ ବର୍ଗରେ ସୁନ୍ଦରଗଡ଼ ଜିଲ୍ଲାର ବିଶାଳ ଓରାମ ଏହି ସଫଳତା ହାସଲ କରିଛନ୍ତି। ବିଶାଳ ବାଲିଶଙ୍କରା ବ୍ଲକ କଣ୍ଟାବାହାଲ ଗ୍ରାମର ତୁଳସୀ ଓରାମ ଓ ଭଗବତୀଙ୍କ ସୁପୁତ୍ର ହୋଇଥିବା ବେଳେ ସବଡେଗା ଆଞ୍ଚଳିକ ସହଯୋଗ ଡିଗ୍ରୀ କଲେଜରେ ଯୁକ୍ତ ତିନି ପ୍ରଥମ ବର୍ଷ କଳାରେ ପାଠ ପଢୁଛନ୍ତି। ରାଜ୍ୟସ୍ତରୀୟ ଖୋ ଖୋ ରେଫରୀ ତଥା ଖୋ ଖୋ ପ୍ରଶିକ୍ଷକ ଅନୀଲ ସାହୁଙ୍କ ନେତୃତ୍ୱରେ କ୍ରୀଡ଼ା ଅଭ୍ୟାସ କରୁଥିଲେ। ନିଜ ପ୍ରତିଭା ବଳରେ ବିଶାଳ ଏଯାବତ୍ ୧୦ ଥର ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେ ମଧ୍ୟରୁ ଦୁଇ ଥର ବିଦ୍ୟାଳୟ ଜାତୀୟସ୍ତରୀୟ ଓ ୩ଥର ଜାତୀୟସ୍ତରୀୟ କ୍ରୀଡ଼ାରେ ଭାଗ ନେଇ ୬ ଟି ପଦକ ଆଣିଥିଲେ। ଏଥିରେ ଗୋଟିଏ ସ୍ୱର୍ଣ୍ଣ, ୪ ଟି ରୌପ୍ୟ ଏବଂ ୧ ଟି କାଂସ୍ୟ ପଦକ ରହିଛି। ବିଶାଳଙ୍କ ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡ଼ା ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଖୋ ଖୋ ସମ୍ପାଦକ ଅକ୍ଷୟ ନାୟକ, ପ୍ରଶାନ୍ତ କୁମାର ପଟେଲ, ସହ ସମ୍ପାଦକ ଜୟ ଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାୟକ, ମହାବିଦ୍ୟାଳୟ ର ଅଧ୍ୟକ୍ଷା ସଂଘମିତ୍ରା ସାହୁ ଓ ଜିଲ୍ଲା ସମସ୍ତ କର୍ମକର୍ତ୍ତାଙ୍କ ସମେତ ଖେଳାଳି ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ସରକାରୀ ମହିଳା କଲେଜର ବାର୍ଷିକ ଉତ୍ସବ




**ସୁନ୍ଦରଗଡ଼, ୧।୨(ସମିସ):** ସୁନ୍ଦରଗଡ଼ ସରକାରୀ ଉଚ୍ଚମାଧ୍ୟମିକ ମହିଳା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ୪୪ ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାରୋହରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ଡ. ଶ୍ରୀବନ୍ତ ଦାସ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଶୁକମୁନି ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ସିଏଲ୍‌ର ଜେନେରାଲ ମ୍ୟାନେଜର ସତ୍ୟଜିତ ଓଝା ଯୋଗଦେଇ ମହାବିଦ୍ୟାଳୟ ତଥା ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉପଦେଷ୍ଟା ଡ଼ ଭାନୁପ୍ରିୟା, ଡ଼ ସଞ୍ଜିତା ଅଭିଜିତା, ଡ଼.ସଞ୍ଜୟ କୁମାର ବେହେରା, ସାଂସ୍କୃତିକ ଉପଦେଷ୍ଟା ଡ.ସସ୍ମିତା ନାୟକ, ନାଟକୀୟ ଉପଦେଷ୍ଟା ଡ. ଅମିତା ପ୍ରିୟଦର୍ଶିନୀ ବେହେରା, ଗାର୍ଲ୍ସ କମନରୁମ ଉପଦେଷ୍ଟା ଡ. ତୃପ୍ତି ନାୟକ ଏବଂ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ମିଡିଆ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ନୀଲମ କେରକେଟା ସଭା ପରିଚାଳନା କରିଥିବାବେଳେ ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରୀ ବର୍ଷାଦିନି ବାରିକ ବିବରଣୀ ପଠନ ଓ ରସାୟନ ବିଜ୍ଞାନ ବିଭାଗର ଛାତ୍ରୀ ସମୀକ୍ଷା କଉଡ଼ି ଧନ୍ୟବାଦ ଅର୍ପଣ କରିଥିଲେ। ରଚନା ଲିଖନ, ବକ୍ତୃତା, ରଙ୍ଗୋଲି, ଚିତ୍ରାଙ୍କନ, ମେହେନ୍ଦି, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ହଟ୍ ଷ୍ଟ୍ରିପ୍ ମିଲ୍ -୨ ଦ୍ୱାରା ମାସିକ ଉତ୍ପାଦନ ରେକର୍ଡ

**ରାଉରକେଲା, ୧।୨(ସମିସ)**



ସେଲ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍ -୨ (ଏଚ୍‌ଏସ୍‌ଏମ୍-୨), ବିଭାଗ ୨୦୨୫ ଜାନୁଆରୀ ମାସରେ ନୂତନ ରେକର୍ଡ ସ୍ଥାପନ ସହ ସ୍ଲାବ୍ ଓଜନ ଏବଂ କଏଲ୍ ଓଜନ ଦୃଷ୍ଟିରୁ ଶ୍ରେଷ୍ଠ ମାସିକ ଉତ୍ପାଦନ ହାସଲ କରିଛି। ଏହି ମାସରେ ମିଲ୍ ୨, ୫୩, ୬୮୦ ଟନ୍ ସ୍ଲାବ୍ ରୋଲିଙ୍ଗ ପୂର୍ବକ ୨, ୪୭, ୪୯୩ ଟନ୍ କଏଲ୍ ଉତ୍ପାଦନ କରିଛି, ଯାହା ଅକ୍ଟୋବର ୨୦୨୪ରେ ରେକର୍ଡ ହୋଇଥିବା ଏହାର ପୂର୍ବଶ୍ରେଷ୍ଠ ୨, ୩୯, ୩୨୦ ଟନ୍ ସ୍ଲାବ୍ ରୋଲିଙ୍ଗ ଏବଂ ୨, ୩୨, ୯୩୪ ଟନ୍ କଏଲ୍ ଉତ୍ପାଦନକୁ ଅତିକ୍ରମ କରିଛି। ଚାଲାଣ କ୍ଷେତ୍ରରେ ମଧ୍ୟ ମିଲ ୨୬୪୮୭ ଟନ୍ ଏଚ୍‌ଆର ପ୍ଲେଟ୍ ଉତ୍ପାଦନ ସହ ଶ୍ରେଷ୍ଠ ମାସିକ ଏଚ୍‌ଆର ପ୍ଲେଟ ଉତ୍ପାଦନ ତଥା ସାମଗ୍ରୀକ ଭାବେ ୨୧୪୮୩୫ ଟନ୍ ଏଚ୍‌ଆର କଏଲ ଓ ପ୍ଲେଟ ଉତ୍ପାଦନ ସହ ଶ୍ରେଷ୍ଠ ମାସିକ ଚାଲାଣର ରେକର୍ଡ ହାସଲ ହୋଇଛି। ଆହୁରି ମଧ୍ୟ ଜାନୁଆରୀ ମାସରେ ସିଅରିଂ ଟନେଜ୍ ୩୦, ୦୧୧ ଟନ୍ କଏଲ୍ ଏବଂ ୨୮, ୩୯୯ ଟନ୍ ପାଇଲ୍ ଟନେଜ୍ ଉତ୍ପାଦନ ସହ ସିଟ୍ ସିଅରିଂ ଲାଇନରେ ନୂତନ ମାସିକ ରେକର୍ଡ ସୃଷ୍ଟି ହୋଇଛି। ଏହା ୨୦୨୪ ଅଗଷ୍ଟରେ ହାସଲ ହୋଇଥିବା ୨୬୪୬୬ ଟନ୍ କଏଲ ଏବଂ ୨୬୪୮୭ ଟନ୍ ପାଇଲ୍ ଟନେଜ୍ ଉତ୍ପାଦନର ପୂର୍ବ ଶ୍ରେଷ୍ଠ ଉତ୍ପାଦନକୁ ଅତିକ୍ରମ କରିଛି। ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏଚ୍‌ଏସ୍‌ଏମ୍-୨ ବିଭାଗ ପରିଦର୍ଶନ କରିବା ସହିତ ସମ୍ପୃକ୍ତ ଦଳଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଙ୍କ ସହିତ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ସୁଦୀପ ପାଲ ଚୌଧୁରୀ ଏବଂ ବିକ୍ରୟ ଓ ଏସ୍‌ଆର ଏମ୍ ବିଭାଗର ସିଜିଏମ୍ ସିଦ୍ଧାର୍ଥ ବାନାର୍ଜୀ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏଚ୍‌ଏସ୍‌ଏମ୍-୨ ଓ ଆନୁସଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ବର୍ମା ଏଚ୍‌ଏସ୍‌ଏମ୍-୨ ବିଭାଗର ଉଲ୍ଲେଖନୀୟ ସଫଳତା ପାଇଁ ନିଜର ଖୁସି ବ୍ୟକ୍ତ କରିବା ସହିତ ସମସ୍ତ ସହାୟକ ବିଭାଗର ସମନ୍ୱୟ, ଦଳଗତ କାର୍ଯ୍ୟ ଏବଂ ଉତ୍ସର୍ଗଭାବକୁ ପ୍ରଶଂସା କରିଥିଲେ। ତରୁଣ ମିଶ୍ର ନିଜର ବକ୍ତବ୍ୟରେ ବିଭାଗ ଆଗାମୀ ମାସଗୁଡ଼ିକ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟ ହାସଲ କରାପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ବିଶ୍ୱରଞ୍ଜନ ପଲାଇ ସିଟ୍ ସିୟରିଂ ଲାଇନର ରେକର୍ଡକୁ ପ୍ରଶଂସା କରିବା ସହିତ ଆର୍‌ଏସ୍‌ପିର ଏଚ୍‌ଏସ୍‌ଏମ୍ ବିଭାଗକୁ ସଫଳତାର ମଶାଲବାହକ ରୂପରେ ବର୍ଣ୍ଣନା କରିଥିଲେ। ସୁଦୀପ ପାଲ ଚୌଧୁରୀ, ରକ୍ଷଣାବେକ୍ଷଣ ଏବଂ ସହାୟତା ବିଭାଗଗୁଡ଼ିକର ଉତ୍କୃଷ୍ଟ ପ୍ରଦର୍ଶନ ଉପରେ ଆଲୋକପାତ କରି ସୁଗମ କାର୍ଯ୍ୟ ସୁନିଶ୍ଚିତ କରିବାରେ ଉକ୍ତ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକାର ପ୍ରଶଂସା କରିଥିଲେ। ସିଦ୍ଧାର୍ଥ ବାନାର୍ଜୀ ଏଚ୍‌ଏସ୍‌ଏମ୍-୨ ବିଭାଗକୁ ପ୍ରଶଂସା କରି କହିଥିଲେ ଯେ ଏହି ବିଭାଗ ଏକ ସଫଳତାର ନୂତନ ରେକର୍ଡ ସ୍ଥାପନ କରିଛି ଯାହା ଭବିଷ୍ୟତର ଉନ୍ନତି ପାଇଁ ପଥ ସୁଗମ କରିବ। ଏହି ସଫଳତାରେ ଜଡ଼ିତ ଥିବା ପ୍ରମୁଖ ବିଭାଗଗୁଡ଼ିକ ହେଉଛି, ଉତ୍ପାଦନ ଯୋଜନା ନିୟନ୍ତ୍ରଣ, ଟ୍ରାଫିକ୍ ଏବଂ କଞ୍ଚାମାଲ, କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଅଟୋମେସନ, ଡିଜାଇନ୍, କେନ୍ଦ୍ରୀୟ ଯାନ୍ତ୍ରିକ ଏବଂ ବୈଦ୍ୟୁତିକ, ସପ, ରିସର୍ଚ୍ଚ ଆଣ୍ଡ ଲବରୋଟାରୀ, ରୋଲ୍ ସପ୍, ଶକ୍ତି ପରିଚାଳନା ବିଭାଗ, ସାମଗ୍ରୀ ପରିଚାଳନା ଏବଂ ଅନ୍ୟ ସହାୟକ ବିଭାଗ।

● ଦର୍ଲିପାଲି ଗୁଳିକାଣ୍ଡ...

# ଡିଆଇଜିଙ୍କ ଘଟଣାସ୍ଥଳ ପରିଦର୍ଶନ



**ସୁନ୍ଦରଗଡ଼, ୧।୨(ସମିସ):** ଭଷ୍ମା ଥାନା ଅଧୀନ ଦର୍ଲିପାଲି ବୁରୋଭଗାରର ଏକ ଟ୍ରାନ୍ସପୋର୍ଟ ଅଫିସ ପ୍ରାଙ୍ଗଣରେ ଟ୍ରକ୍ ମାଲିକଙ୍କୁ ଗୁଳି ମାଡ଼ ଘଟଣାରେ ପଶ୍ଚିମାଞ୍ଚଳ ଡିଆଇଜ ବ୍ରଜେଶ ରାୟ ଆଜି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରା ଉଚୁରା କରିବା ସହ ଭଷ୍ମା ଥାନାରେ ମାମଲାର ସମୀକ୍ଷା କରି ଫେରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଭଷ୍ମା ଥାନା ଅଧିକାରୀ ଅଶୋକ କୁମାର ଦାଶଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୁକ୍ରବାର ଅପରାହ୍ନରେ ସର୍ଦ୍ଧାପାଲି ଗ୍ରାମର ଟ୍ରକ ମାଲିକ ସୁରଜ ପଟେଲ ବୁରୋଭଗାରସ୍ଥିତ ସୌରଭ ସାଗର ଟ୍ରାନ୍ସପୋର୍ଟ ଅଫିସ ପ୍ରାଙ୍ଗଣରେ ବସିଥିବା ବେଳେ ୩ଟି ବାଇକରେ ମୁହଁରେ ଗାମୁଛା ଗୁଡା ହୋଇଥିବା ୬ ଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କ ଉପରକୁ ଗୁଳି ଚଳାଇବା ସହ ଫେରାର ହୋଇ ଯାଇଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ମାତ୍ର ଅଦ୍ୟାବଧି କୌଣସି ସଫଳତା ମିଳି ନାହିଁ।

# ଜଳବନ୍ଦୀ କାରବାଡ଼ିର ଦୁଃଖ କହିଲେ ନ ସରେ







**ଥୁଆମୂଳ ରାମପୁର, ୧୨(ସମିସ):**

- ମାତ୍ର ଜଣେ ଦୁଇଜଣ ପ୍ରାଥମିକ ଶିକ୍ଷା ପାଇଛନ୍ତି
- ବଡ଼ଠୁ ଛୋଟ ସମସ୍ତଙ୍କ ଭରସା ଆଙ୍ଗୁଠି ଛାପ
- ରାସ୍ତା ନାହିଁ, ଡଙ୍ଗା ଭରସା
- ଅପହଞ୍ଚ ସ୍ୱାସ୍ଥ୍ୟସେବା, ଦୂଷିତ ପାଣି ପିଉଛନ୍ତି

ବହୁମୁଖୀ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ନିର୍ମାଣ ହୋଇଥିବା ଇନ୍ଦ୍ରାବତୀ ଜଳଭଣ୍ଡାର ଯୋଗୁଁ ଅନେକ ଗ୍ରାମ ଜଳବନ୍ଦୀ ହୋଇ ରହିଯାଇଛି। ଜଳଭଣ୍ଡାର ନିର୍ମାଣ ପାଇଁ କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାର ଅନେକ ଗ୍ରାମର ଶହ ଶହ ଏକର ଚାଷ ଜମି, ଘରଦ୍ୱାର ଏବଂ ଜୀବନ ଜୀବିକା ହରାଇ ଶହ ଶହ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛଇ; ହେଲେ ଏହି ଜଳଭଣ୍ଡାର ଯୋଗୁଁ ଏବେ ବି ଅନେକ ଗାଁ ଜଳବନ୍ଦୀ ହୋଇ ରହିଯାଇଛି। ତନ୍ମଧ୍ୟରୁ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ୧୭ ଖଣ୍ଡ ଗାଁର ଗ୍ରାମବାସୀ ଜଳବନ୍ଦୀ ଜୀବନ କାଟୁଛନ୍ତି। ସେହି ଜଳବନ୍ଦୀ ଅଞ୍ଚଳକୁ ନେଇ ପୋଡାପଦର ନାମରେ ଏକ ପଞ୍ଚାୟତ ଗଠନ ହୋଇଛି। ସରକାର ଏହି ଅଞ୍ଚଳର ମୌଳିକ ସୁବିଧା ପାଇଁ ଯୋଜନା କରୁଛନ୍ତି; କିନ୍ତୁ ଏଥିରେ ଆନ୍ତରିକତାର ଘୋର ଅଭାବ ଦେଖିବାକୁ ମିଳିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟଜଳ ଭଳି ମୌଳିକ ସୁବିଧା ଆଜି ବି ଅପହଞ୍ଚ ହୋଇ ରହିଯାଇଛି। ଏହାର ଏକ ଉଦାହରଣ ହେଉଛି ଆଦିବାସୀ ଗାଁ କାରବାଡି।

ପୋଡାପଦର ପଞ୍ଚାୟତର ଏହି ଆଦିବାସୀ ଗାଁର ଚିତ୍ର ଅତ୍ୟନ୍ତ ଦୟନୀୟ। ପ୍ରାୟ ୨୮ ଆଦିବାସୀ ପରିବାର ବସବାସ କରୁଥିବା ଏହି ଗାଁକୁ ରାସ୍ତା ଖଣ୍ଡେ ନାହିଁ। ଜଳଭଣ୍ଡାରର ଅକାତକାତ ଜଳରାଶିରେ ଡଙ୍ଗା ହିଁ ଏକମାତ୍ର ସାଧନ; ଯେଉଁଥିପାଇଁ ସରକାରୀ ଯୋଜନା ପହଞ୍ଚି ପାରୁନି। ଅପହଞ୍ଚ ସ୍ୱାସ୍ଥ୍ୟସେବା ଯୋଗୁଁ ବିଭିନ୍ନ ସମୟରେ ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ଅନେକ ଯନ୍ତ୍ରଣା ସହିବାକୁ ପଡ଼ିଥାଏ। ଚିକିତ୍ସା ଅଭାବରୁ ନିରୀହ ମଣିଷର ଜୀବନ ମଧ୍ୟ ଚାଲିଯାଇଥିବା ନଜିର ରହିଛି। ଚିକିତ୍ସା ପାଇଁ ନିଜ ଜିଲ୍ଲା କି ନିଜ ବ୍ଲକ ନୁହଁ ବରଂ; ଅନ୍ୟ ଜିଲ୍ଲାର ନିକଟସ୍ଥ ଡାକ୍ତରଖାନାକୁ ଯିବାକୁ ପଡ଼ିଥାଏ। ସ୍ୱାସ୍ଥ୍ୟସେବା ହେଉ କିମ୍ବା ଘରକରଣା ପାଇଁ ଅତ୍ୟାବଶ୍ୟକ ଜିନିଷପତ୍ର ପାଇବା ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାରର ସେହି ଅକାତକାତ ଜଳରାଶିରେ ଡଙ୍ଗା ଉପରେ ଭରସା କରିବାକୁ ପଡ଼ିଥାଏ। ସୀମାନ୍ତ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ଏବଂ ଖାତିଗୁଡା ଉପରେ ନିର୍ଭରଶୀଳ ହେବାକୁ ପଡ଼ିଥାଏ। ବ୍ଲକ ସଦର ମହକୁମା ପ୍ରାୟ ୬୫ କି ମି ଦୂରରେ ରହିଥିବା ବେଳେ ଏଠିକାର ପ୍ରାୟ ୮୫ ପ୍ରତିଶତ ଲୋକେ ଥୁଆମୂଳ ରାମପୁର ବ୍ଲକ ସଦର ମହକୁମା ଦେଖି ନାହାନ୍ତି। କେବଳ ନିର୍ବାଚନ ସମୟରେ କେବେ କେମିତି କୌଣସି ନେତାଙ୍କ ଦର୍ଶନ ସହିତ ଅନେକ ମିଛ ପ୍ରତିଶ୍ରୁତି ମିଳିଥାଏ।

ଗାଁରେ ପାନୀୟଜଳ ବ୍ୟବସ୍ଥା ଅତି ସାଙ୍ଘାତିକ ସମସ୍ୟା ସୃଷ୍ଟି କରିଛି। ଇନ୍ଦ୍ରାବତୀ ଜଳଭଣ୍ଡାରର ପାଣି ଏବଂ ନିକଟସ୍ଥ ପାହାଡ ତଳର ଦୂଷିତ ପାଣି ହିଁ ଏମାନଙ୍କ ତଷ୍ଣା ଓ ସ୍ନାନ ଶୌଚାଦିର ବ୍ୟବହାରରେ ଲାଗିଥାଏ; ଯେଉଁଥିପାଇଁ ବିଭିନ୍ନ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାକୁ ପଡ଼ିଥାଏ। ସରକାର ଇନ୍ଦ୍ରାବତୀ ଜଳଭଣ୍ଡାରର ପାଣିକୁ ପାନୀୟ ଜଳ ଭାବେ ଅନ୍ୟ ଅଞ୍ଚଳକୁ ଯୋଗାଉଥିବା ବେଳେ ଏହି ସୁବିଧା ମଧ୍ୟ ସ୍ୱପ୍ନ ପାଲଟିଛି। ଗାଁରେ ବିଦ୍ୟାଳୟ ନାହିଁ କି ଅଙ୍ଗନବାଡି କେନ୍ଦ୍ରଟିଏ ନାହିଁ ବୋଲି ଶିକ୍ଷାରୁ ବଞ୍ଚିତ ଏଠିକାର କୋମଳମତୀ ଶିଶୁ। ଗାଁରେ ଜଣେ ଦୁଇଜଣ ପ୍ରାଥମିକ ଶିକ୍ଷା ପାଇଛନ୍ତି। ଏମାନଙ୍କୁ ଛାଡିଦେଲେ ସମସ୍ତେ ଅପାଠୁଆ ଏବଂ ନିରକ୍ଷର। ବଡଠୁ ଛୋଟ ଯାଏଁ ସମସ୍ତେ ଆଙ୍ଗୁଠି ଛାପ ଉପରେ ଭରସା କରନ୍ତି। ପ୍ରାୟ ଦୁଇ କିମି ପାହାଡ ଅତିକ୍ରମ କଲାପରେ ଲିଟିମସ୍କା ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଯିବାକୁ ପଡ଼ିଥାଏ। ପାହାଡିଆ ରାସ୍ତାରେ ଲୋକେ ନିଜ ଛୁଆଙ୍କୁ ଛାଡିବାକୁ ନାରାଜ। ଏପରିକି ମାସ ମାସ ଧରି ଅଙ୍ଗନବାଡି କର୍ମୀଙ୍କ ଦେଖା ମିଳୁ ନ ଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏଉଁଥିପାଇଁ କୋମଳମତୀ ଶିଶୁଙ୍କ ଭବିଷ୍ୟତ ନଷ୍ଟ ହେଉଛି। ଗାଁର ବସ୍ତିରେ କଂକ୍ରିଟ ରାସ୍ତା ଖଣ୍ଡେ ନାହିଁ। ଜୀବନ ଜୀବିକା ପାଇଁ ସବୁଦିନିଆ କୌଣସି ବ୍ୟବସ୍ଥା ନାହିଁ। ଦୁର୍ବିସହ ହୋଇପଡ଼ିଛି ଏମାନଙ୍କ ଜୀବନ। ନା ପ୍ରଶାସନର ଦୃଷ୍ଟି ପଡୁଛି ନା ଜନପ୍ରତିନିଧିଙ୍କ ଦୃଷ୍ଟି ପଡୁଛି। ଜଳବନ୍ଦୀ ଅଞ୍ଚଳର ଏହି ସରଳ ନିରୀହ ଲୋକଙ୍କ ସମସ୍ୟା କେବଳ ଜଟିଳ ନୁହଁ; ବିକଳ ମଧ୍ୟ। ସରକାର ଜଳବନ୍ଦୀ ଅଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କରିଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ଏହାର ବାସ୍ତବତା ଦେଖିବାକୁ ଭିନ୍ନ। ଯେଉଁ ସବୁ ଉନ୍ନୟନ ମୂଳକ କାର୍ଯ୍ୟ ହେଉଛି ସେଥିରେ ପ୍ରଶାସନ ପକ୍ଷରୁ ତଦାରଖର ଅବହେଳା ସହିତ ବ୍ୟାପକ ଅନୀୟମିତତା ହେଉଥିବା ଅଭିଯୋଗ ମଧ୍ୟ ନଜରକୁ ଆସିଛି। ଏଭଳି ଦୁର୍ଗମ ଅଞ୍ଚଳରେ ହେଉଥିବା ଉନ୍ନୟନ ପ୍ରକଳ୍ପ ଗୁଡିକ କିପରି ଚାଲିଛି ସେଗୁଡିକର ଉଚିତ ତଦାରଖର ଆବଶ୍ୟକତା ରହିଛି।

## ଅଚ୍ୟୁତାନନ୍ଦ ହାଇସ୍କୁଲ, ମିନଗୁର ୟୁପି ସ୍କୁଲର ବାର୍ଷିକ ଉତ୍ସବ

**କଲମପୁର, ୧୨(ସମିସ):** କଲମପୁର ବ୍ଲକ ମିନଗୁର ପଞ୍ଚାୟତ ଧନପୁର ଅଚ୍ୟୁତାନନ୍ଦ ହାଇସ୍କୁଲ ଓ ମିନଗୁର ୟୁପିସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଭାକର ଲହଜଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଧର୍ମଗଡ଼ ବିଧାୟକ ସୁଧିର ପଟ୍ଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରିୟ ରଞ୍ଜନ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ତହସିଲଦାର ସ୍ମରଣିକା ତୁଳ ମୁଖ୍ୟବକ୍ତା, ଦୁର୍ଗା ମାଧବ ହାଇସ୍କୁଲର ପ୍ରଧାନଶିକ୍ଷକ ଅଶ୍ୱିନୀ ମୁଣ୍ଡ ଓ ପୁଲିସ ଏଏସଆଇ ଶେଖର ଜେନା ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକ, ମୁଖ୍ୟ ବକ୍ତା ଅଧ୍ୟାପକ ବଙ୍କିମ ମୁଣ୍ଡ, ବିଜମରା ସ୍କୁଲର ପ୍ରଧାନଶିକ୍ଷକ ଖଗେଶ୍ୱର ମାଝି, ମିନଗୁର ସ୍କୁଲର ପ୍ରଧାନଶିକ୍ଷକ ଜିତେନ୍ଦ୍ର ନାଏକ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରଜକିଶୋର ମିଶ୍ର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସୂର୍ଯ୍ୟନାରାୟଣ ଖାଡାଙ୍ଗା, ଅନିଲ ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରମଲାଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭୟାରଣ୍ୟବାସୀଙ୍କ ପାଇଁ ସ୍ୱତନ୍ତ୍ର ଆଧାର କ୍ୟାମ୍ପ୍



**ନୂଆପଡ଼ା/କୋମନା, ୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ବହୁ ବନବାସୀ ଆଦିବାସୀ ଆଧାର କାର୍ଡ କରିବାରୁ ବଞ୍ଚିତ ରହିଥିବାବେଳେ ଏମାନଙ୍କୁ ଦ୍ୱାରମୁହଁରେ ସେବା ଯୋଗାଇଦେବାକୁ ପ୍ରଶାସନ ତରଫରୁ ଉଦ୍ୟମ କରାଯାଇଛି। ସୁନାବେଡ଼ାରେ ସ୍ୱତନ୍ତ୍ର ଆଧାର କାର୍ଡ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ସେଠାରେ ବସବାସ କରୁଥିବା ସୋସେଙ୍ଗ ଓ ସୁନାବେଡ଼ା ପଞ୍ଚାୟତର ଲୋକେ ଶିବିରରେ ଆସି ନୂତନ ଆଧାର କାର୍ଡ ଓ ଆଧାର ଅପଡେଟ୍ ଆଦି କାର୍ଯ୍ୟ କରିଥିଲେ। ଏହି କ୍ୟାମ୍ପରେ ଡୋଲେଶ୍ୱର ହେରନା, ଭିକାରୀ ଚରଣ ରାଉତ ଓ ମହେନ୍ଦ୍ର ମେହେର ସହଯୋଗ କରିଥିଲେ। ଚକୋଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥା ଏହି କ୍ୟାମ୍ପ ଆୟୋଜନ କରିଥିଲେ। ସିବିଡିଏର ସ୍ୱତନ୍ତ୍ର ଅଧିକାରୀ ବିଜୟା ନନ୍ଦ ମଲ୍ଲିକ, ପ୍ରସନ୍ନ ନାୟକ ଓ ଜିତେନ୍ଦ୍ର ପ୍ରସାଦ ସିଂହ ପ୍ରମୁଖ ସହଯୋଗ କରିଥିଲେ।

## ବାଲସି ଜବାହାର ଉଚ୍ଚ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା

**କେସିଙ୍ଗା, ୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବାଲସି ଜବାହାର ଉଚ୍ଚ ବିଦ୍ୟାପୀଠର ୩୬ ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଅଭୟ ଦେବତାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ମଶାଲ ଆଣି ବିଦ୍ୟାଳୟର ଖେଳ ପଡ଼ିଆରେ ସ୍ଥାପନା କରାଯାଇଥିଲା। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ସଭାପତି ବିନୋଦ ବିହାରୀ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନରାଜ ଶତପଥୀ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଶଉଭମ ଦାସ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ଶିକ୍ଷକ ରବୀନ୍ଦ୍ର ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲେ।




## ସର୍ବଭାରତୀୟ ନକଆଉଟ ଫୁଟବଲ

# ସେମିରେ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ



**କେସିଙ୍ଗା, ୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲକୁ ପେନାଲଟି ସୁଟ୍‌ରେ ୪-୧ ଗୋଲରେ ହରାଇ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ସେମି ଫାଇନାଲରେ ପ୍ରବେଶ କରିଛି। କେସିଙ୍ଗା ଆଥେଲେଟିକ ଆଣ୍ଡ କଲଚରାଲ ଆସୋସିଏସନ ଆନୁକୂଲ୍ୟରେ କେସିଙ୍ଗା ମିନି ଷ୍ଟାଡିୟମରେ ଏହି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍‌ର ଜେନେରାଲ ସେକ୍ରେଟାରୀ ଜଗମୋହନ ପଟ୍ଟନାୟକ, ଅନୁପମ ସାହା, କେସିଙ୍ଗା ନଗରପାଳ ନୃପରାଜ ଯାଦବ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଅନୁଷ୍ଠାନର ସଭାପତି ରାମକୁମାର ଜୈନ, ସମ୍ପାଦକ ପୁରନ୍ଦର ଭୋଇ, ଉପସଭାପତି ସରିତା ସିନ୍ଦୂର, କୋଷାଧ୍ୟକ୍ଷ ଧୀରଜ ଅଗ୍ରୱାଲ, ସମୀର ବେହେରା, ବଳରାମ ସୁନା, ଅଭିମନ୍ୟୁ ମହାନନ୍ଦ, ଗଦାଧର ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ନାଏକ ଖେଳ ପରିଚାଳନା କରିଥିଲେ। ବେଶ୍ୱେଶ୍ୱର୍ ପଧାନ, ବୁଲୁ ମାଝୀ ଓ ଲକ୍ଷ୍ମୀ ମାଝୀ ସହଯୋଗ କରିଥିଲେ।

## ସୁନାବେଡ଼ାରେ ମାଗଣା ସ୍ୱାସ୍ଥ୍ୟ ଶିବିର

**ନୂଆପଡ଼ା/କୋମନା, ୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ସୁନାବେଡ଼ାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ତରଫରୁ ଆୟୋଜିତ ଶିବିରରେ ସୁନାବେଡ଼ା ଓ ସୋସେଙ୍ଗ ପଞ୍ଚାୟତର ୧୨୦ ଜଣ ରୋଗୀଙ୍କୁ ମାଗଣାରେ ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରିୟରଞ୍ଜନ ସାହୁ, ଡା. ଶ୍ରୀତମ ସାହୁ, ଡା. ଶିବାଙ୍ଗି ରଥ, ଦେବଦତ୍ତ ସିଂହ, ମୀନା କୁମାରୀ ବାଗ, ସଞ୍ଜିବନୀ ହେଲ୍ଥ କ୍ଲିନିକର ଡା. ସଂଯୁକ୍ତା ବେହେରା, ପ୍ରେମଚନ୍ଦ ବୈଠାରୁ, କୃଷ୍ଣଚନ୍ଦ୍ର ଶବର, ଲିପିକା ବର୍ଗେ ପ୍ରମୁଖ ଶିବିରରେ ସହଯୋଗ କରିଥିଲେ। ଚିହ୍ନଟ ରୋଗୀଙ୍କୁ ମାଗଣାରେ ଔଷଧ ଏବଂ ମଶାରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଚକୋଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ବିଜୟା ନନ୍ଦ ମଲ୍ଲିକ, ପ୍ରସନ୍ନ ନାୟକ ପୋଷଣ ଅଧିକାରୀ ଓ ଜିତେନ୍ଦ୍ର ପ୍ରସାଦ ସିଂହ ସହଯୋଗ କରିଥିଲେ।

## ଝାମୁଯାତ୍ରା ପାଇଁ ଭୂମିପୂଜା

**କର୍ଲାମୁଣ୍ଡା, ୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠରେ ଚୈତ୍ର ମାସରେ ଝାମୁଯାତ୍ରା ହେବ। ଏଥିଲାଗି ଶନିବାର ମାଁ ଚଣ୍ଡୀଙ୍କ ଉଲଗନ ଦିଆ ତଥା ଭୂମିପୂଜା ସହ ବାନା ପୂଜା ଆୟୋଜିତ ହୋଇଯାଇଛି। ଘଣ୍ଟଶଙ୍ଖ, ନିଶାଣ, ହୁଳହୁଳି ସହ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠରୁ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଯାତ୍ରାରେ ଚଣ୍ଡୀଙ୍କ ସମେତ ପାର୍ଶ୍ୱ ଦେବୀଙ୍କ ପରିକ୍ରମା ହୋଇ ଶିବମନ୍ଦିରଠାରୁ ପ୍ରତ୍ୟାବର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଦେହୁରୀ ସୁଶାନ୍ତ ମଲ୍ଲିକଙ୍କୁ କାଳିସି ଆସିଲାପରେ ମରାମପୁର ନିଳମାଧବ ସିଂଦେଓ ରାଜାପରିବାର ସଦସ୍ୟରୁ ପାଟସେନ୍ଧୁର ପ୍ରଥମେ ଚଣ୍ଡୀଙ୍କୁ ସମର୍ପଣ କରିଥିଲେ। ସେବାୟତ ରଞ୍ଜନ ରଣା, ହରି ବାରିକ, ହୃଦାନନ୍ଦ ମଲ୍ଲିକ, ବୃହସ୍ପତି ରଣା, ସୂର୍ଯ୍ୟମଣି ରଣା, ମହେନ୍ଦ୍ର ପ୍ରଧାନୀ, ସେଶଦେବ ରଣା, ମଣ୍ଟୁ ରଣା, ମହିମା ରଣା, କୈଳାସ କୁମୁରା, ଲମ୍ବଧର ରଣା, ମାର୍କଣ୍ଡ ପ୍ରଧାନୀ, ଚୁନୁ ପଟନାୟକ, ସରପଞ୍ଚ ସେବତୀ ରଣା, ମାଧବ ମାଝୀ, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା ପ୍ରମୁଖ ଯୋଗ ଦେଇଥିଲେ।

## କରଣ ସମାଜ ବୈଠକରେ ନାରୀ ସଶକ୍ତିକରଣକୁ ଗୁରୁତ୍ୱ



**କୋକସରା, ୧୨(ସମିସ) :** କୋକସରା ବ୍ଲକ ରେଙ୍ଗଲପାଲିରେ ଶନିବାର କଳାହାଣ୍ଡି ଜିଲ୍ଲାସ୍ତରୀୟ କରଣ ସମାଜର ବୈଠକ ଅନୁଷ୍ଠିତ ହୋଇଛି। କୋକସରା ବ୍ଲକ କରଣ ସମାଜର ସଭାପତି ସହଦେବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା କରଣ ସମାଜ ସଭାପତି ରାମ ଶଙ୍କର ଦାସ, ସମ୍ପାଦକ ପ୍ରଦୀପ୍ତ ପଟ୍ଟନାୟକ, କୋକସରା କରଣ ସମାଜ ସମ୍ପାଦକ ନାରାୟଣ ପଟ୍ଟନାୟକ, ଫକୀର ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି କ୍ରମରେ ଅତିଥିମାନେ ସମାଜର ଅର୍ଥନୈତିକ ବିକାଶ, ସାଂଗଠାନିକ ବିକାଶ ଓ ଭବାନୀପାଣାରେ ଚିତ୍ରଗୁପ୍ତ ମନ୍ଦିର ପ୍ରତିଷ୍ଠା ଆଦି ବିଷୟରେ ଆଲୋଚନା ସହ ନାରୀ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତୁଲ୍ୟ ଭୂଷଣ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ଲୋକନାଥ ପଟ୍ଟନାୟକ, ପ୍ରୀତି ପଟ୍ଟନାୟକ, ରୀନା ପଟ୍ଟନାୟକ, ଚିତ୍ତରଞ୍ଜନ ମହାନ୍ତି, ମୁକ୍ତେଶ୍ୱର ପଟ୍ଟନାୟକ, ଯତୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ବିଭିନ୍ନ ବିଷୟରେ ନିଜ ନିଜ ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଓ ଗାୟତ୍ରୀ ପଟ୍ଟନାୟକ ସ୍ୱାଗତ ସଙ୍ଗୀତ ପରିଶେଷଣ କରିଥିଲେ। ରାମକୃଷ୍ଣ ପଟ୍ଟନାୟକ ସ୍ୱଗତ ଭାଷଣ ପ୍ରଦାନ କରିଥିବାବେଳେ ଅକ୍ଷୟ ପଟ୍ଟନାୟକ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ କଳ୍ପବଟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭବାନୀପାଟଣା ନୂଆ ରେଳଷ୍ଟେସନ ନିର୍ମାଣରେ ମନ୍ଥରତା

**ଭବାନୀପାଟଣା, ୧୨(ସମିସ):**



ଅମୃତ ଭାରତ ଷ୍ଟେସନ ଯୋଜନାରେ ସାମିଲ ହୋଇଥିବା କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ଚାଲିଛି। ନୂଆ ରୂପରେ ସଜେଇ ହେବା ସହ ବିଭିନ୍ନ ଆନୁଷଙ୍ଗିକ ସୁବିଧା ପ୍ରତି ଧ୍ୟାନ ଦିଆଯିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ନିର୍ମାଣ କାର୍ଯ୍ୟରେ ଶିଥିଳତା କାରଣରୁ ଦୈନିକ ରେଳ ସେବା ଉପଲବ୍ଧ କରୁଥିବା ଯାତ୍ରୀମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ବରିଷ୍ଠ ନାଗରିକଙ୍କ ପକ୍ଷରେ ଅଧିକ କଷ୍ଟଦାୟକ ପରିସ୍ଥିତି ଉପୁଜୁଛି। ମାର୍ଚ୍ଚରେ ଷ୍ଟେସନ ନିର୍ମାଣ ଅବଧି ଶେଷ ହେବ ବୋଲି ଶୁଣିବାକୁ ମିଳୁଛି। ଏଯାବତ ମାତ୍ର ୫୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଭବାନୀପାଟଣା ରେଳ ଷ୍ଟେସନ ନିର୍ମାଣର ଖର୍ଚ୍ଚ ଅଟକଳ ପ୍ରଥମ ପର୍ଯ୍ୟାୟରେ ୧୯ କୋଟି ୫୦ଲକ୍ଷ ଟଙ୍କା ଥିଲା। ଏବେ କେତେ ବୃଦ୍ଧି ପାଇଛି ସେନେଇ ଠିକ ତଥ୍ୟ ହସ୍ତଗତ ହୋଇନାହିଁ; କିନ୍ତୁ ନିର୍ମାଣ କାର୍ଯ୍ୟରେ ଯେତିକି ବିଳମ୍ବ ଘଟୁଛି ଉନ୍ନତମାନର ନିର୍ମାଣ କାର୍ଯ୍ୟକୁ ନେଇ ସନ୍ଦେହ ଦେଖାଦେଇଛି। ଦାୟିତ୍ୱରେ ଥିବା ଠିକାଦାର ନିର୍ମାଣ ନୀତି ନିୟମକୁ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହେଉଛି। ତାହାର ସତ୍ୟତା ପ୍ରତି ରେଳ ମନ୍ତ୍ରଣାଳୟ ଗୁରୁତର ସହ ବିଚାର କରିବା ଉଚିତ। ଗତ ବର୍ଷ ଅଗଷ୍ଟରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ପରିଦର୍ଶନରେ ଆସିଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବତଟ ରେଳପଥ ଅଧୀନ ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ରୋଡ଼ ରେଳପଥ ଭବାନୀପାଟଣା ରେଳ ଷ୍ଟେସନ ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାର ବିଭିନ୍ନ ରେଳ ସମସ୍ୟା ସମ୍ପର୍କରେ ଟିକିନିଖି ଆଲୋଚନା କରିଥିଲେ। ସେହିପରି ଇଷ୍ଟକୋଷ୍ଟ ରେଲୱେ ଜିଏମ ପରମେଶ୍ୱର ପଙ୍କୱାଲଙ୍କୁ କଳାହାଣ୍ଡି ରେଳଯାତ୍ରୀ ସଂଘ ପକ୍ଷରୁ ସାକ୍ଷାତ କରି କଳାହାଣ୍ଡି ଓ ନୂଆପଡ଼ା ରେଳଷ୍ଟେସନର ବିଭିନ୍ନ ସମସ୍ୟା ଉପରେ ସବିଶେଷ ଆଲୋଚନା ହୋଇଛି। ଜିଲ୍ଲାର ରେଳ ସେବା କ୍ଷେତ୍ରରେ ଜୁନାଗଡ଼-ଭୁବନେଶ୍ୱର ରେଳକୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ, ନର୍ଲା ଜମି ସମ୍ବନ୍ଧିତ ସମସ୍ୟାକୁ ସମାଧାନ କରି ନର୍ଲା ଲୋକମୋଟିଭ ପ୍ରୋଜେକ୍ଟକୁ ଅତିଶୀଘ୍ର ଆରମ୍ଭ କରିବା, କେସିଙ୍ଗା ଷ୍ଟେସନରେ ଉଭୟ ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନରେ ଅନଲୋଡିଂ ସୁବିଧା, କେସିଙ୍ଗାଠାରୁ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ୍, ସପ୍ତାହରେ ୩ ଦିନ କେସିଙ୍ଗା ସମସ୍ତ ଡାଉନ୍ ଟ୍ରେନ୍ ୪ ନଂ ପ୍ଲାଟଫର୍ମରେ ଦେବା, ଟ୍ରେନ୍ ଆସିବା ପୂର୍ବରୁ ଘୋଷଣା କରିବା ଜରୁରୀ, ରେଳ ଟିକେଟ୍ କୋଟା ଅଧୀନ କେସିଙ୍ଗା ଷ୍ଟେସନକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା, କେସିଙ୍ଗାକୁ ଇସ୍ପାତ ଏକ୍ସପ୍ରେସର ସମ୍ପ୍ରସାରଣ, ନର୍ଲା, ରୁପ୍ରା ରୋଡ୍, ଲାଞ୍ଜିଗଡ଼ ରୋଡ, ଜୁନାଗଡ଼, ଧର୍ମଗଡ଼, ରାମଚନ୍ଦ୍ରପୁର, ଦେପୁରର ବିଭିନ୍ନ ଦାବି, ନର୍ଲାରୋଡ଼ ଷ୍ଟେସନରେ ସମତା, ତିରୁପତି ଓ ଧାନବାଦ ଏକ୍ସପ୍ରେସ ଟ୍ରେନ ରହଣି ଏବଂ ଭବାନୀପାଟଣା ଓ ଜୁନାଗଡ଼ ରେଲୱେ ଷ୍ଟେସନରେ ଦ୍ୱିତୀୟ ପ୍ଲାଟଫର୍ମ ନିର୍ମାଣ ପ୍ରମୁଖ ଦାବି ଉପରେ ରେଳ ମନ୍ତ୍ରାଳୟ ଗୁରୁତ୍ୱଦେବା ଆବଶ୍ୟକତା ରହିଛି। କଳାହାଣ୍ଡି ରେଳଯାତ୍ରୀ ସଙ୍ଘର ସଭାପତି ଭବାନୀଶଙ୍କର ନିଆଲ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସାକ୍ଷାତ କରି ଜିଲ୍ଲାର ବିଭିନ୍ନ ରେଳ ସମସ୍ୟା ଓ ଏହାର ସମାଧାନ ପାଇଁ ଅବଗତ କରାଇଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ରେଳ ମନ୍ତ୍ରଣାଳୟ କଳାହାଣ୍ଡି ଉପରେ ଶୁଭଦୃଷ୍ଟି ରଖିବା ସହିତ ଚଳିତ ବର୍ଷ ନିର୍ମାଣାଧୀନ ଭବାନୀପାଟଣା ରେଳ ଷ୍ଟେସନକୁ ଜିଲ୍ଲାବାସୀଙ୍କୁ ଭେଟି ଦେବେ ବୋଲି ବିଭିନ୍ନ ମହଲରୁ ଆଶା କରାଯାଉଛି।

## ଶ୍ରୀ ସାଇ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ଓ ବାର୍ଷିକ କ୍ରୀଡ଼ା ଉତ୍ସବ

# 'ସଫଳତା ପାଇଁ ନିରବଚ୍ଛିନ୍ନ ପରିଶ୍ରମ ଆବଶ୍ୟକ'



**ନୂଆପଡ଼ା, ୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୁରୁମପୁରୀ ଘାଟିପଡ଼ାସ୍ଥିତ ଶ୍ରୀସାଇ ମହାବିଦ୍ୟାଳୟର ଦ୍ୱାଦଶ ଓ ଯୁକ୍ତତିନି ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ଅଶୋକ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀ ଜଗନ୍ନାଥ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ମୁକେଶ ଭସାଣୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତୀ ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ଓ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ ଦୁଷ୍ମନ୍ତ ସାହୁ ଉପସ୍ଥିତ ଥିଲେ। ଅଧ୍ୟାପକ ପଦ୍ମନାଭ ତାଣ୍ଡି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଦୀପାଞ୍ଜଳି ରଣା ଓ ସିପ୍ରା ଗୁଆ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧ୍ୟାପକ ଗଣେଷ ସାହୁ ଓ ଭକ୍ତଚରଣ ମହାନନ୍ଦ ପରିଚାଳନା କରିଥିଲେ। +୨ ଶେଷ ବର୍ଷର ଛାତ୍ରୀମାନେ ସ୍ୱାଗତ ଗୀତ ଗାନ କରିଥିଲେ। ଚଳିତ ବର୍ଷ ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ର ଜୀବନରେ ସଫଳତା ପାଇବାକୁ ହେଲେ ନିରନ୍ତର ପରିଶ୍ରମ କରିବାକୁ ହେବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲାଫ ଶେଷରେ ଅଙ୍କିତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ପ୍ରଶାସକ ମୁକେଶ ରାଉତ, ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ କିଶୋର ଚନ୍ଦ୍ର ଏଣ୍ଡଜା, ଈପସିତା ମଣ୍ଡଳ, ଈପସିତା ସିଂ ରାଜପୁତ, ସଜନୀ ଶବର, ଗଣେଶ ସାହୁ, ଶ୍ରୀୟା ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### କେନ୍ଦ୍ର ବଜେଟ୍‌କୁ ନେଇ ମିଶ୍ର ପ୍ରତିକ୍ରିୟା

# ଜୀବିକା ନିର୍ବାହର ସହଜ ମାଧ୍ୟମ ଦିଶାହୀନ

**ଭବାନୀପାଟଣା/ସୋନପୁର, ୧।୨(ସମିସ)**

ଚଳିତ ବଜେଟ ଜନସଂଖ୍ୟାଗତ ଲାଭକୁ ଦୃଷ୍ଟିରେ ରଖି କୌଶଳପୂର୍ଣ୍ଣଭାବେ ପ୍ରସ୍ତୁତ ହୋଇଥିବା କୁହାଯାଇଛି। ଅର୍ଥନୈତିକ ବିକାଶର ଭିତ୍ତିଭୂମି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜୀବନ ସୁରକ୍ଷାର ଉନ୍ନତି ପ୍ରତି ଧ୍ୟାନ ଦେଇ ଔଷଧ ଉପରେ ଏହି ବଜେଟ ସଚେତନ ଥିବା ମନେ ହେଉଛି ସତ; କିନ୍ତୁ ଜୀବିକା ନିର୍ବାହର ସହଜ ମାଧ୍ୟମ ଯେମିତି ଦିଶାହୀନ ହୋଇପଡ଼ିଥିବା ଅନୁମାନ କରାଯାଉଛି। କାର୍ କିମ୍ବା ଏଲେକ୍ଟ୍ରିକ ଗାଡିର ମୂଲ୍ୟ ହ୍ରାସ ହେଲେ ଗରିବ ସାଧାରଣ ଲୋକଙ୍କ କ୍ଷେତ୍ରରେ କୌଣସି ଫରକ ପଡ଼ିବ ନାହିଁ। ଭାରତର ଭୌତିକ ବିକାଶ ତଥା ଯୋଗାଯୋଗର ଭିତ୍ତିଭୂମିର ଉନ୍ନତି ଓ ପୁଞ୍ଜି ନିବେଶ ଯେମିତି ଗୁରୁତ୍ୱ ଦିଆଯାଇଛି ସେହିଭଳି ଜୀବନଧାରଣ ଲାଗି ମୌଳିକ ସୁବିଧା ଯୋଗାଇବାରେ ପ୍ରଚେଷ୍ଟା ଅଧିକ ହୋଇଥିଲେ ବଜେଟ ସାର୍ବଜନୀନ ହୋଇଥାନ୍ତା। ସାମାଜିକ ପ୍ରଗତିକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବନିମ୍ନ ସ୍ତରରେ ବଞ୍ଚୁଥିବା ମଣିଷଙ୍କ ସାଧାରଣ ଆବଶ୍ୟକତା ପୂରଣ ହେବା ଆବଶ୍ୟକ ବୋଲି କେନ୍ଦ୍ର ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।



କେନ୍ଦ୍ର ସରକାରଙ୍କ ୨୦୨୫ର ବଜେଟରେ କୃଷକ ଓ ମହିଳାଙ୍କ ସମୃଦ୍ଧି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଘୋଷଣା କରାଯାଇଛି। ଏହି ଉଦ୍ୟମଗୁଡ଼ିକ ଭାରତର ଆର୍ଥିକ ବିକାଶ, ସୁସ୍ଥିରତା ଓ ସମାବେଶକୁ ଆଗକୁ ବଢ଼ାଇବ। ମହିଳା ଉଦ୍ୟମୀଙ୍କ ପାଇଁ ଋଣ ସୁବିଧା, ମହିଳା ଉଦ୍ୟମୀମାନଙ୍କୁ ଦୁଇ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ପ୍ରଦାନ ବଜେଟର ଏକ ଉଚ୍ଚ ଆଭିମୁଖ୍ୟ ବୋଲି କୁହାଯାଇପାରେ। ଦୁଃଖର କଥା କାର୍ ମୂଲ୍ୟରେ ହ୍ରାସ ହେଉକି ସୌଖିନ୍ ସାମଗ୍ରୀରେ ଦର ତଳକୁ ଖସିଲେ ସାଧାରଣ ବର୍ଗର ଲୋକଙ୍କ ଜୀବନଧାରଣ ପ୍ରକ୍ରିୟା ଉପରକୁ ଉଠିବା ସମ୍ଭବ ନୁହେଁ। ତଥାପି ଜୀବନ ରକ୍ଷାକାରୀ କେତେକ ଔଷଧ ପ୍ରତି ବଜେଟର ଦୂରଦର୍ଶିତା ପ୍ରଶଂସନୀୟ।

**ମହେନ୍ଦ୍ର ପଟ୍ଟନାୟକ**

ଗତବର୍ଷ ବଜେଟରେ ଆନ୍ଧ୍ରପ୍ରଦେଶକୁ ପ୍ରାଧାନ୍ୟ ମିଳିଥିବା ବେଳେ ଏ ବର୍ଷ ବିହାରକୁ ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶାରୁ ଏଥର ୨୦ ଜଣ ବିଜେପି ସାଂସଦ ନିର୍ବାଚିତ ହୋଇ ଯାଇଥିଲେ ହେଁ ଓଡ଼ିଶା ପାଇଁ କୌଣସି ସ୍ୱତନ୍ତ୍ର ପ୍ୟାକେଜ ଦିଆଯାଇନାହିଁ। ଟିକସ୍ ରିହାତି ଯଦିଓ ମଧ୍ୟବିତ୍ତଙ୍କୁ ଅଳ୍ପ ଆଶ୍ୱସ୍ତି



ଦେବ; କିନ୍ତୁ ରୋଜଗାର ଏବଂ ଷ୍ଟାର୍ଟଅପ୍ ପାଇଁ କିଛି ନୂତନ ଘୋଷଣା ହୋଇନାହିଁ। ଅନ୍ୟପଟେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ସୁନା, ପେଟ୍ରୋଲ, ଡିଜେଲ ଏବଂ ନିତ୍ୟ ବ୍ୟବହୃତ ସାମଗ୍ରୀର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଇନାହିଁ।

**ଅବିନାଶ ଠାକୁର**
**ସଦସ୍ୟ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ**

ଏହି ବଜେଟରେ କୃଷିକୁ ପ୍ରାଧାନ୍ୟ ଦିଆଯାଇଛି। କିସାନ କ୍ରେଡିଟ କାର୍ଡରେ ଲୋନ ସୀମା ପାଞ୍ଚ ଲକ୍ଷକୁ ବୃଦ୍ଧି ହୋଇଛି। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଗୁରୁତ୍ୱାରୋପ କରାଯାଇଛି। ଏହାଦ୍ୱାରା ରାଷ୍ଟ୍ରରେ ଶିଳ୍ପର ବିକାଶ ହୋଇପାରିବ। ସ୍ୱାସ୍ଥ୍ୟ ଉପରେ ସରକାର ଧ୍ୟାନ ଦେଇଛନ୍ତି। ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ କ୍ୟାନସର ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ହେବ। ପରମାଣୁ ଶକ୍ତିର ବିକାଶ ଲାଗି ୨୦ ହଜାର କୋଟି ଖର୍ଚ୍ଚ ହେବ। ସହରାଞ୍ଚଳର ବିକାଶ ଲାଗି ୧ କୋଟି ଖର୍ଚ୍ଚ ହେବ। ଏ ଆଇ ଶିକ୍ଷା ପାଇଁ



୫୦୦ କୋଟି ବ୍ୟୟ ବରାଦ କରାଯାଇଛି। ପର୍ଯ୍ୟଟନର ବିକାଶ ପାଇଁ ମଧ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ପର୍ଯ୍ୟଟକ ଆସିଲେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ସାଧନ ହୋଇପାରିବ। ଆୟ ପ୍ରଦାନକାରୀମାନଙ୍କ ପାଇଁ ଏହି ବଜେଟରେ କୋହଳ କରାଯାଇଛି। ୧୨ ଲକ୍ଷ ପର୍ଯ୍ୟନ୍ତ କୌଣସି ଆୟକର ପଡ଼ିବ ନାହିଁ। ଭିତ୍ତିଭୂମିର ବିକାଶ ପାଇଁ ତଥା ଉତ୍କୃଷ୍ଟ ଗବେଷଣା ନିମନ୍ତେ ବଜେଟରେ ଗୁରୁତ୍ୱ ଦିଆଯାଇଛି।

**ଡ. ନିବେଦିତା ନାଥ**
**କୁଳପତି, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା**

ଭାରତର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ଶୀତାରମନ କ୍ରମାଗତ ଅଷ୍ଟମ ଥର ସଂସଦରେ ବଜେଟ



ଉପସ୍ଥାପନ କରିଛନ୍ତି। ଏହି ବଜେଟ ବାର୍ଷିକ ଆୟ ବ୍ୟୟର ଅଟକଳଟି ପ୍ରତ୍ୟକ୍ଷ କରଦାତାଙ୍କ ଲାଗି ବିଶେଷ କରି ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ଆୟକରଦାତାଙ୍କ ଲାଗି ଅତ୍ୟନ୍ତ ଖୁସି ଆଣିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ର ଲାଗି ସେତଟା ଅଗ୍ରାଧିକାର ଦିଆଯାଇନାହିଁ। ଏହି ବଜେଟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ, ରପ୍ତାନି ଶିଳ୍ପ ଲାଗି ସ୍ୱତନ୍ତ୍ର ପ୍ରୋତ୍ସାହନ ଏବଂ ଜିଲ୍ଲା ସ୍ତରରେ କ୍ୟାନ୍ସର ରୋଗର ଚିକିତ୍ସା ଉପରେ ଗୁରୁତ୍ୱ, ଉଡାଣ ଯୋଜନାର ବ୍ୟାପକତା ଇତ୍ୟାଦି ଭଲ ପଦକ୍ଷେପ ମାନ ନିଆଯାଇଛି। ଚଳିତ ଆର୍ଥିକ ବର୍ଷର ବଜେଟଟି ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ।

**ଡ ରଜନୀକାନ୍ତ ଜେନା**
**ସହକାରୀ ଅଧ୍ୟାପକ, ଅର୍ଥନୀତି ବିଭାଗ, ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା**

ବଜେଟରେ ୧୨ ଲକ୍ଷ ଯାଏଁ ଆୟକର ଛାଡ କେନ୍ଦ୍ର ସରକାରଙ୍କ ଏକ ଭଲ ନିଷ୍ପତ୍ତି। ଯେଉଁଠି ସମସ୍ତ ବର୍ଗର ଲୋକେ ଉପକୃତ ହେବେ। ବିଶେଷ କରି ଚାକିରିଆ, ନିମ୍ନ ଆୟବର୍ଗ, ମଧ୍ୟବିତ୍ତ



ଏବଂ କର୍ମଜୀବୀଙ୍କୁ ଲାଭ ମିଳିବ। ଚଳିତ ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପୁଞ୍ଜି ନିବେଶ, ନିଯୁକ୍ତି ଭଳି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ସତ; କିନ୍ତୁ ସାଧାରଣବର୍ଗଙ୍କ ନିତ୍ୟ ବ୍ୟବହୃତ ସାମଗ୍ରୀ ଯେମିତିକି ପନିପରିବା, ଖାଇବା ତେଲ, ପେଟ୍ରୋଲ, ଡିଜେଲ ତଥା ସୁନା ଆଦିପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏମିତି କି ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ମଧ୍ୟ ଚଳିତ ବଜେଟ୍ ନିରାଶ କରିଛି।

**ଆଶୁତୋଷ ପୁରୋହିତ**
**ଯୁବ ସାହିତ୍ୟିକ, ମନ୍ଦାର ବଗିଚା ପଡ଼ା, ଭବାନୀପାଟଣା**



ଚଳିତ ବଜେଟ୍‌ରେ ଆୟକର ରିହାତି ସୀମା ବୃଦ୍ଧି ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ମଧ୍ୟମ ବର୍ଗର ବ୍ୟବସାୟୀଙ୍କୁ ନିଶ୍ଚିତ ଭାବେ ସୁହାଇବ। ଟିକସ ସରଳୀକରଣ ବ୍ୟବସ୍ଥା ଖାଉଟିଙ୍କ ହିତ କଳ୍ପେ ସଂଶୋଧିତ। ସାଧୁତାର ସହିତ ଟିକସ ପ୍ରଦାନକାରୀ ବ୍ୟବସାୟୀଙ୍କ ପାଇଁ ଆହୁରି ବିଶେଷ ସୁବିଧାର ଅଦ୍ୟାବଧି ଆବଶ୍ୟକତା ରହିଛି।

**ବିଦ୍ୟାଧର ସାହୁ**
**ସଭାପତି, ବ୍ୟବସାୟୀ ସଙ୍ଘ, ଧର୍ମଗଡ଼, କଳାହାଣ୍ଡି**



ଚଳିତ ବଜେଟ ମଧ୍ୟବିତ୍ତ ପାଇଁ ଭଲ ବଜେଟ ଅଛି। ଏଥର ବଜେଟରେ ସ୍ୱାସ୍ଥ୍ୟସେବାକୁ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ବଜେଟରେ ବହୁ ଜୀବନ ରକ୍ଷାକାରୀ ମେଡିସିନ ଉପରୁ କଷ୍ଟମ ଡ୍ୟୁଟି ଛାଡ଼ କରାଯାଇଥିବାରୁ ମେଡିକାଲ ଉପକରଣ ବି ଶସ୍ତା ହେବ ମଧ୍ୟ ଶସ୍ତା ହେବ। କ୍ୟାନସର ଭଳି ମାରାତ୍ମକ ରୋଗର ମେଡ଼ିସିନ ଏବେ ସହଜରେ ଉପଲବ୍ଧ ହେବ। ବିଭିନ୍ନ କ୍ଷେତ୍ର ପାଇଁ ଏହି ବଜେଟରେ ବଡ ଘୋଷଣା କରାଯାଇଥିବା ବେଳେ ଭବିଷ୍ୟତକୁ ଦେଖି ଏଥର ବଜେଟ୍ କରାଯାଇଛି।

**ବିନ୍ଧୁ ମହାନନ୍ଦ, ବ୍ଲକ ଅଧ୍ୟକ୍ଷ, ଗୋଲାମୁଣ୍ଡା**

ଦେଶର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟରେ ଉଦ୍ୟମ କରିଛନ୍ତି। ବିଶେଷତଃ ମଧ୍ୟବିତ୍ତ ବର୍ଗଙ୍କ ଆୟକର ସୀମା ୧୨ ଲକ୍ଷ ପର୍ଯ୍ୟନ୍ତ ରିହାତି ଦେଇ ଏକ ଇତିହାସ ସୃଷ୍ଟି କରିଛନ୍ତି। ଶିକ୍ଷା ପାଇଁ ଅଧିକ ପ୍ରୋତ୍ସାହନ ଦେବା ସହିତ ଆଞ୍ଚଳିକ ଭାଷାରେ ପୁସ୍ତକ ପ୍ରକାଶ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବଜେଟରେ ମହିଳା, ଯୁବ ବର୍ଗ ଏବଂ ବୟସ୍କଙ୍କ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ପର୍ଯ୍ୟଟନ



ଉପରେ ଗୁରୁତ୍ୱ ଦେବା ସହିତ ଉଡାନ ଯୋଜନାକୁ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ସୁବର୍ଣ୍ଣପୁର ଜିଲ୍ଲା ପାଇଁ ମଧ୍ୟ ପର୍ଯ୍ୟଟନର ଉନ୍ନତି ଆଶା କରିବା ସ୍ୱାଭାବିକ।

**ଡ. ଜ୍ୟୋତିରଞ୍ଜନ ବହିଦାର, ଅର୍ଥଶାସ୍ତ୍ରୀ, ସୋନପୁର**

ବଜେଟରେ ନୂତନତ୍ୱ କିଛି ନାହିଁ। ଚିରାଚରିତ



ବଜେଟ। ରାଜନୈତିକ ଫାଇଦା ହାସଲ କରିବା ପାଇଁ କିଛି ମନଲୋଭା ନାମକରଣ ଦ୍ୱାରା ଲୋକଙ୍କୁ ଖୁସି କରିବା ପାଇଁ ଚେଷ୍ଟା କରାଯାଇଛି। ସାଧାରଣ ଲୋକ, ମଧ୍ୟବିତ୍ତ, ଗରିବ, ଖଟିଖିଆ, ଶ୍ରମିକଙ୍କୁ ବଜେଟ୍‌ରୁ କୌଣସି ସୁଫଳ ମିଳିବ ନାହିଁ। କ୍ଷମତାରେ ଥିବା ଦଳ ରାଜନୈତିକ ଦଳ ଫାଇଦା ହାସଲ କରିବା ପାଇଁ ବଜେଟ୍ ପ୍ରସ୍ତୁତ କରାଯାଇଛି।

**ଜିତେନ୍ଦ୍ର ପଟ୍ଟନାୟକ, କଂଗ୍ରେସ ନେତା, ସୋନପୁର**



ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ବଜେଟରେ ବ୍ୟାପକ ଅର୍ଥର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ସହ ସହଭାଗିତାରେ କେନ୍ଦ୍ର ସରକାର ୫୦ଟି ପର୍ଯ୍ୟଟନସ୍ଥଳର ବିକାଶ କରିବେ। ମନ୍ଦିର ମାଳିନୀ ସହର ଦେବଭୂମି ସୁବର୍ଣ୍ଣପୁରରେ ବହୁ ପର୍ଯ୍ୟଟନସ୍ଥଳ ରହିଛି। ରାମେଶ୍ୱର ତ୍ରିବେଣୀ ସଙ୍ଗମ, ଭୀମଭୋଇ ସମାଧି ପୀଠ, ପାତାଳୀ ଶ୍ରୀକ୍ଷେତ୍ର ଓ ପାପକ୍ଷୟ ଆଦି ପର୍ଯ୍ୟଟନ କ୍ଷେତ୍ରର ବିକାଶ ହୋଇ ପାରିବ ବୋଲି ଆମେ ଆଶା କରୁଛୁ।

**ଶ୍ୟାମାଓଁ ପ୍ରସାଦ ମିଶ୍ର, ବରିଷ୍ଠ ଆଇନଜୀବୀ, ସୋନପୁର**

## ମାଲବାହୀ ଟ୍ରେନ୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

**ଥୁଆମୂଳ ରାମପୁର, ୧।୨(ସମିସ):** ଝାରସୁଗୁଡ଼ାରେ ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଥିରେ କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ଗୁଣପୁର ପଞ୍ଚାୟତ ଅଧୀନ କାଠଘରା ମୁଣ୍ଡାପଡ଼ା ଗ୍ରାମର ପଦୁ ମାଝୀଙ୍କ ମୃତ୍ୟୁ ଘଟିଛି। ସେ ଝାରସୁଗୁଡାର ଏକ ସଂସ୍ଥାରେ ନିୟୋଜିତ ଥିଲେ। ଶୁକ୍ରବାର ଝାରସୁଗୁଡା ଷ୍ଟେସନରୁ ସେ କେସିଙ୍ଗା ଆସିବାକୁ ବାହାରିଥିଲା। ଟ୍ରେନ୍‌ରେ ବସିବାକୁ ଯିବାବେଳେ ଏକ ମାଲବାହୀ ଟ୍ରେନ ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହେଇଛି। ତେବେ ପରିବାର ଲୋକ ଶବ ଆଣିବା ପାଇଁ ଝାରସୁଗୁଡା ଯିବାକୁ ସମ୍ବଳ ନ ଥିବା ବେଳେ କାଣିଗୁମା ଗ୍ରାମର ଗୋବିନ୍ଦ ପ୍ରଧାନୀ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକ ଶବ ନେଇ ଗାଁକୁ ଫେରିବେ। ଅନ୍ୟପଟେ ପଦୁ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ତାଙ୍କ ମୃତ୍ୟୁରେ ପରିବାର ଲୋକ ଅସହାୟ ହେଇ ପଡ଼ିଛନ୍ତି।

## ସ୍କୁଟି-ବାଇକ୍ ଧକ୍କାରେ ଜଣେ ଗୁରୁତର

**କୋକସରା, ୧।୨(ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ କାଉଡୋଲା ନିକଟରେ ଶନିବାର ସ୍କୁଟି ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ବରାଡ଼ଙ୍ଗା ପଞ୍ଚାୟତ ତେନ୍ତୁଳିପଡ଼ାର ବୈକୁଣ୍ଠ ରାଉତ(୪୬) ଗୁରୁତର ଆହତ ହୋଇଛନ୍ତି। ସ୍କୁଟି ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ବୈକୁଣ୍ଠ କୋକସରା ପଟୁ ନିଜ ଗାଁକୁ ବାଇକ୍ ଯୋଗେ ଫେରୁଥଲେ। ଏହି ସମୟରେ କାଉଡୋଲା ବୁଲାଣି ନିକଟରେ ବିପରୀତ ଦିଗରୁ ଆସୁଥିବା ସ୍କୁଟି ସହ ତାଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଫଳରେ ବୈକୁଣ୍ଠ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀ ରଞ୍ଜନ ବାରଲା, ସତ୍ୟମ ମାଝୀ, ଲଳିତ ପୁଟେଲ, ରାଧେଶ୍ୟାମ ପ୍ରଧାନୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଗୁରୁତର ବୈକୁଣ୍ଠଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ୬୨ ମେଧାବୀ ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ କଲେ ଜିଲ୍ଲାପାଳ



**ନୂଆପଡ଼ା, ୧।୨(ସମିସ):** ଖରିଆରରୋଡ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନୂଆପଡ଼ା ବ୍ଲକସ୍ତରୀୟ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପ୍ରସ୍ତୁତି ପାଇଁ ବ୍ଲକର ୬୨ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ନେଇ ତିନିଦିନିଆ ସ୍ୱତନ୍ତ୍ର ମାର୍ଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ନୂଆପଡ଼ା ବ୍ଲକର ୩୭ଟି ବିଦ୍ୟାଳୟର ଦଶମ ଶ୍ରେଣୀର ୬୨ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୨୨ଜଣ ବିଷୟଭିତ୍ତିକ ସାଧନ ଶିକ୍ଷକ-ଶିକ୍ଷୟିତ୍ରୀ ଚଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଏ-ୱାନ ଗ୍ରେଡ୍ ସଫଳତା ହାସଲ ପାଇଁ ଦିଗଦର୍ଶନ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାଶ ବିଦ୍ୟାର୍ଥୀଙ୍କୁ ଆତ୍ମସମୀକ୍ଷା, ଆତ୍ମପ୍ରତ୍ୟୟ ଓ ଆତ୍ମବିଶ୍ୱାସର ମୂଳମନ୍ତ୍ର ବାର୍ତ୍ତାଦେଇ ମାର୍ଗଦର୍ଶନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, କାର୍ଯ୍ୟକ୍ରମର ଆୟୋଜକ ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଏବିଇଓ ଉତ୍କଳମଣୀ ଅଗସ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ବରିଷ୍ଠ ସିଆରସିସି ଶରତ ପଣ୍ଡା ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀ ତଥା ତାଙ୍କ ପିତାମାତା ଓ ଅଭିଭାବକଙ୍କୁ ସଫଳତା ପାଇଁ ମାର୍ଗଦର୍ଶନ କରିଥିଲେ। ମୋଟ ୧୫ଟି ଅଧିବେଶନରେ ସମସ୍ତ ବିଷୟରେ ଛାତ୍ରଛାତ୍ରୀଙ୍କ ସନ୍ଦେହମୋଚନ କରାଯାଇ ୯୦ପ୍ରତିଶତ ଉପରେ ମାର୍କ ରଖି ସଫଳତା ପାଇବା ନିମନ୍ତେ ସ୍ୱତନ୍ତ୍ର ମାର୍ଗଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଓ ମାଧ୍ୟମିକ ଶିକ୍ଷା ପରିଷଦ ସଦସ୍ୟ ଡ.ଶିବପ୍ରସାଦ ବେହେରା ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସଫଳତା ହାସଲ ନିମନ୍ତେ ଅଭିପ୍ରେରିତ କରିଥିଲେ। ବିଜ୍ଞାନ ଶିକ୍ଷକ ସୁଶାନ୍ତ ଯୋଶୀ ଏବଂ ସିଆରସିସି ଗୋପାଳ ଚନ୍ଦ୍ରକାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚହକା ଶିଶୁ ବିଦ୍ୟାମନ୍ଦିରରେ ସମର୍ପଣ ଦିବସ

**ଧର୍ମଗଡ଼, ୧।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚହକା ସରସ୍ୱତୀ ବିଦ୍ୟା ମନ୍ଦିରରେ ପରିବାର ଏକତ୍ରିତ ଓ ସମର୍ପଣ ଦିବସ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଧୁ ମହାନନ୍ଦ, ସମ୍ମାନୀତ ଅତିଥି ଭାବେ ଥୁଆମୁଲ ରାମପୁର ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ ଓ ଶ୍ୟାମସୁନ୍ଦର ଅଗ୍ରୱାଲ, ଉଚ୍ଛଳା କ୍ଲଷ୍ଟର ସିଆରସିସି ସ୍ୱରାଜ ବାଗ, ସରସ୍ୱତୀ ବିଦ୍ୟା ମନ୍ଦିରର ସଭାପତି ଦୁଲମଣି ପଟେଲ, ସମ୍ପାଦକ ବିଭୂତି ଭୂଷଣ ବିଶ୍ୱାଳ, କମିଟି ସଦସ୍ୟ ଥବିର ରାଉତ, ଶରତ ଭୋଇ, ସୁଧୀର ବିଶ୍ୱାଳ, ବନିତା ପୁଞ୍ଜି, ଜୟନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅତୁଲ୍ୟ ଚନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିଲେ। ଗୁରୁଜୀ କରୁଣାକର ସାହୁ, ରଞ୍ଜନ ଭୋଇ, ଦିଲୀପ କଟା, ପିଙ୍କୁ ବାଗ, ଯଶୋବନ୍ତ ଯାନି, ଯୁଗେଶ୍ୱର୍ ମାଝୀ, ରଶ୍ମିତା ପଟେଲ, ରିଙ୍କି ବିଶ୍ୱାଳ, ଶକୁନ୍ତଳା ପ୍ରଧାନ, ଦେବକୀ ପଟେଲ, ସତ୍ୟ ଭାମା ମାଝୀ, ବିକ୍ରମ ପହରିଆ, ଜୟନ୍ତୀ ମାଝୀ, ସେବିକା ପ୍ରମିଳା ପଟେଲଙ୍କ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ତୁଲାଇ ଥିଲେ।



## ଧର୍ମଗଡ଼ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

## 'ସ୍ୱପ୍ନ ସାକାର ପାଇଁ ପ୍ରଗାଢ଼ ପରିଶ୍ରମ ଆବଶ୍ୟକ'

**ଧର୍ମଗଡ଼, ୧।୨ (ସମିସ):** ଧର୍ମଗଡ଼ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇଥିଲେ। ସ୍ୱପ୍ନ ସାକାର ପାଇଁ ପ୍ରଗାଢ଼ ପରିଶ୍ରମ ଆବଶ୍ୟକ ବୋଲି ସେ ଛାତ୍ରୀଛାତ୍ରୀଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ହୃଷିକେଶ ମିଶ୍ର, ଶିକ୍ଷାବିତ୍ ଜଗବନ୍ଧୁ ମିଶ୍ର, ଶିଶୁଦେବ ମୁଣ୍ଡ, +୩ ଅଧ୍ୟକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡା, ଅଧ୍ୟାପିକା ସବିତା ପାଇକରାୟ, ଜୟନ୍ତୀ ମୁଦୁଲୀ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରିୟମ୍ବଦା ଚାନ୍ଦ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବଙ୍କିମ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସଞ୍ଜୀବ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଲିପିକା ବାଗ ଓ ଅଧ୍ୟାପକ ଉମେଶ ସୁନା ସଂଯୋଜନା କରିଥିଲେ। ଅଧ୍ୟାପିକା ଡ. ପଦ୍ମାଳୟା ଦଣ୍ଡସେନା, ସୁଜାତା ମହାନ୍ତି, ଅନାମିକା ବେହେରା, ଅନୁରକ୍ତା ମୁଣ୍ଡ, ବାସନ୍ତୀ ସାହୁ, ପ୍ରଜ୍ଞା ପରିମିତା ସାହୁ, ଭାଗ୍ୟଲତା ମିଶ୍ର, ସୁଜାତା ସାହୁ, ମନୀଷା ବାଗ, ଅର୍ଚ୍ଚନା ଗୁଛି, ଅଧ୍ୟାପକ ସରୋଜ ମେହେର, ହିତେଶ ନାଏକ, ଡମ୍ବରୁଧର ନାଏକ, ମନୋଜ ସେଠି, ପଦ୍ମା ମେହେର, ଫୁଲ ଦେଇ, ଶଙ୍କର ଖରସେଲ, ହିମାଂଶୁ ସା, ଜୟସେନ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଲକ୍ଷପତି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




### ବିହନ ବଣ୍ଟନର ପ୍ରମାଣ ମିଳୁନି

# ଅଣଚାଷୀ ହାତେଇଲେ ଅଣଧାନ ଫସଲ ପ୍ରୋତ୍ସାହନ ରାଶି

**କଳମପୁର, ୧।୨(ସମିସ)**

କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ଅଣଧାନ ଫସଲ ପ୍ରୋତ୍ସାହନ ରାଶି ପାଇବାରେ ବ୍ୟାପକ ଅନିୟମିତତା ହୋଇଥିବା କୃଷକ ମହଲରେ ଅଭିଯୋଗ ହେଉଛି। ଏହି ଅଞ୍ଚଳର କୃଷକମାନଙ୍କ ପାଇଁ ଉଦ୍ୟାନ ବିଭାଗ ଓ କୃଷି ବିଭାଗ ତରଫରୁ ବିପୁଳ ପରିମାଣର ବିହନ ଆବଣ୍ଟନ ହେବା ସହିତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି; ହେଲେ ଏସବୁ ସାମଗ୍ରୀ କାଗଜ କଲମରେ ସୀମିତ ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଏହି ଅଞ୍ଚଳରେ ଉଦ୍ୟାନ ବିଭାଗ ଓ କୃଷି ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ବିଭିନ୍ନ କିସମର ବିହନ କୌଣସି ଜମିରେ ଚାଷ ହୋଇନାହିଁ। ତେବେ ଏତେ ପରିମାଣର ବିଭାଗକୁ ଆସିଥିବା ବିହନ ଗଲା କୁଆଡ଼େ ଏହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଦ୍ୟାନ ବିଭାଗକୁ ଟ୍ରକ୍ ଟ୍ରକ୍ ଆଳୁ ସହିତ ହଳଦୀ, ଅଦା ଓ ଅନ୍ୟାନ୍ୟ ସାମଗ୍ରୀ ଆସି ଚାଷୀଙ୍କୁ ଦିଆଯାଇଥିବା ଦର୍ଶା ଯାଇଥିବା ବେଳେ ଏସବୁ ଚାଷ ଜମିରେ ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ। ସେହିପରି ଉଭୟ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଉଦ୍ୟମରେ ଅଣଧାନ ଫସଲ କରିଥିବା ଚାଷୀଙ୍କ ପାଇଁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି। ଅଣଧାନ ଫସଲ ନାମରେ କାଗଜପତ୍ର ପ୍ରସ୍ତୁତ କରି ଅନେକ ହିତାଧିକାରୀ ଏହାର ଫାଇଦା ଉଠାଇ ନେଇଛନ୍ତି। ଶତାଧିକ ଚାଷୀ ଏହି ଅଣଧାନ ଫସଲ କରିଛନ୍ତି ବୋଲି ବିଭାଗ ଦାବି କରୁଥିବା ବେଳେ ସେମାନଙ୍କ ପାଖରୁ ଠିକ ତଥ୍ୟ ମିଳିପାରୁ ନାହିଁ। ଏହାହିଁ ଅନିୟମିତତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତେବେ ସେମାନେ ଅଣଧାନ ଫସଲ କରି ପ୍ରୋତ୍ସାହନ ରାଶି ପାଇଛନ୍ତି ନା ଭିତିରି ସଲାସୁତୁରାରେ ହାତେଇଛନ୍ତି ତାହା ହିଁ ତଦନ୍ତ ସାପେକ୍ଷ। ଭାଗ ବଣ୍ଟାରେ ଏହା ସମ୍ଭବ ହୋଇଥିବା କୃଷକ ମହଲରେ ଚର୍ଚ୍ଚା ହେଉଛି। ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସହକାରୀ ଅଧିକାରୀ ଅଜୟ ବେମାଲ, ଉଦ୍ୟାନ କୃଷି ଓଭରସିୟର ସୂର୍ଯ୍ୟକାନ୍ତି ଶବର ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ ନେଇ ମୁହଁ ଖୋଲି ନ ଥିବା ବେଳେ ଜମିର ପରିମାଣ ପୂର୍ବ ବର୍ଷ ଭଳି ଚଳିତବର୍ଷ ମଧ୍ୟ ସମାନ ଅନୁପାତ ରହିଥିବା ପ୍ୟାକ୍ସ କର୍ମଚାରୀମାନେ ମତବ୍ୟକ୍ତ କରିଛନ୍ତି। ତେବେ କେଉଁ ଅଦୃଶ୍ୟ ସ୍ଥାନରେ ଏସବୁ ଚାଷ ଏତେ ପରିମାଣରେ ସମ୍ଭବ ହେଲା ତାହା ହିଁ ବଡ ପ୍ରଶ୍ନ ପାଲଟିଛି। ପୂର୍ବରୁ ରାଜ୍ୟ ସରକାରଙ୍କ କୃଷକ ପୋର୍ଟାଲରେ କେଉଁ ଚାଷୀ କି ଚାଷ କରୁଛନ୍ତି ତାହା ପଞ୍ଜିକରଣ କରିଥିଲେ; କିନ୍ତୁ ସେଥିରେ ଯେଉଁ ଚାଷୀ ପଞ୍ଜିକରଣ କରିଥିଲେ ସେମାନଙ୍କ ବ୍ୟତିତ ଅଧିକାଂଶ ଚାଷ ପାଖକୁ ମାଡି ନ ଥିବା ଲୋକେ ଏହି ପ୍ରୋତ୍ସାହନ ରାଶି ପାଇବାରେ ସକ୍ଷମ ହୋଇଛନ୍ତି ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ଧର୍ମଗଡ଼ ବିଧାୟସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଛି କଳମପୁର ବ୍ଲକ। ପୂର୍ବରୁ ଚାଷ ଓ ଚାଷୀ ନେତା ସାଜିଥିବା ବ୍ୟକ୍ତି ଏବେ ବିଧାୟକ ହୋଇଛନ୍ତି। ତାଙ୍କ ନିର୍ବାଚନ ମଣ୍ଡଳୀରେ ଏଭଳି ଚାଷୀ ଓ ଚାଷକୁ ନେଇ ଅନିୟମିତତା ଅଭିଯୋଗ ହୋଇଛି। ତେବେ ବିଧାୟକ ଏହାକୁ କେତେ ଗୁରୁତ୍ୱ ଦେଉଛନ୍ତି ନା ଚୁପ୍ ରହୁଛନ୍ତି ତାହା ସମୟ କହିବ।

## ପରସଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆପଡ଼ା, ୧।୨(ସମିସ):** ପରସଖୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚନ୍ଦ୍ରକାନ୍ତି ମାଝୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଶେଷ ଅତିଥି ଭାବେ ହୋମସିଂ ମାଝୀ ଏବଂ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଭାନୁ ମାଝୀ, ସିଆରସିସି ଶରତ ପଣ୍ଡା, ଦେବୀ ଦୟାଲ ମାଝୀ, ପରିଚାଳନା କମିଟି ସଭାପତି ରମେଶ ସାହୁ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଙ୍କର୍ଷଣ ପୁରୋହିତ, ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ମଧୁସୂଦନ ସାହୁ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ ଓ ଆଲୁମିନି ଧନରାଜ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଶ୍ରୀ ମାଝୀ ଶିକ୍ଷା ଜୀବନରେ ଅପରିହାର୍ଯ୍ୟ ବୋଲି କହିଥିଲେ। ପିଲାଙ୍କ ଲୁକ୍କାୟିତ ପ୍ରତିଭାକୁ ପଦାକୁ ଆଣିବାରେ ଏଭଳି ବାର୍ଷିକ ଉତ୍ସବ ସହାୟକ ହୋଇଥାଏ। ଉପାନ୍ତ ଅଞ୍ଚଳରେ ଉଚ୍ଚକୋଟିର କାର୍ଯ୍ୟକ୍ରମ କରିଥିବାରୁ ସେ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଖେଳ, ପାଠପଢ଼ାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ



ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ମଦନ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମ୍ରିତା ଠାକୁର, ଦେବାଧି ଶିକା, ଶିବ ପ୍ରସାଦ ଦାଶ, ଉଷାରାଣୀ ମହାପାତ୍ର, ନିବେଦିତା ସେଠ ଓ ଅନୀଲ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଉଧେଇ ପାରୁନି ନଡ଼ିଆ ବନୀକରଣ

**ଭୁବନେଶ୍ୱର, ୩୧।୧(ସମିସ):** ରାଜ୍ୟରେ ପଇଡ଼ ଚାହିଦା ପୂର୍ବାପେକ୍ଷା ବହୁ ପରିମାଣରେ ବୃଦ୍ଧି ପାଇଛି। କିନ୍ତୁ ସେହି ଅନୁଯାୟୀ ଉତ୍ପାଦନ ବଢୁନଥିବାରୁ ଆବଶ୍ୟକତା ପୂରଣ ପାଇଁ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି। ସେହିଭଳି ନଡ଼ିଆ ଚାଷୀମାନେ ପଇଡ଼ ବିକ୍ରି ଉପରେ ମାତ୍ରାଧିକ ଗୁରୁତ୍ୱ ଦେଉଛନ୍ତି। କାରଣ ନଡ଼ିଆ ତୁଳନାରେ ପଇଡ଼ରୁ କମ୍ ସମୟ ଭିତରେ ଦାମ୍ ଅଧିକ ମିଳୁଛି। ଏଥିଯୋଗୁଁ ରାଜ୍ୟରେ ନଡ଼ିଆର ବି ତିରୋଟଭାବ ଦେଖାଯିବା ସହ ଅଧିକ ଦାମ୍ ଦେଇ କିଣିବାକୁ ପଡୁଛି। ପୂର୍ବରୁ ଯେଉଁ ଗଛରେ ୧୦ କାନ୍ଦି ଫଳୁଥିଲା, ସେଥିରେ ଏବେ ଦୁଇ କାନ୍ଦି ବି ଫଳିବା କଷ୍ଟକର। ପଇଡ଼ର ଅଭାବ ଯୋଗୁଁ ଏହାର ଦର ଦୁଇ ଗୁଣା ବଢ଼ିଛି। ଯେଉଁ ପଇଡ଼ ପୂର୍ବରୁ ୨୫ରୁ ୩୦ଟଙ୍କାରେ ମିଳୁଥିଲା, ତାହା ଏବେ ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଛି। ବ୍ୟବସାୟୀ ଅଗ୍ରୀମ ଦେଇ ବି ଚାହିଦା ମୁତାବକ ପଇଡ଼ ପାଉନାହାନ୍ତି। ୨୦୧୯ ଫନି ବାତ୍ୟା ପରେ ସର୍ବାଧିକ ପଇଡ଼ ଉତ୍ପାଦନ ହେଉଥିବା ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାରେ ପୂର୍ବଭଳି ଆଉ ପଇଡ଼ ମିଳୁନାହିଁ। ବାତ୍ୟାରେ ପୁରୁଣା ଗଛ ସବୁ ଭାଙ୍ଗିପଡ଼ିଲା। ନୂଆ ଗଛ ଲଗାଇଲେ ସୁଦ୍ଧା ଆବଶ୍ୟକ ତୁଳନାରେ ଉତ୍ପାଦନ ହେଉନି। ପଇଡ଼ ଓ ନଡ଼ିଆ ଚାଷ ଉପରେ ସରକାର ଯଦି ସ୍ୱତନ୍ତ୍ର ଦୃଷ୍ଟି ନ ଦିଅନ୍ତି, ତେବେ ଆଗାମୀ ଦିନରେ ଏହାର ଦର ଆହୁରି ବଢ଼ିବ ବୋଲି ବ୍ୟବାସାୟୀମାନେ କହୁଛନ୍ତି। ନଡ଼ିଆ ସଂକଟ ଯୋଗୁଁ ଏବେ ଧୀରେଧୀରେ ରାଜ୍ୟର କତାଶିଳ୍ପ ବି ସମସ୍ୟାର ସମ୍ମୁଖୀନ ହେବା ଆରମ୍ଭ କରିଛି।

■ ପଇଡ଼ ପାଇଁ ବିପଦରେ ନଡ଼ିଆ
■ ସଂକଟଜନକ ସ୍ଥିତିରେ କତାଶିଳ୍ପ
■ ଯୋଜନା ହେଉଛି କାର୍ଯ୍ୟାନ୍ୱୟନ ହେଉନି



ସୂଚନାନୁସାରେ, ସମଗ୍ର ଦେଶରେ ନଡ଼ିଆ ବନୀକରଣରେ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି। ରାଜ୍ୟର ପୁରୀ, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଯାଜପୁର, ଜଗତସିଂହପୁର ସହିତ କିଛି ବର୍ଷ ହେଲା ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାକୁ ମିଶାଇ ସମୁଦାୟ ୫୧ ହଜାର ହେକ୍ଟରରେ ନଡ଼ିଆ ଚାଷ କରାଯାଉଛି। ହେକ୍ଟର ପିଛା ୬,୭୧୯ ଟନ୍ ନଡ଼ିଆ ଉତ୍ପାଦିତ ହୋଇପାରୁଛି। ରାଜ୍ୟରେ ଅନୁକୂଳ ପରିବେଶ ଯୋଗୁଁ ଗଛ ଲଗାଇ ଦିଆଯାଉଥିଲେ ମଧ ଉପଯୁକ୍ତ ଯତ୍ନ, ସାରର ଅଭାବ ଏବଂ ବାତ୍ୟା ଯୋଗୁଁ ଆଖିଦୃଶିଆ ଉତ୍ପାଦନ ନାହିଁ। ବର୍ତ୍ତମାନ ସ୍ଥିତିରେ କେବଳ ଓୟୁଏଟିକୁ ଛାଡ଼ିଦେଲେ, କେଉଁଠାରେ ମଧ ବ୍ୟବସ୍ଥିତ ଭାବେ ନଡ଼ିଆ ଲଗାଯାଉନାହିଁ। ଫନି ପରେ ଚାରା ପାଇଁ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି। ନଡ଼ିଆ ଗଛଗୁଡ଼ିକ ୨୦ରୁ ୬୦ ବର୍ଷ ପର୍ଯ୍ୟନ୍ତ ଫଳ ଦେଇଥାଏ। ପୁରୀରେ ବ୍ୟାପକ ନଡ଼ିଆ ଗଛ ରହିଛି। ଏଥିମଧ୍ୟରୁ ଅନେକ ପୁରୁଣା ହୋଇଯାଇଛି, ଯାହାକି ଉତ୍ପାଦନକ୍ଷମ ନୁହେଁ। ଏଥିସହ ସ୍ଥାନୀୟ ନଡ଼ିଆ ଗଛରେ ଏକାଥରେ ୬୦ରୁ ସର୍ବାଧିକ ୧୦୦ ନଡ଼ିଆ ଫଳ ଧରିଥାଏ। ଗୋଦାବରୀ-ଗଙ୍ଗା କିସମରେ ଏକାସହ ୧୦୦ରୁ ୧୫୦ ଫଳ ଧରୁଥିବା ଆନ୍ଧ୍ରପ୍ରଦେଶରେ ଦେଖାଯାଇଛି।

ରାଜ୍ୟରେ ନଡ଼ିଆ ଉତ୍ପାଦନ ବୃଦ୍ଧି ପାଇଁ ୨୦୦୪ ମସିହାରେ ଓୟୁଏଟିରେ ଗୋଦାବରୀ-ଗଙ୍ଗାକୁ ନେଇ ଗବେଷଣା ଆରମ୍ଭ ହୋଇଥିଲା। ୧୫ ବର୍ଷ ପରେ ନଡ଼ିଆ ଗଛରେ କ୍ଷମତାର ସହିତ ଫଳ ଧରୁଥିବାରୁ ୨୦୨୦ ମସିହାକୁ ଅପେକ୍ଷା କରାଯାଇଥିଲା। ମାତ୍ର ଏଥିପୂର୍ବରୁ ୨୦୧୯ ମସିହା ଫନିରେ ବ୍ୟାପକ ଗଛ ନଷ୍ଟ ହୋଇଗଲା। ଫଳରେ ଗବେଷଣା ବାଧାପ୍ରାପ୍ତ ହୋଇଥିଲା। ତିନି ବର୍ଷ ପର୍ଯ୍ୟନ୍ତ ଏଥିରେ ଭଲ ଫଳ ଧରିଲା ନାହିଁ। ଉତ୍ପାଦନ ବୃଦ୍ଧି ପାଇଁ ଚାରା ନିରୁପଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ମାତ୍ର ଓଡ଼ିଶାରେ ଏଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉ ନଥିବାରୁ ଉତ୍ପାଦନ ବୃଦ୍ଧି ପାଇପାରୁନାହିଁ।

କୃଷି ବିଜ୍ଞାନୀ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ଚାଷୀ ଯେଉଁ କିସମ ନଡ଼ିଆ ଚାଷ କରନ୍ତୁ, କେବଳ ଶଙ୍କର କିସମ ଭାବି ଯେକୌଣସି ନଡ଼ିଆ ଚାରା କିଣନ୍ତୁ ନାହିଁ। ଏହା ୯ରୁ ୧୨ମାସ ହେବା ସହିତ ୫ରୁ ୬ଟି ପତ୍ର ରହିବା ଦରକାର। ମୂଳ ୧୫ସେଣ୍ଟିମିଟର ହେବା ସହ ୩ରୁ ୫ମାସ ଭିତରେ ଗଜା ମାରିଥିବା ଦରକାର। ଏସବୁ ପ୍ରତି ଦୃଷ୍ଟି ଦେଲେ ଯାଇ ଜଣେ ଚାଷୀ ଉପକୃତ ହୋଇପାରିବ।



ବଡ଼ଛତା ମଠ ପକ୍ଷରୁ ଶ୍ରୀଜୀଉଙ୍କ ପଦ୍ମବେଶ ପାଇଁ ଫୁଲମାଳ ପ୍ରସ୍ତୁତ କରାଯାଇଛି

# ରତ୍ନସିଂହାସନରେ ମହାପ୍ରଭୁଙ୍କ ପଦ୍ମବେଶ

**ପୁରୀ,୧।୨(ସମିସ):** ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମବେଶ ଅନୁଷ୍ଠିତ ହୋଇଛି। ବଡ଼ସିଂହାର ବେଶରେ ଠାକୁରଙ୍କର ଏହି ବେଶ କରାଯାଇଛି। ଏହି ବେଶରେ ଦାରୁବିଗ୍ରହ ସୋଲରେ ନିର୍ମିତ ଶ୍ରୀମୁଖ ପଦ୍ମ, କରପଲ୍ଲବ କଢ଼ି, ହଂସ, ଚୂଳ, ମଗରକୁଣ୍ଡଳ, ପଦ୍ମଫୁଲ, କଦମ୍ବଫୁଲ ଆଦି ଧାରଣ କରିଛନ୍ତି। ଶୋଲ, ଜରି, କଦଳୀପଟ, କନା, କଇଥ ଅଠା, ରଙ୍ଗ ସାହାଯ୍ୟରେ ଏହାକୁ ପାରମ୍ପରିକ କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ଆବାହମାନ କାଳରୁ ବଡ଼ଛତା ମଠ ଏହି ବେଶ ପ୍ରସ୍ତୁତ କରି ଯୋଗାଇ ଆସୁଛି। ଶନିବାର ରାତିରେ ବଡ଼ସିଂହାର ବେଶରେ ଠାକୁରଙ୍କୁ ଏହା ଲାଗି ହୋଇଥିଲା। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ପଦ୍ମବେଶ ଥାଇ ଠାକୁର ପହୁଡ଼ ହୋଇଥିଲେ। ବଡ଼ସିଂହାର ବେଶରେ ଭକ୍ତ ଏହି ଦୁର୍ଲଭ ବେଶ ଦର୍ଶନ କରିଥିଲେ। ଏହି ବେଶ ଥାଇ ରବିବାର ମଙ୍ଗଳ ଆଳତି ହେବ। ମଙ୍ଗଳ ଆଳତିରେ ଭକ୍ତମାନେ ମହାପ୍ରଭୁଙ୍କୁ ପଦ୍ମବେଶରେ ଦର୍ଶନ କରିବେ। ଏହାପରେ ଅବକାଶ ହୋଇ ବେଶ ଓଲାଗି କରାଯିବ। ସୂଚନାଥାଉ କି, ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡିଲେ ମହାପ୍ରଭୁଙ୍କର ପଦ୍ମବେଶ ହୋଇଥାଏ।

# ଆଜି ରଥକାଠ ଅନୁକୂଳ ପୂଜା



**ପୁରୀ,୧।୨(ସମିସ):** ଚଳିତବର୍ଷର ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ତେଣୁ ପରମ୍ପରା ଅନୁଯାୟୀ ରବିବାର ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ପୂଜା ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଫୁଟିଆ ୩ଖଣ୍ଡ ଧଉରା କାଠ ରଖାଯାଇଛି। ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ପୂଜା ହେବ। ରଥ ସଂହିତା ଅନୁଯାୟୀ ତିନି ରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୧ ଖଣ୍ଡ ବଳକା ରହିଛି। ବାକି ୮୧୪ ଖଣ୍ଡ କାଠ ଏଥର ଆସିବ। ପ୍ରଥମ ପର୍ଯ୍ୟାୟରେ ଗତ ୨୮ ତାରିଖରେ ୩ଟି ଟ୍ରକ୍‌ରେ ୧୦୧ ଖଣ୍ଡ ଅସନ ଓ ଧଉରା କାଠ ଆସି ପହଞ୍ଚିଛି। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ଏବଂ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି। ତେଣୁ ରବିବାର ରଥକାଠ ଅନୁକୂଳ ପୂଜା ହେବ। ସେହିପରି ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ କରାଯିବ।

# ଗଡ଼ଜାତ ଅଞ୍ଚଳରେ ମ୍ୟୁଟେସନ ମାମଲା ପାଇଁ ହାଇକୋର୍ଟ ଜାରି କଲେ ନିୟମାବଳୀ

**କଟକ, ୧।୮(ସମିସ):** ଅଦାଲତୀ ବିବାଦ ଏଡ଼ାଇବା ପାଇଁ ଗଡ଼ଜାତ ଅଞ୍ଚଳଗୁଡ଼ିକରେ ମ୍ୟୁଟେସନ୍ ମାମଲା ପଞ୍ଜୀକରଣ ପାଇଁ ହାଇକୋର୍ଟ ସ୍ୱତନ୍ତ୍ର ନିୟମାବଳୀ ଜାରି କରିଛନ୍ତି। ଏହି ନିୟମାବଳୀକୁ ରାଜସ୍ୱ ଅଧିକାରୀ ତଥା ତହସିଲଦାରମାନେ ଅନୁପାଳନ କରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଅଣପ୍ରମାଣୀକୃତ ଇଚ୍ଛାପତ୍ର (ଉଇଲ) ଆଧାରରେ ଗଡ଼ଜାତ ଅଞ୍ଚଳରେ ରାଜସ୍ୱ ଅଧିକାରୀ ତଥା ତହସିଲଦାରମାନେ ମ୍ୟୁଟେସନ୍ ମାମଲାକୁ ପଞ୍ଜୀକରଣ ପାଇଁ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ପ୍ରଶାନ୍ତ ବିଶ୍ୱନାଥଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି।

ମ୍ୟୁଟେସନ୍ ମାମଲା ପଞ୍ଜୀକରଣ ପରେ ତହସିଲଦାରମାନେ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କୁ ମ୍ୟୁଟେସନ ହେବାକୁ ଥିବା ସମ୍ପତ୍ତିର ଉତ୍ତରାଧିକାରୀ ଓ ଆବେଦନକାରୀଙ୍କ ସମ୍ପର୍କରେ ରିପୋର୍ଟ ମାଗିବେ। ଆଇନ ଅନୁସାରେ ସମସ୍ତ ଉତ୍ତରାଧିକାରୀଙ୍କୁ ନୋଟିସ ସହ ଆପତ୍ତି ଗ୍ରହଣ କରାଯିବ। ଏହା ସତ୍ତ୍ୱେ ଯଦି ଉକ୍ତ ଇଚ୍ଛାପତ୍ରର ଯଥାର୍ଥତା ତଥା ସତ୍ୟତା ଉପରେ ନୋଟିସ୍ ପାଇଥିବା ଉତ୍ତରାଧିକାରୀ ପ୍ରଶ୍ନଉଠାନ୍ତି, ତାହେଲେ ତହସିଲଦାରମାନେ ମ୍ୟୁଟେସନ୍ ମାମଲା ଅଗ୍ରାହ୍ୟ କରିବେ। ଏଥିସହ ଅଧିକାର

**ଇଚ୍ଛାପତ୍ର ଆଧାରରେ ପଞ୍ଜୀକରଣ ପାଇଁ ମନା କରିପାରିବେ ନାହିଁ ରାଜସ୍ୱ ଅଧିକାରୀ**

ବିବାଦ ସମାଧାନ ପାଇଁ ପକ୍ଷମାନଙ୍କୁ ଦେୱାନୀ ଅଦାଲତଙ୍କ ଦ୍ୱାରସ୍ଥ ପାଇଁ ଅନୁମତି ଦିଆଯିବ। ଦେୱାନୀ ଅଦାଲତଙ୍କ ଫଏସଲା ଅନୁସାରେ ତହସିଲଦାରମାନେ ମ୍ୟୁଟେସନ ମାମଲାରେ ଆଗକୁ ବଢ଼ିପାରିବେ ବୋଲି ଅଦାଲତ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଉକ୍ତ ନିର୍ଦ୍ଦେଶାବଳୀ ତଥା ରାୟ ଉପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ରାଜସ୍ୱ ସଚିବଙ୍କୁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ରେଜିଷ୍ଟ୍ରିଙ୍କ ଦ୍ୱାରା ପ୍ରେରଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ପ୍ରକାଶ ଥାଉକି, ୨୦୦୮ରେ ରାୟଗଡ଼ା ନିବାସୀ ଆବେଦନକାରୀଙ୍କ ନାମରେ ତାଙ୍କ ପିତା ନିଜ ନାମରେ ଥିବା ସମ୍ପତ୍ତିକୁ ଉଇଲ (ଇଚ୍ଛାପତ୍ର) ଜରିଆରେ ପଞ୍ଜୀକରଣ କରିଥିଲେ। ତେବେ ପିତାଙ୍କ ମୃତ୍ୟୁ ପରେ ପୁତ୍ର ନିଜ ନାମରେ ରେକର୍ଡ କରିବାକୁ ବିଷମକଟକ ତହସିଲଦାରଙ୍କ ନିକଟରେ ମ୍ୟୁଟେସନ ଆବେଦନ କରିଥିଲେ। ତେବେ ଭାରତୀୟ ଉତ୍ତରାଧିକାର ଅଧିନିୟମ-୧୯୨୫ ଅନୁସାରେ ଇଚ୍ଛାପତ୍ର ପଞ୍ଜୀକରଣ ହେଉ ବା ନହେଉ ଏହାର ବିଚାର ଅଦାଲତ ଦ୍ୱାରା ହେବ। ଆବେଦନକାରୀଙ୍କ ଆବେଦନକୁ ଏଥିପାଇଁ ତହସିଲଦାର ଗ୍ରହଣ କରିନଥିଲେ। ବରଂ, ସମ୍ପତ୍ତି ଅଧିକାର ପାଇଁ ସ୍ପେଶିଫିକ ରିଲିଫ ଆକ୍ଟ-୧୯୬୩ ଅନୁସାରେ ଆବେଦନକାରୀଙ୍କୁ ଡିକ୍ଲାରେଟରି ସୁଟ(ଘୋଷଣାତ୍ମକ ମକଦ୍ଦମା) ଦାୟର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଲାଞ୍ଚ ନେଇ ସୁକିନ୍ଦା ଥାନା ଏସ୍ଆଇ ଗିରଫ

**ସୁକିନ୍ଦା/ବିଞ୍ଝାରପୁର, ୧।୨(ସମିସ):** ୪ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି ସୁକିନ୍ଦା ଥାନା ଏସ୍ଆଇ ଅଭୟ ନାୟକ। ଏକ ପାରିବାରିକ କଳହକୁ ନେଇ ରୁଜୁ ମାମଲା ରଫାଦଫା ପାଇଁ ସେ ହାତୀବାରି ଅଞ୍ଚଳର ଜଣେ ଯୁବକଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କଟକ ଭିଜିଲାନ୍ସ ତାଙ୍କୁ କାବୁ କରିଛି। ସୂଚନା ମୁତାବକ, ୪ଦିନ ତଳେ ଏକ ଦମ୍ପତିଙ୍କ ମଧ୍ୟରେ ପାରିବାରିକ କଳହକୁ ନେଇ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିଲା। ସ୍ୱାମୀଙ୍କ ନାମରେ ସ୍ତ୍ରୀ ଏତଲା ଦେଇଥିଲେ। ତେବେ ଏହି ଘଟଣାର ରଫାଦଫା କରିବାକୁ ଏସଆଇ ଶ୍ରୀ ନାୟକ କଳିଙ୍ଗନଗର ନୀଳାଞ୍ଚଳ ପ୍ଲାଣ୍ଟ ସାମ୍ନାରେ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରାପଡ଼ିଥିଲେ। ଏସ୍ଆଇଙ୍କୁ ଗିରଫ ପରେ କଟକ ଭିଜିଲାନ୍ସ ଅଫିସକୁ ନିଆଯାଇଛି। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏସ୍ଆଇଙ୍କ ସୁକିନ୍ଦା ଥାନାରେ ଥିବା ସରକାରୀ କ୍ୱାର୍ଟର୍ସ, ଯାଜପୁର ଜିଲ୍ଲାର ବିଂଝାରପୁର, କେନ୍ଦ୍ରାପଡ଼ା ଜିଲ୍ଲାର ହାଟପଡ଼ା କରିଲୋପାଟଣା ଗାଁରେ ଥିବା ନିଜ ଘରେ ଚଢ଼ଉ କରାଯାଇଥିଲା।



# ଝାରସୁଗୁଡ଼ାରୁ ଲକ୍ଷ୍ନୌକୁ ଉଡ଼ିଲା ବିମାନ

**ଝାରସୁଗୁଡ଼ା, ୧।୨(ସମିସ):** ଆଜିଠାରୁ ଝାରସୁଗୁଡ଼ା-ଲକ୍ଷ୍ନୌ ସେକ୍ଟରରେ ବିମାନ ଚଳାଚଳ ଆରମ୍ଭ ହୋଇଛି। ଷ୍ଟାର୍ ଏୟାର ପକ୍ଷରୁ ଏହି ବିମାନସେବା ଆରମ୍ଭ କରାଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରତି ସପ୍ତାହ ମଙ୍ଗଳବାର, ଗୁରୁବାର, ଶୁକ୍ରବାର ଏବଂ ଶନିବାର ଦିନ ଏହି ବିମାନ ଚଳାଚଳ କରିବ। ସନ୍ଧ୍ୟା ୫ଟା ୩୫ରେ ଝାରସୁଗୁଡ଼ା ବିମାନବନ୍ଦରରୁ ବିମାନ ଉଡ଼ିବା ପରେ ୬ଟା ୩୫ ମିନିଟରେ ଲକ୍ଷ୍ନୌରେ ପହଞ୍ଚିବ। ସେହିପରି ଲକ୍ଷ୍ନୌ ବିମାନବନ୍ଦରରୁ ସନ୍ଧ୍ୟା ୭ଟା ୨୫ମିନିଟ୍‌ରେ ବିମାନଟି ଉଡ଼ାଣ ଭରି ରାତି ୮ଟା ୪୫ରେ ଝାରୁସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରିବ। କେବଳ ଶୁକ୍ରବାର ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଝାରସୁଗୁଡ଼ା ବିମାନବନ୍ଦରରୁ ବିମାନ ଉଡ଼ିବା ପରେ ଲକ୍ଷ୍ନୌରେ ରାତି ୭ଟା ୫୦ ମିନିଟରେ ପହଞ୍ଚିବ। ଲକ୍ଷ୍ନୌ ବିମାନବନ୍ଦରରୁ ରାତି ୮ଟା ୨୦ ମିନିଟରେ ବିମାନ ଉଡ଼ିବା ପରେ ରାତି ୯ଟା ୪୦ ମିନିଟରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିବ। ଅନ୍ୟପଟେ ଫେବୃଆରୀ ୨ ତାରିଖରୁ ହାଇଦ୍ରାବାଦରୁ ଝାରସୁଗୁଡ଼ା ଦେଇ ରାୟପୁରକୁ ବିମାନ ସେବା ଆରମ୍ଭ ହେବ ବୋଲି ଜଣାଯାଇଛି। ସପ୍ତାହକ ତିନିଦିନ ରବିବାର, ସୋମବାର ଏବଂ ବୁଧବାର ଏହି ରୁଟ୍‌ରେ ବିମାନ ଚଳାଚଳ କରିବ। ସେହିପରି ଆସନ୍ତା ମାର୍ଚ୍ଚରୁ ମୁମ୍ବାଇକୁ ମଧ ବିମାନ ଚଳାଚଳ କରିବ ବୋଲି ଝାରସୁଗୁଡ଼ା ବିମାନ ବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

**ବିଜେଡି ସାଂଗଠନିକ ନିର୍ବାଚନ**

# ଖୁବ୍‌ଶୀଘ୍ର ନିଯୁକ୍ତ ହେବେ ଜିଲ୍ଲା ରିଟର୍ଣ୍ଣିଂ ଅଫିସର୍

**ଭୁବନେଶ୍ୱର,୧।୨(ସମିସ):** ବିଜେଡି ସାଂଗଠନିକ ନିର୍ବାଚନ ସମ୍ପର୍କରେ ବିଜେଡି କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା ସୂଚନା ଦେଇଛନ୍ତି। ଦଳର ସଭାପତି ରାଜ୍ୟ ରିଟର୍ଣ୍ଣିଂ ଅଫିସର ନିଯୁକ୍ତ କରିଛନ୍ତି। ଖୁବଶୀଘ୍ର ଜିଲ୍ଲା ରିଟର୍ଣ୍ଣିଂ ଅଫିସର ନିଯୁକ୍ତି ହେବେ। ଯେଉଁ ନିର୍ବାଚନ ମଣ୍ଡଳୀରେ ସଭ୍ୟ ସଂଗ୍ରହ ଧିମା ପଡ଼ିଛି, ତାହାକୁ ଆହୁରି କ୍ରିୟାଶୀଳ କରାଯିବ ବୋଲି ସେ କହିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଭିନ୍ନ ନିର୍ବାଚନମଣ୍ଡଳୀରେ କିପରି ସମସ୍ତଙ୍କୁ ନେଇ ସଂଗଠନ ବଢ଼ାଯିବ, ସଭ୍ୟ ସଂଗ୍ରହ ହେବ; ସେଥିପାଇଁ ଆମକୁ ଦାୟିତ୍ୱ ମିଳିଛି। ଦଳ ଖୁବ୍ କ୍ରିୟାଶୀଳ ହେବ। ରାଜ୍ୟବାସୀ ଲମ୍ବା ସମୟ ଧରି ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ ଦେବା ସହ ପାଞ୍ଚଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିଲେ। ଆଜି ବି ଆଞ୍ଚଳିକ ଦଳ ଭାବେ ବିଜେଡିକୁ ଅଗ୍ରାଧିକାର ଦିଆଯାଉଛି। ବିରୋଧୀ ଦଳ ଭାବେ ବିଜେଡି ମଧ ନିଜର ଉତ୍ତରଦାୟିତ୍ୱ ନିର୍ବାହ କରୁଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ବ୍ୟକ୍ତି ନୁହେଁ ବିଜେଡିର ନୀତି ଆଦର୍ଶ ବିଚାର ଗୁରୁତ୍ୱପୂର୍ଣ୍ଣ। ଯେଉଁ ଆଶାରେ ବିଜେଡି ଗଠନ ହୋଇଥିଲା, ସେ ଆଶା ଭରସାରେ ଦଳ ଠିଆ ହୋଇଛି ଏବଂ ସେହି ନୀତିରେ ଲଢ଼େଇ ଜାରି ରହିଛି। ଓଡ଼ିଶାର ସ୍ୱାର୍ଥ ରକ୍ଷା ଆମ ଦାୟିତ୍ୱ। ବିରୋଧୀ ଦଳ ଭାବେ ସମସ୍ତ ଦାୟିତ୍ୱ ନିଷ୍ଠାର ସହ ପାଳନ କରିବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ୩ରେ ହଂସିତା ଓ ଅନୀଲଙ୍କୁ ଜେରା କରିବ ଆୟକର ବିଭାଗ

**ଭୁବନେଶ୍ୱର,୧।୨(ସମିସ):** ବହୁ ଚର୍ଚ୍ଚିତ ଠକ ଯୋଡ଼ି ହଂସିତା ଅଭିଲିପ୍‌ସା ଓ ଅନୀଲ ମହାନ୍ତିଙ୍କ ପାଇଁ ଅଡୁଆ ବଢ଼ିଛି। ଦୁଇ କରିତ୍‌କର୍ମା ଯୋଡ଼ିଙ୍କୁ ଜେଲ୍‌ରେ ଜେରା କରିବ ଆୟକର ବିଭାଗ। ଆସନ୍ତା ୩ ତାରିଖରେ ଜେରା କରିବାକୁ ଅନୁମତି ଦେଇଛନ୍ତି ଜେଏମ୍‌ଏଫ୍‌ସି କୋର୍ଟ। ହଂସିତା ଓ ଅନୀଲଙ୍କୁ ଜେଲ୍‌ରେ ଜେରା କରିବ ବୋଲି ଆୟକର ବିଭାଗ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଏହି ଆବେଦନର ଶୁଣାଣି କରି ସେମାନଙ୍କୁ ଗୋଟିଏ ଦିନ ଜେରା କରିବାକୁ ଅନୁମତି ଦେଇଛନ୍ତି। ଆୟକର ବିଭାଗର ଅଧିକାରୀମାନେ ଝାରପଡ଼ା ଜେଲ୍‌କୁ ଯିବେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆୟକର ବିଭାଗର ଟିମ୍ ପର୍ଯ୍ୟାୟ କ୍ରମେ ଏହି ଠକ ଯୋଡ଼ିଙ୍କୁ ଜେରା କରିବେ। ଏନେଇ କୋର୍ଟରୁ ଅନୁମତି ମିଳିବା ପରେ ଆୟକର ବିଭାଗର ଅଧିକାରୀମାନେ ସ୍ୱତନ୍ତ୍ର ପ୍ରଶ୍ନାବଳୀ ପ୍ରସ୍ତୁତ କରିଛନ୍ତି। ପ୍ରଥମେ ଅଲଗା ଅଲଗା, ପରେ ସେମାନଙ୍କୁ ମୁହାଁମୁହିଁ ଜେରା କରାଯିବ ବୋଲି ସୂଚନା ମିଳିଛି। କଳାଧନ, ବେନାମୀ ସମ୍ପତ୍ତି, ସିଏସ୍‌ଆର୍ ଫଣ୍ଡ କେଲେଙ୍କାରୀ ଓ ହାଇପ୍ରୋଫାଇଲ୍ ରାଜନେତାଙ୍କ ଲିଙ୍କ୍ ବାବଦରେ ଆୟକର ଅଧିକାରୀମାନେ ପଉରାଉଚରା କରିବେ। ଏଥିନିମନ୍ତେ ଆୟକର ବିଭାଗ ପକ୍ଷରୁ ୧୦ରୁ ୧୨ଜଣିଆ ସ୍କ୍ୱାଡ୍ ପ୍ରସ୍ତୁତ କରାଯାଇଛି।

# ବିଦ୍ୟୁତ୍ ଫାଶରେ ପଡ଼ି ଯୁବକ ମୃତ

**ଝାରସୁଗୁଡ଼ା, ୧।୨(ସମିସ):** ବାର୍ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଝାରସୁଗୁଡ଼ା ମାଲିପଡ଼ାର ପବନ ସାହୁ (୨୮)। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅଧୀନ ଅଏଁଲାପଡା ନାଲା ନିକଟ ଏଲ୍‌ଆଇ ପଏଣ୍ଟ ନିକଟରୁ ତାଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାସ୍ଥଳରୁ ବାର୍ହା ଶିକାର ପାଇଁ ବିଛାଯାଇଥିବା ତାର, କାଚ ବୋତଲ ଏବଂ ବାଉଁଶ ବାଡ଼ି ଆଦି ଜବତ କରିଛି। ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ମଧ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ପବନ କାହିଁକି ଅଏଁଲାପଡ଼ା ନିକଟକୁ ଯାଇଥିଲେ, ସେନେଇ ପୁଲିସ କିଛି ସ୍ପଷ୍ଟ ସୂଚନା ଦେଇନାହିଁ। ଘଟଣାକୁ ନେଇ ବିଦ୍ୟୁତ୍ ବିଭାଗର ଅଧିକାରୀ ମୀନକେତନ ପ୍ରଧାନଙ୍କ ଅଭିଯୋଗ ଆଧାରରେ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଶନିବାର ସକାଳୁ ଅଏଁଲାପଡ଼ା ନାଲା ନିକଟ ଏଲଆଇ ପଏଣ୍ଟ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଏବଂ ପୁଲିସ୍‌କୁ ସୂଚନା ଦେଇଥିଲେ।

**ଦୁଇବର୍ଷୀୟ ଝିଅର ଅସାଧାରଣ ପ୍ରତିଭା**

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ଶ୍ରେୟାଂଶୀ



**ତୁରୁମୁଙ୍ଗା, ୧।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅନ୍ତର୍ଗତ ତୁରୁମୁଙ୍ଗା ଗ୍ରାମର ବ୍ୟବସାୟୀ ତୁଷାର ରଞ୍ଜନ ସାହୁ ଏବଂ ପତ୍ନୀ ଲିପ୍ସାଙ୍କ ୨ବର୍ଷ ଦୁଇ ମାସର କନ୍ୟା ଶ୍ରେୟାଂଶୀ ନିଜ ଅସାଧାରଣ ପ୍ରତିଭା ପାଇଁ ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଛନ୍ତି। ବିଭିନ୍ନ ମନ୍ତ୍ରପାଠ ହେଉ ବା ସାଧାରଣ ଜ୍ଞାନ, ଦେଶର ଜାତୀୟ ପ୍ରତୀକ ହେଉ ବା ପରିବାରଲୋକଙ୍କ ନାମ ଭଳି ଅନେକ ବିଷୟବସ୍ତୁକୁ ପ୍ରାଞ୍ଜଳ ଭାବେ ଦର୍ଶାଇ ପାରୁଥିବା ଶ୍ରେୟାଂଶୀଙ୍କ ଏ ପର୍ଯ୍ୟନ୍ତ ଭଲ ଭାବେ ପାଟି ଫିଟିନାହିଁ। ୧୦ମାସର ହୋଇଥିଲା ବେଳେ ଶ୍ରେୟାଂଶୀ ରଙ୍ଗବେରଙ୍ଗୀ ବହି ଦେଖି ଖୁସି ହୋଇଯାଉଥିଲେ। ଝିଅର ଆଗ୍ରହ ଦେଖି ମା' ଲିପ୍ସା ତାଙ୍କୁ ବିଭିନ୍ନ ବିଷୟ ଶିଖାଇବା ଆରମ୍ଭ କରିଥିଲେ। ଦୁଇ ବର୍ଷ ହେଲା ବେଳକୁ ଆକ୍ସନ ୱାର୍ଡ ୧୭ଟି, ଫଳ ୨୦ଟି, ପନିପରିବା, ଗୃହପାଳିତ ଓ ଜଙ୍ଗଲୀ ପଶୁପକ୍ଷୀଙ୍କ ନାମ, ଯାନବାହନ, ପ୍ରଫେସନ୍, ବିଭିନ୍ନ ରଙ୍ଗ, ଆକାର, ଇଂରାଜୀ ବର୍ଣ୍ଣମାଳା ସହ ପ୍ରତି ଅକ୍ଷରରେ ଶବ୍ଦ, ୧୭ରୁ ଅଧିକ ଜାତୀୟ ପ୍ରତୀକ, ସପ୍ତାହର ନାମ, ରାଇମ୍ସ କହି ପାରୁଥିଲେ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ବିଷୟରେ ଜାଣିବା ପରେ ଶ୍ରେୟାଂଶୀଙ୍କୁ ତାଙ୍କ ମା' ଏଥିପାଇଁ ପ୍ରସ୍ତୁତ କରାଇଥିଲେ। ଶ୍ରେୟାଂଶୀଙ୍କୁ ୨୦୨୪ର ଆଚିଭର୍ସ ଭାବେ ଚୟନ କରାଯାଇଛି। ପୁରସ୍କାର ଭାବେ ମେଡାଲ୍, ପ୍ରମାଣପତ୍ର, ବ୍ୟାଚ୍, ପରିଚୟପତ୍ର, ପେନ୍ ଓ ମାଗାଜିନ୍ ପ୍ରଦାନ କରାଯାଇଛି। ଏପରି ପ୍ରତିଭା ଓ ସଫଳତା ପାଇଁ ବିଭିନ୍ନମହଲରୁ ଶୁଭେଚ୍ଛା ଛୁଟିବା ସହ ପରିବାର ଓ ଗ୍ରାମରେ ଖୁସିର ଲହରି ଖେଳି ଯାଇଛି।

# ଜେଲ୍‌ରେ ଛାତ୍ର କଂଗ୍ରେସ ସଭାପତିଙ୍କୁ ଭେଟିଲେ ଭକ୍ତ

**ଭୁବନେଶ୍ୱର, ୧।୨(ସମିସ):** ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ କଳାପତାକା ଦେଖାଇ ଗିରଫ ହୋଇଥିବା ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ସମେତ ଅନ୍ୟ ଛାତ୍ର କଂଗ୍ରେସ ନେତାଙ୍କୁ ଜେଲ୍‌ରେ ଭେଟିଛନ୍ତି ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସ। ଝାରପଡ଼ାରେ ଛାତ୍ର ନେତାମାନଙ୍କୁ ଜେଲ୍‌ରେ ଭେଟିବା ପରେ ଶ୍ରୀ ଦାସ କହିଛନ୍ତି ଯେ ଛାତ୍ରମାନେ ଦେଶ ଜାତିର ସମ୍ମାନକୁ ନେଇ ପ୍ରତିବାଦ କରୁଛନ୍ତି। ସମ୍ବିଧାନ ପ୍ରଦତ୍ତ ହକ୍ ପ୍ରଦର୍ଶନ କରିବାରେ କୌଣସି ସମସ୍ୟା ନାହିଁ। ମୋହନ ଭାଗବତ ଦେଶର ସ୍ୱାଧୀନତା ସମ୍ପର୍କରେ ଅପମାନଜନକ ମନ୍ତବ୍ୟ ଦେଇଛନ୍ତି। ଏପରି ଉକ୍ତି ଅପମାନ ଜନକ ହୋଇଥିବାରୁ ତାଙ୍କୁ ପ୍ରତିବାଦ କରାଯାଇଛି। ମାତ୍ର ଏଥିପାଇଁ ଛାତ୍ରମାନଙ୍କୁ ଜେଲ୍‌ରେ ରଖିବା ଉଚିତ ନୁହେଁ। ପୂର୍ବରୁ ମନମୋହନ ସିଂ ଓ ବିଜୁ ପଟ୍ଟନାୟକଙ୍କୁ ବିରୋଧ ହୋଇଥିଲେ ମଧ ବିରୋଧୀକାରୀଙ୍କୁ ଛାଡ଼ିଦେବା ପାଇଁ ଏହି ନେତାମାନେ କହୁଥିଲେ। ମାତ୍ର ଏବେ ଦେଶକୁ ବିଜିପି ଗୁଲାମି କରିଛି। ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ଅଛି। ଡବଲ-ଇଞ୍ଜିନ୍ ସରକାର ଏଥିରୁ କାହାକୁ ନିବୃତ୍ତ କରିପାରିବନି। କଂଗ୍ରେସ୍ ଏହା ବିରୋଧରେ ସ୍ୱର ତୀବ୍ର କରିବ। ଛାତ୍ରମାନେ କେବଳ କଳା ପତକା ଦେଖାଇ ପ୍ରତିବାଦ କରିଥିଲେ। ଟେକାପଥର କି ଆକ୍ରମଣ ତ କରିନଥିଲେ। ତେବେ ଏତେ ଆକ୍ରୋଶ କାହିଁକି ବୋଲି ଭକ୍ତ ପ୍ରଶ୍ନ କରିବା ସହ ଏଥିରୁ ନିବୃତ୍ତ ରହିବା ପାଇଁ ସେ ବିଜେପି ସରକାରକୁ ଚେତାବନୀ ଦେଇଛନ୍ତି।

# ୩୫ ଡିଗ୍ରୀ ଟପିଲା ତାତି

**ଭୁବନେଶ୍ୱର, ୧।୨ (ସମିସ):** ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ତାପମାତ୍ରା ୩୫ ଡିଗ୍ରୀ ଅତିକ୍ରମ କରିଛି। ଗତ ଦୁଇ ଦିନ ହେବ ଟାଣ ଖରାର ପ୍ରଭାବ ଯୋଗୁଁ ତାପମାତ୍ରା ବଢ଼ିଛି। ପରିଣାମ ସ୍ୱରୂପ, ଶନିବାର ରାଜ୍ୟର ଏକାଧିକ ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଛି। ୩୫.୬ ଡିଗ୍ରୀ ସହ ପାରଳାଖେମୁଣ୍ଡିରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୩୫.୨, ସୋନପୁର ୩୫.୧ ଓ ବଲାଙ୍ଗିରରେ ୩୫ ଡିଗ୍ରୀ ରେକର୍ଡ ହୋଇଛି। ଶୁକ୍ରବାରଠାରୁ ରାଜ୍ୟରେ ଖରାର ପ୍ରଭାବ ବଢ଼ିଥିବା ବେଳେ ରାତିରେ ମଧ ଶୀତର ପ୍ରଭାବ ହ୍ରାସ ପାଇଛି। ଏବେ ଉଭୟ ଦିନ ଓ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିଥିବା ଯୋଗୁଁ ମାଘ ମାସରେ ମଧ ଗ୍ରୀଷ୍ମ ଭଳି ସ୍ଥିତି ଅନୁଭୂତ ହେଉଛି।

ରାଜ୍ୟରେ ଜାରି ରହିଥିବା ପାଣିପାଗ ସ୍ଥିତି ସମ୍ପର୍କରେ ସୂଚନା ଦେଇ ପାଣିପାଗ ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି, ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ତାପମାତ୍ରା ବଢ଼ିବ। ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ବି ତାତି ବୃଦ୍ଧି ପାଇବ। କିଛି ସ୍ଥାନରେ ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ବଢ଼ିବ। ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ, ବରଗଡ, ବଲାଙ୍ଗୀର, ସୋନପୁର, ନୂଆପଡ଼ା ଭଳି ଜିଲ୍ଲାରେ ମେଘମୁକ୍ତ ଆକାଶ ରହିବା ଏଠାରେ ତାପମାତ୍ରା ୩୪ ଡିଗ୍ରୀ ମଧ୍ୟରେ ରହିବ। ସେହିଭଳି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ ତାପମାତ୍ରା ବୃଦ୍ଧି ପାଇବ। ତାତି ବୃଦ୍ଧି ସହ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଅସ୍ତବ୍ୟସ୍ତ କରିବ ବୋଲି ସେ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ରବିବାର ରାତିରୁ ସୋମବାର ସକାଳ ମଧ୍ୟରେ କେନ୍ଦୁଝର, ଜଗତସିଂହପୁର ପୁରୀ, ଖୋର୍ଦ୍ଧା, କଟକ, ଗଞ୍ଜାମ ଓ ଗଜପତିରେ ଘନ କୁହୁଡ଼ି ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। କୁହୁଡ଼ି ସମୟରେ ଯାନବାହନ ଚଳାଚଳରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

# ଗ୍ରାଉଣ୍ଡ ଜିରୋ ରିପୋର୍ଟର



ସୁପ୍ରିତ୍ ପୂଜାରୀ




**କୋରାପୁଟ ଆଦିବାସୀ ପରମ୍ପରା ଅନୁଯାୟୀ 'ବାଲିଫୁଲ' ଦୁଇ ବନ୍ଧୁ ଆଜୀବନ ଏକାଠି ରହିବା ପାଇଁ ସଂକଳ୍ପ ନେଇଥାନ୍ତି । ଯାହାକୁ ଆଧାର କରି ୯୦ ଦଶକରେ 'ବାଲିଫୁଲ'ନାମରେ ଏକ ଅଡିଓ କ୍ୟାସେଟ୍ ରିଲିଜ୍ ହୋଇଥିଲା । 'ବାଲିଫୁଲ' ଆଲବମ୍‌ର ଛି ଛି ଛି ରେ ନନୀ ଛି ଗୀତ ସେତେବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଚହଳ ପକାଇ ଦେଇଥିଲା । ପୁଣି ୩୩ ବର୍ଷ ପୂର୍ବରୁ ପ୍ରସ୍ତୁତ ଗୀତ ବର୍ତ୍ତମାନ କେବଳ ଆମ ରାଜ୍ୟ ନୁହେଁ ସାରା ଦେଶ ଏବଂ ବିଶ୍ୱର କୋଣ ଅନୁକୋଣରେ ଆଦିବାସୀ ଅଡିଓ ଆଲବମର 'ବାଲିଫୁଲ' ଆଦିବାସୀ ଗୀତ ' ଛି ଛି ଛିରେ ନନୀ ଛି' କୁ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ରିଲ୍ସ ମାଧ୍ୟମରେ ରେକର୍ଡ ସୃଷ୍ଟି କରିଛି ।**

## ୩୩ ବର୍ଷ ପରେ ଫେରିଲା 'ବାଲିଫୁଲ'



### ଚର୍ଚ୍ଚାରେ 'ଛି ଛି ଛି ରେ ନନୀ ଛି'

ଏହି ଗୀତ ଗତ ୩୩ ବର୍ଷ ପୂର୍ବେ ୧୯୯୨ ମସିହାରେ ତତ୍କାଳୀନ କଟକର ଜେଇ ଅଡିଓ କ୍ୟାସେଟ ନିର୍ମାଣ ସଂସ୍ଥା ପକ୍ଷରୁ ମୁକ୍ତିଲାଭକରିଥିଲା । ଏହି ଗୀତର ଗୀତିକାର, ସଂଗୀତ ଏବଂ ଗାୟକ ଭାବେ ବିଶିଷ୍ଟ ଗାୟକ ତଥା ଆକାଶବାଣୀ ସ୍ୱୀକୃତପ୍ରାପ୍ତ କଳାକାର ସ୍ୱର୍ଗତ ସତ୍ୟନାରାୟଣ ଅଧିକାରୀ ନିଜେ ରହିଥିଲେ । ସମୁଦାୟ ୮ଟି ଗୀତକୁ ନେଇ ନିର୍ମାଣ ହୋଇଥିବା 'ବାଲିଫୁଲ' ଆଲବମର ସମସ୍ତ ଗୀତ ସେତେବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଚହଳ ପକାଇ ଦେଇଥିଲା । କମ୍ପାନୀ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପ୍ରାୟ ୧୫ ଲକ୍ଷ କ୍ୟାସେଟ୍ ବିକ୍ରି ହୋଇଥିଲା । କିନ୍ତୁ ପୁଣି ୩୩ ବର୍ଷ ପୂର୍ବରୁ ପ୍ରସ୍ତୁତ ଏହି ଆଲବମର 'ଛି ଛି ଛି ରେ ନନୀ ଛି' ଗୀତ ଓ ସଂଗୀତ ଲୋକଙ୍କୁ ଏତେ ପରିମାଣରେ ଆକୃଷ୍ଟ କରିଛି । କୌଣସି ଜଣେ ବ୍ୟକ୍ତି ଏହି ଗୀତକୁ ନାଟ୍ୟ ଭିଡିଓ ମାଧ୍ୟମରେ ପ୍ରସ୍ତୁତ କରିବା ସହ ୟୁଟ୍ୟୁବ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବା ପରେ ଏହାର ଚାହିଦା ବୃଦ୍ଧି ପାଇଛି । ଏହିପରି ଅନେକ ବ୍ୟକ୍ତି ଓ ଯୁବକମାନେ ସାମାଜିକ ଗଣମାଧ୍ୟମରେ ଏହି ଗୀତକୁ ନେଇ ଅଭିନୟ ମାଧ୍ୟମରେ ପ୍ରସାର କରିଛନ୍ତି । ଏହି ଗୀତର ପ୍ରସ୍ତୁତକର୍ତ୍ତା, ଗାୟକ ତଥା ସଂଗୀତଜ୍ଞ ସ୍ୱର୍ଗତ ସତ୍ୟନାରାୟଣ ଅଧିକାରୀଙ୍କ ବିଷୟରେ ଜାଣିବା ନେଇ ଉତ୍ସାହ ଦେଖାଇଛନ୍ତି । କୋରାପୁଟିଆ ଆଦିବାସୀ ଗୀତ ଶାସ୍ତ୍ରୀୟ ସଂଗୀତ ଏବଂ ପ୍ରକୃତିର ଧୁନ୍ କୁନେଇ ସୃଷ୍ଟି ହୋଇଛି । ତେଣୁ ବାଲିଫୁଲ ଆଲବମରରେ ସମସ୍ତ ୮ଟି ଗୀତରେ ଆଧୁନିକତା ଆଦିବାସୀ ଗୀତ ରହିଥିଲେ ସୁଦ୍ଧା ଏହାର ମ୍ୟୁଜିକ ପାଇଁ ବ୍ୟବହୃତ ମୁଖ୍ୟତଃ ଶାସ୍ତ୍ରୀୟ ବାଦ୍ୟ ଯନ୍ତ୍ର ବ୍ୟବହୃତ ହୋଇଥିଲା । ଏହି ବାଲିଫୁଲ କ୍ୟାସେଟ ନିର୍ମାଣରେ ବାଦ୍ୟ ଯନ୍ତ୍ର ପରିଚାଳନାରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଧନଞ୍ଜୟ ଶତପଥି ଏବଂ ପୂର୍ଣ୍ଣ ଖୁଣ୍ଟିଆ କରିଥିଲେ । ମହିଳା ଗାୟକ ଭାବେ ଜୟପୁରର ଝିଅ ନିହାରିକା ପଟ୍ଟନାୟକ ଏବଂ ତବଲା ବାଦନାରେ ସୁଶାନ୍ତ ଅଧିକାରୀ ଏବଂ ଭରତ ଚାଲାଣ ରହିଥିଲେ । ଏହିପରି ସମୁଦାୟ ୮ଟି ଆଦିବାସୀ, ରାୟଗଡା ଦେବୀ ମଝିଘରିଆଣୀ, ଶ୍ରୀ ଜଗନ୍ନାଥ ଏବଂ ସଂସ୍କୃତ ଭାଷାରେ ଶିବସ୍ତୁତି ପ୍ରସ୍ତୁତ ଭଜନ କ୍ୟାସେଟ ମଧ୍ୟ ପ୍ରସ୍ତୁତ କରିଥିଲେ । ଦୀର୍ଘ ୪ରୁ ୫ବର୍ଷ ପୂର୍ବରୁ ଏହି ଗୀତ ସ୍ୱର୍ଗତ ସତ୍ୟ ଅଧିକାରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜେ ଗାଉଥିଲେ । ୧୯୯୨ ମସିହାରେ ନିଜସ୍ୱ ଖର୍ଚ୍ଚରେ ଏହାକୁ ପ୍ରସ୍ତୁତ କରିବା ସହ ଅବିଭକ୍ତ କୋରାପୁଟିଆ ଆଦିବାସୀ ଦେଶୀୟା ଗୀତ ପ୍ରଚାର ପ୍ରସାର ମୁଖ୍ୟ ପୁରୋଧା ନିଜେ ସ୍ୱର୍ଗତ ସତ୍ୟ ଅଧିକାରୀ କହୁଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ତାଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ବେହେଲା ଓ ମେଣ୍ଡୋଲିନ ବଦ୍ୟ ଯନ୍ତ୍ର ସହାୟତା କରିଥିବା ବିଶିଷ୍ଟ ବାଦକ ବିଜୟ କୁମାର ସାମନ୍ତରାୟ କହିଛନ୍ତି । ଏହିପରି ସ୍ୱର୍ଗତ ସତ୍ୟ ଅଧିକାରୀଙ୍କ ସାନଭାଇ ତଥା ବିଶିଷ୍ଟ ତବଲା ବାଦକ ସୁଶାନ୍ତ ଅଧିକାରୀ କହିଛନ୍ତି ଯେ, ପ୍ରତ୍ୟେକ ଗୀତ ନିଜେ ସ୍ୱର ସଂଯୋଜନା ଏବଂ ଗୀତିକାର ଭାବେ ସ୍ୱର୍ଗତ ସତ୍ୟ ଅଧିକାରୀ ପ୍ରସ୍ତୁତ କରୁଥିଲେ ସୁଦ୍ଧା ଶାସ୍ତ୍ରୀୟ ସଂଗୀତ ଉପରେ ଅଧିକ ଜ୍ଞାନ ରଖିଥିବା ତାଙ୍କଠାରୁ ମଧ୍ୟ କିଛି ପରାମର୍ଶ ଗ୍ରହଣ କରୁଥିଲେ । ସେହିପରି କେବଳ ସଂଗୀତ ନୁହେଁ, ଛାତ୍ର ଜୀବନରୁ ଜଣେ ଛାତ୍ରନେତା ରାଜନୀତିଜ୍ଞ, ବିଶିଷ୍ଟ ଆଇନଜୀବୀ, କ୍ରୀଡାବିତ ଭାବେ ସାରା ଓଡିଶାରେ ତାଙ୍କର ପରିଚୟ ରହିଥିଲା । ଏହିପରି ବହୁମୁଖୀ ପ୍ରତିଭାକୁ ହରାଇ ଅବଭିକ୍ତ କୋରାପୁଟ ଜିଲ୍ଲା ଓ ରାଜ୍ୟ ବାସିନ୍ଦା ତାଙ୍କର ଗୀତକୁ ପୁନଃର୍ବାର ଉଦଜୀବିତ କରି ଏକ ପ୍ରକାର ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି ।

## ଅରାଗଡ଼ ପାହାଡ଼ର ଅନାଲୋଚ୍ୟ ବୌଦ୍ଧ କୀର୍ତ୍ତି



ପ୍ରଦୀପ ବିଶ୍ୱାଳ

**ପୁରୀ ଜିଲ୍ଲା ଡେଲାଙ୍ଗ କଣାସର ଜୀବନରେଖା ଦୟାନଦୀ ଏହାର ପାଦଦେଶରେ କୁଳୁକୁଳୁ ହୋଇ ବହି ଯାଉଛି । ପୂର୍ବରୁ ପଶ୍ଚିମକୁ ପ୍ରାୟ ତିନି କିଲୋମିଟର ବ୍ୟାପ୍ତ ଅରାଗଡ଼ ପାହାଡ଼ର ପୂର୍ବପ୍ରାନ୍ତ ଶିଖରରେ ପ୍ରସ୍ତର ଖୋଦିତ ଦ୍ୱିତଳ ବିଶିଷ୍ଟ ଏକ ବୌଦ୍ଧ ସ୍ତୁପ ଦେଖିବାକୁ ମିଳେ । ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ ।**





ଓଡିଶାର ଉପକୂଳ ଅଞ୍ଚଳରେ ବୌଦ୍ଧ ସଭ୍ୟତାର ଅନ୍ୟତମ ପୀଠସ୍ଥଳୀ ଥିଲା ପୁରୀ ଜିଲ୍ଲାର ଲେମ୍ବେଇ ପ୍ରଗଣା ବା ଆଧୁନିକ ନାମ ଡେଲାଙ୍ଗ । ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତ ଅନୁଯାୟୀ ୪ର୍ଥ କିମ୍ବା ୫ମ ଶତାବ୍ଦିରେ ବୌଦ୍ଧ ମୁନୀମାନେ ଡେଲାଙ୍ଗ ଅଞ୍ଚଳର ବିଶ୍ୱନାଥ ପାହାଡ଼, ସାହାଡା, ପାଆଁରା, ଯମୁନା ଝାରପଡା ଓ ଅରାଗଡ ପ୍ରମୁଖ ପାହାଡ଼ମାନଙ୍କରେ ଥିବା ୮୪ଟି ଗୁମ୍ଫାରେ ବସବାସ କରିବା ସହିତ ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟ କରୁଥିଲେ । ସବୁଠାରୁ ଅଧିକ ବୌଦ୍ଧ ମୁନୀ ରହୁଥିଲେ ଅରାଗଡ଼ ପାହାଡ଼ରେ ।

ହରିପୁର ଗ୍ରାମ ରେଳ ଷ୍ଟେସନଠାରୁ ମାତ୍ର ଅନତି ଦୂରରେ ଅବସ୍ଥିତ ୨୫୬ ଫୁଟ ଉଚ୍ଚତା ବିଶିଷ୍ଟ ଅରାଗଡ଼ ପାହାଡ଼ ଅତୀତର ଅନେକ ବୌଦ୍ଧ ସ୍ମୃତି ଓ କୀର୍ତ୍ତି ବହନକରିଅଛି । କାହିଁ କେଉଁ ପୁରାତନ କାଳରୁ ଡେଲାଙ୍ଗ କଣାସର ଜୀବନରେଖା ଦୟାନଦୀ ଏହାର ପାଦଦେଶରେ କୁଳୁକୁଳୁ ହୋଇ ବହି ଯାଉଛି । ପୂର୍ବରୁ ପଶ୍ଚିମକୁ ପ୍ରାୟ ତିନି କିଲୋମିଟର ବ୍ୟାପ୍ତ ଏହି ପାହାଡ଼ର ପୂର୍ବ ପ୍ରାନ୍ତ ଶିଖରରେ ପ୍ରସ୍ତର ଖୋଦିତ ଦ୍ୱିତଳ ବିଶିଷ୍ଟ ଏକ ବୌଦ୍ଧ ସ୍ତୁପ ଦେଖିବାକୁ ମିଳେ । ଯାହା ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ ।

ବୌଦ୍ଧ ମନ୍ଦିରର ନିମ୍ନଭାଗ ୧୨ଫୁଟ ୫ଇଞ୍ଚ ଲମ୍ବ, ୬ଫୁଟ୍ ୨ଇଞ୍ଚ ଓସାର ଓ ୧୦ଫୁଟ ୩ଇଁଚ ଉଚ୍ଚତା ବିଶିଷ୍ଟ, ଯାହକୁ ମନ୍ଦିରର ଗର୍ଭଗୃହ ବୋଲି କୁହାଯାଏ । ଏହାର ଉପରଭାଗ ୧୨ଫୁଟ ଲମ୍ବ, ୬ଫୁଟ ୨ଇଞ୍ଚ ଓସାର ଓ ୧୦ଫୁଟ ୪ଇଞ୍ଚ ଉଚ୍ଚତା ବିଶିଷ୍ଟ, ଯାହାକୁ ଧ୍ୟାନ ମନ୍ଦିର ବୋଲି କୁହାଯାଏ । ଏହି ମନ୍ଦିରର ମଧ୍ୟ ଭାଗରେ ଏକ ସଂକୀର୍ଣ୍ଣ ଦ୍ୱାର ରହିଛି



ଯାହା ଭିତର ପାଶ୍ୱର୍ରୁ ଉଭୟ ମହଲାକୁ ସଂଯୋଗ କରିଛି । ଏହି ଦ୍ୱାରଦେଇ ଭିତରକୁ ପ୍ରବେଶ କରିବା କଷ୍ଟସାଧ ହେଉଥିବା ବେଳେ, ଲୋକକଥା ମୁତାବକ ପୂର୍ବରୁ ମାତ୍ର ଜଣେ ପୂଜକ ଗର୍ଭଗୃହ ଭିତରକୁ ପ୍ରବେଶ କରି ଭଗବାନ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରୁଥିଲେ । ଏହି ମନ୍ଦିର ଦ୍ୱାରର ଉପର ଅଂଶରେ ଥିବା ଏକ ଶିଳା ଲେଖର ଏପର୍ଯ୍ୟନ୍ତ ପାଠୋଦ୍ଧାର କରାଯାଇପାରିନାହିଁ । ବୌଦ୍ଧ ମନ୍ଦିରର ପଶ୍ଚିମ ଦିଗକୁ ଅଳ୍ପ କିଛି ବ୍ୟବଧାନରେ ବିଶାଳ ମୁଗୁନି ପ୍ରସ୍ତର ଖୋଦିତ ଏକ କୁଣ୍ଡ ରହିଛି, ଯାହାକୁ ଯଜ୍ଞକୁଣ୍ଡ ବୋଲି କୁହାଯାଏ । ସେହିପରି ପୂର୍ବ ଦିଗକୁ ଥିବା ସମତଳ ଭୂମିରେ ମୁଗୁନି ପଥରରେ ସୁସଜ୍ଜିତ ଏକ ପ୍ରାଙ୍ଗଣ ରହିଛି, ଯେଉଁଠି ବସି ବୌଦ୍ଧମୁନୀ ମାନେ ଆରାଧନା କରୁଥିଲେ । ଏହି ପ୍ରାଙ୍ଗଣରେ ଛିଡାହୋଇ ପାହାଡ଼ ତଳକୁ ଦେଖିଲେ ଦୟାନଦୀ ଓ ଆଖପାଖ ଅଞ୍ଚଳର ମନୋରମ ଦୃଶ୍ୟ ଦେଖାଯାଏ । ଏହି ବୌଦ୍ଧ ପୀଠର ଚତୁଃପାଶ୍ୱର୍ରେ ଥିବା ବଣରେ ଅନେକ ଗୁମ୍ଫା ରହିଛି, ଯେଉଁଠି ବୌଦ୍ଧମୁନୀମାନେ ବାସ କରୁଥିଲେ ଓ ଭିକ୍ଷା ସହିତ ସ୍ଥାନୀୟ ଅଞ୍ଚଳରେ ବୌଦ୍ଧଧର୍ମର ପ୍ରଚାର କରୁଥିଲେ । ଏଠାରେ ଅନେକ ପ୍ରସ୍ତର ଖୋଦିତ ବୌଦ୍ଧମୂର୍ତ୍ତି ଓ ଉପକରଣର ଭଗ୍ନାବଶେଷ ପଡିରହିଛି, ଯାହା ଅରାଗଡ଼ ପାହାଡ଼କୁ ଅତିତରେ ଓଡିଶାର ଏକ ବିଶିଷ୍ଟ ବୌଦ୍ଧ ପୀଠର ପ୍ରମାଣ ପ୍ରଦାନ କରେ ।

ରକ୍ଷଣା ବେକ୍ଷଣର ଅଭାବରୁ ପାହାଡ଼ର ପାଦଦେଶରୁ ଶୀର୍ଷକୁ ଯାଇଥିବା ପଥର ପାହାଚ ମାତ୍ର କିଛି ଦୂରରେ ଅଦୃଶ୍ୟ ହୋଇଗଲାଣି । ପାହାଡ଼ରେ ମାଟି ଚଢିଯାଇଥିବାରୁ ଅନାବନା ଘାସ, ନଟି, କଣ୍ଟା ଗଛ ଆଦି ସ୍ତୁପକୁ ଯିବା ରାସ୍ତାରେ ବାଧକ ସଜୁଛି । ଏହାକୁ ଆଡେଇ ଉପରକୁ ଗଲେ ବୌଦ୍ଧ ସ୍ତୁପର ଦର୍ଶନ ପ୍ରାପ୍ତି ହେବ । ଆରାଗଡ଼ ପାହାଡ଼ର କୀର୍ତ୍ତିରାଜି ସମ୍ପର୍କରେ ଜାଣିବାପରେ ବେଶ୍ କିଛି ଲୋକେ ଅଦ୍ଭୁତ ହୋଇ ବୁଲିବାକୁ ଅସୁଥିବା ଦେଖିବାକୁ ମିଳେ । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପୀଠସ୍ଥଳୀ ପ୍ରବେଶ ପଥର ଉନ୍ନତିକରଣ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି । ଏଥିରେ ତ୍ୱରଣ, ପ୍ରବେଶପଥ ଦୁଇ ପାଶ୍ୱର୍ର ସୌନ୍ଦର୍ଯ୍ୟକରଣ, ପାର୍କିଂ, ରାସ୍ତା ଓ ଆଶ୍ରୟସ୍ଥଳ ରହିଛି । ଶୀର୍ଷକୁ ଯାଇଥିବା ରାସ୍ତା ସଫା କରିବା, ପୀଠର ଚତୁଃପାଶ୍ୱର୍ ସଫା ରଖିବା ପାଇଁ ଅନେକ ସ୍ଥାନୀୟ ଯୁବକ ଓ ସଂଗଠନ ଅଣ୍ଟା ଭିଡୁଛନ୍ତି । ପ୍ରାଚୀନ ଓଡିଶାର ଏହି ବୌଦ୍ଧ ବିହାର ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଅକୃଷ୍ଟ କରିବାକୁ ହେଲେ ରାଜ୍ୟ ପ୍ରତ୍ନତତ୍ୱ ବିଭାଗ ପୀଠର ରକ୍ଷଣାବେକ୍ଷଣ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ।



## 'ମଗଜି' ୬ଶହ ବର୍ଷର ଲଡୁ



ଇମ୍‌ତିଆଜ୍ ହୁସେନ୍

**ମଗଜିର ଇତିହାସ ପ୍ରାୟ ୬ଶହ ବର୍ଷ ତଳର ବୋଲି ବିଶ୍ୱାସ କରାଯାଏ । ଚୈତନ୍ୟଙ୍କ ଓଡିଶା ଗସ୍ତ ସମୟରେ ସେ ଶ୍ରୀଧର ସ୍ୱାମୀଙ୍କ ସହିତ ବେଶ କିଛି ଦିନ ରହିଥିବାରୁ ଏବଂ ଶ୍ରୀଧର ସ୍ୱାମୀଙ୍କ ଠାରୁ ଭାଗବତ ଶିକ୍ଷା କରିଥିଲେ । ତାଙ୍କର ରହଣି ସମୟରେ ଶ୍ରୀଧରସ୍ୱାମୀ ଚୈତନ୍ୟଙ୍କ ମଇଁଷି କ୍ଷୀର ଏବଂ ଚିନି ଦ୍ୱାରା ପ୍ରସ୍ତୁତ ମିଠା ଖାଇବାକୁ ଦେଇଥିଲେ । ଯାହାକି ମଗଜି ଭାବରେ ପରିଚୟ ଲାଭ କରିଥିଲା । ସ୍ଥାନୀୟ ମିଠା କାରିଗର ମାନେ ଏହାକୁ ପ୍ରସ୍ତୁତ କରିଥିବାର ଅନୁମାନ କରାଯାଏ । ଆହୁରି ମଧ୍ୟ ତତ୍କାଳୀନ ବାଲେଶ୍ୱର ଜିଲ୍ଲାପାଳ ଜନ ବିମସ (୧୮୭୭-୧୮୮୩) ଢେଙ୍କାନାଳ ଜିଲ୍ଲାର ସହକାରୀ ପ୍ରବନ୍ଧକ ଥିବା ବେଳେ ଫକୀରମୋହନ ସେନାପତି ମଗଜିକୁ ଉପହାର ସ୍ୱରୂପ ଅପ୍ୟାୟିତ କରିଥିବାର ଜଣାଯାଏ । ଏଣୁ ମଗଜି ଇତିହାସରେ ବହୁ ପୁରାତନ ତଥା ଢେଙ୍କାନାଳରୁ ଏହାର ସୃଷ୍ଟି ବୋଲି ଜଣାଯାଏ ।**

ଢେଙ୍କାନାଳ ଜିଲ୍ଲାର ଏକ ପାରମ୍ପାରିକ ମିଠା ହେଉଛି ମଗଜି । ପୁରୁଷାନୁକ୍ରମିକ ଭାବରେ ଏହି ମିଠା ପ୍ରସ୍ତୁତ ହେଉଥିବା ବେଳେ ଗଁଦିଆ ବ୍ଲକର ମନ୍ଦାର, ଷଡଙ୍ଗୀ ଅଞ୍ଚଳରୁ ଏହି ମିଠା ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଏହା ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି । ମଇଁଷି କ୍ଷୀରରୁ ପ୍ରସ୍ତୁତ ଛେନାରେ ଏହି ପ୍ରକାର ମିଠା କାରିଗରମାନେ ଚିନି ଓ ଗୁଜୁରାତି ମିଶାଇ ମଗଜି ପ୍ରସ୍ତୁତ କରିଥାନ୍ତି । ଏହି ଛେନାରେ ପ୍ରସ୍ତୁତି ପ୍ରଣାଳୀ ଭିନ୍ନ । ଗାଇ ମଇଁଷି କ୍ଷୀରକୁ କାଠ ଚୂଲାରେ ଅଧିକ ଫୁଟାଇବା ପରେ ତା ଭିତରେ ଛେନା ପାଣି ମିଶ୍ରଣ କରାଯାଇଥାଏ । କିଛି ସମୟ ପରେ ସମ୍ପୁର୍ଣ୍ଣ କ୍ଷୀର ଛେନାରେ ପରିଣତ ହୋଇଥାଏ । ଏହି ଛେନାକୁ ବାହାର କରି ଥଣ୍ଡା କରିବା ପରେ ଛେନାକୁ ଛେନା ପାଣିରୁ ପରିଷ୍କାର ଭାବରେ ଛାଣି ଦେଇ ଏକ ସଫା କପଡାରେ ରଖିବା ପରେ ଏକ କାଠ ପଟାରେ ରଖି ତା ଉପରେ ଓଜନିଆ ଜିନିଷ ଚାପି ଦିଆଯାଇଥାଏ । ପ୍ରାୟ ୩୦ ମିନିଟ ପରେ ଛେନାକୁ କପଡାରୁ ବାହାର କଲେ ତାହା ଟାଣ ହୋଇଥାଏ । ଏହି ଛେନା ମଗଜି ପାଇଁ ପ୍ରସ୍ତୁତ ହୋଇଥାଏ । ଟାଣ ଛେନାକୁ ଭଲ ଭାବରେ ଦଳି କୋମଳ କରାଯାଏ, କମ ଜାଳରେ ଚୁଲି ଉପରେ ଗୋଟିଏ ପାତ୍ର ବସାଇ ଦଳାଯାଇଥିବା ଛେନାକୁ ରଖାଯାଏ । ଏହି ଛେନାରେ କେଜି ପ୍ରତି ୪ଶହରୁ ୫ଶହ ଗ୍ରାମ ଚିନି ଏବଂ ଆବଶ୍ୟକ ପରିମାଣ ଗୁଜୁରାତି ମିଶ୍ରଣ କରାଯାଏ । ଭଲ ଭାବରେ ମିଶ୍ରଣକୁ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଭାଜିବା ପରେ ଚୁଲିରୁ କଢାଯାଇ ତଳେ ରଖି ପୁଣି ଥରେ ଥଣ୍ଡା କରାଯାଏ । ଏହି ମିଶ୍ରଣକୁ ଛୋଟ ଛୋଟ କରି ଗୋଲ ଗୋଲ ମଗଜିରେ ପରିଣତ କରାଯାଏ । ମଗଜି ପ୍ରସ୍ତୁତିରେ କାରିଗରଙ୍କ ଅଭିଜ୍ଞତା ଏବଂ କୌଶଳ ଉପରେ ନିର୍ଭର କରିଥାଏ । ଢେଙ୍କାନାଳ ଜିଲ୍ଲାରେ ରହିଥିବା ମଇଁଷି ଗୁଡିକ ଜଙ୍ଗଲର ଡାଳପତ୍ର ଖାଉଥିବାରୁ କ୍ଷୀର ଅତ୍ୟନ୍ତ ଉତ୍କୃଷ୍ଟ ମାନର ହୋଇଥାଏ । ଏହି ମିଠା ଓଡିଶା ତଥା ଭାରତର କୌଣସି ଠାରେ ପ୍ରସ୍ତୁତ ହେବାର ନଜିର ନାହିଁ । ମିଠାକୁ ପାଟିରେ ପକାଇବା ମାତ୍ରେ ତାହା ମିଳେଇ ଯାଇଥାଏ । ଯଦିଓ ମଗଜିର ନାମ ସାମଞ୍ଜସ୍ୟ ଥିବା ମଗଜ ଲଡୁ ପ୍ରସ୍ତୁତି ଅନ୍ୟ ସ୍ଥାନରେ ଦେଖାଯାଏ କିନ୍ତୁ ଏହା ଗହମରୁ ପ୍ରସ୍ତୁତ ହେଉଥିବା ବେଳେ ଚିନି ମିଶ୍ରଣ ହୋଇଥାଏ । କିନ୍ତୁ ଏହା ମଇଁଷି କ୍ଷୀରରୁ ହୋଇ ନ ଥାଏ । ଛେନାରୁ ପ୍ରସ୍ତୁତ ଅନ୍ୟାନ୍ୟ ମିଠା ଠାରୁ ମଗଜିର ରୂପ, ଆକୃତି, ସ୍ୱାଦ ଓ ଖାଦ୍ୟ ଗୁଣ ସମ୍ପନ୍ନ ଭିନ୍ନ ହୋଇଥିବାରୁ ମଗଜି ଜିଲ୍ଲାର ଏକ ଭିନ୍ନ ସ୍ୱାଦର ମିଠା ଭାବରେ ବେଶ ଆଦୃତି ଲାଭ କରିଛି ।

ମଗଜିର ଖାଦ୍ୟ ଗୁଣ ଅତ୍ୟନ୍ତ ଉଚ୍ଚମାନର ପ୍ରାୟ ୧ଶହ ଗ୍ରାମ ମଗଜିରେ ପୃଷ୍ଟିସାର ୧୧.୨୬ ଗ୍ରାମ, ଭିଟାମିନ-ଡି ୧୫.୪୮ ଆଇୟୁ ଲାକଟୋଜ ୩.୨୪



ଗ୍ରାମ, ଲୌହ ୨୧.୨୫ମି. ଗ୍ରାମ, କାଲସିୟମ ୧୭୭ ମିଲିଗ୍ରାମ, ମାଗ୍ନେସିୟମ ୮.୯୪ ମିଲିଗ୍ରାମ, ପଟାସ ୩୪.୫୩ମିଲିଗ୍ରାମ ଓ ସୋଡିୟମ ୩୫.୨୫ ମିଲିଗ୍ରାମ ଥିବାର ପ୍ରମାଣ ମିଳିଥାଏ । ଏହି ମିଠାକୁ ବହୁତ ଦିନ ପର୍ଯ୍ୟନ୍ତ ସାଧାରଣ ପରିବେଶ ମଧ୍ୟରେ ରଖିବା ସମ୍ଭବ, ଏହି ଗୁଣ ଯୋଗୁ ଅତୀତରେ ଯେତେବେଳେ ଦୋକାନୀଙ୍କ ନିକଟରେ ଫ୍ରିଜ ଉପଲବ୍ଧ ନ ଥିଲା ମଗଜିକୁ ବିଶେଷ ଭାବରେ ପ୍ରସ୍ତୁତ କରୁଥିଲେ । ବିଭିନ୍ନ ତଥ୍ୟ ସମ୍ବଳିତ ଦସ୍ତାବିଜ ସହ ୨୦୨୦ ଡିସେମ୍ବର ୭ରେ ମଗଜିକୁ ଜିଆଇ ଟ୍ୟାଗ ପାଇଁ ଆବେଦନ କରାଯାଇଥିଲା । ୨୦୨୪ ଜାନୁଆରୀ ୨ରେ ଏହାକୁ ଜିଆଇ ଟ୍ୟାଗରେ ସାମିଲ କରାଯାଇଥିବା ନେଇ ଘୋଷଣା ପରେ ଢେଙ୍କାନାଳବାସୀ ବେଶ୍ ଖୁସି ପ୍ରକାଶ କରିଥିଲେ । ହେଲେ ଜିଆଇ ଟ୍ୟାଗ୍ ପାଇବାକୁ ବର୍ଷେ ପୁରିଥିବା ବେଳେ ଏହାର ପ୍ରଚାରପ୍ରସାର ହେଉ ନ ଥିବା ଅଭିଯୋଗ ହୋଇଛି । ଏ ଦିଗରେ ପ୍ରଶାସନସ୍ତରରେ ଉଦ୍ୟମ ହେବାର ଆବଶ୍ୟକତା ରହିଛି । ଗୋପବନ୍ଧୁ ଟାଉନ ହଲ୍‌ଠାରେ ମଗଜି ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମିଠା ଦୋକାନୀ ସଂଘ ଓ ଢେଙ୍କାନାଳବାସୀଙ୍କ ପକ୍ଷରୁ ତରଫରୁ ଏହାର ଆୟୋଜନ କରାଯାଇଥିଲା ।

**ପୁରୁଷ ହକି ଇଣ୍ଡିଆ ଲିଗ୍**

# ବେଙ୍ଗଲ ଟାଇଗର୍ସ ନୂଆ ଚାମ୍ପିଅନ

**ରାଉରକେଲା, ୧।୨(ସମିସ):** ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଷଷ୍ଠ ସଂସ୍କରଣ ସଫଳତାର ସହ ଅନୁଷ୍ଠିତ ହୋଇଛି। ଶ୍ରଚି ରାରହ ବେଙ୍ଗଲ ଟାଇଗର୍ସ ନୂଆ ଚାମ୍ପିଅନ ଭାବେ ଉଭା ହୋଇଛି। ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବେଙ୍ଗଲ ୪-୩ ଗୋଲରେ ହାଇଦରାବାଦ ତୁଫାନ୍ସକୁ ପରାସ୍ତ କରି ପ୍ରଥମଥର ପାଇଁ ଟାଇଟଲ ଅର୍ଜନ କରିଛି। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଶେଷ ପର୍ଯ୍ୟନ୍ତ ରୋମାଞ୍ଚ ବଳବତ୍ତର ରହିଥିଲା। ଖଚାଖଚ୍ ଭରା ଷ୍ଟାଡୟମରେ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଖିବାକୁ ମିଳିଥିଲା। ମ୍ୟାଚ୍‌ର ସବୁ ୭ଟି ଯାକ ଗୋଲ୍ ପେନାଲ୍ଟି କର୍ଣ୍ଣର ମାଧ୍ୟମରେ ସ୍କୋର କରାଯାଇଥିଲା।



**ଯୁଗରାଜ ସିଂହଙ୍କ ହ୍ୟାଟ୍ରିକ**

୯ମ ମିନିଟ୍‌ରେ ଅଭିଜ୍ଞ ଗୋଞ୍ଜାଲୋ ପେଇଲାଟ୍ ଗୋଲ ଦେଇ ତୁଫାନ୍ସକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ୨୫ତମ ମିନିଟ୍‌ରେ ଯୁଗରାଜ ସିଂହ ଗୋଲ ସ୍କୋର କରି ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ୨୬ତମ ମିନିଟ୍‌ରେ ତୁଫାନ୍ସର ଅମନଦୀପ ଲାକ୍ରା ଗୋଲ ଦେଇ ତୁଫାନ୍ସକୁ ପୁଣି ଅଗ୍ରଣୀ କରାଇଥିଲେ। କିନ୍ତୁ ୩୨ ଓ ୩୫ତମ ମିନିଟ୍‌ରେ ବେଙ୍ଗଲର ଯୁଜରାଜ ସିଂହ ଦୁଇଟି ଗୋଲ ଦେଇ ବେଙ୍ଗଲକୁ ଅଗ୍ରଣୀ କରାଇଥିଲେ। ୩ଟି ଗୋଲ ଦେଇ ଯୁଗରାଜ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହାପରେ ପେଇଲାଟ୍ ୩୯ତମ ମିନିଟ୍‌ରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ମ୍ୟାଚ୍‌କୁ ୩-୩ ବାରବର ସ୍ଥିତିକୁ ଆଣିଥିଲେ।

ଶେଷରେ ସାମ ଲେନ୍ ୫୪ତମ ମିନିଟ୍‌ରେ ଗୋଲ ଦେଇ ବେଙ୍ଗଲ ଅଗ୍ରଣୀ କରାଥିଲେ। ଏହାପରେ ଗୋଲ ନହେବାରୁ ବେଙ୍ଗଲ ବାଜି ମାରିଥିଲା। ବେଙ୍ଗଲ ୧୧ଟି ଓ ତୁଫାନ୍ସ ୭ଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ବଲ ପଜେସନରେ ବେଙ୍ଗଲ, ସଟ୍ସ ଓ ସର୍କଲ ଏଣ୍ଟ୍ରିରେ ତୁଫାନ୍ସ ଯଥେଷ୍ଟ ଆଗରେ ରହିଥିଲା।

**ବେଙ୍ଗଲକୁ ୩ ଓ ତୁଫାନ୍ସକୁ ୨ କୋଟି ଟଙ୍କା**

ଚାମ୍ପିଅନ ବେଙ୍ଗଲ ଦଳକୁ ୩ କୋଟି ଓ ଉପ ବିଜେତା ତୁଫାନ୍ସକୁ ୨ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ତୃତୀୟ ସ୍ଥାନରେ ଥିବା ସୁରମାକୁ ଏକ କୋଟି ଟଙ୍କା ଆର୍ଥିକ ପୁରସ୍କାର ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଫାଇନାଲ ମ୍ୟାଚ୍‌ରେ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ହକି ଇଣ୍ଡିଆ ସଭାପତି ଦୀଲିପ ତିର୍କି, ବଲଉଡ ଅଭିନେତ୍ରୀ ସାରା ଅଲି ଖାନ ଓ କ୍ରୀଡ଼ା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ସୁରମା ତୃତୀୟ: ଡ୍ରାଗନ୍ସ ଚତୁର୍ଥ**

ଲିଗ୍‌ର ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ୩-୨ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ଅର୍ଥାତ ସୁରମା ତୃତୀୟ ଓ ଡ୍ରାଗନ୍ସ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ସୁରମାର ତରଫରୁ ଦ୍ୱାଦଶ ମିନିଟରେ ଗୁରଜାନ୍ତ ସିଂହ, ୧୯ତମ ମିନିଟ୍‌ରେ ହରଜିତ ସିଂହ, ୫୭ତମ ମିନିଟ୍‌ରେ ପ୍ରଭଜୋତ ସିଂହ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ଡ୍ରାଗନ୍ସ ତରଫରୁ ବ୍ଲାକ ଗୋଭର୍ସ ୧୫ ଓ ଜିପ୍ ଜାନେସନ ୫୯ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ରୋମାଞ୍ଚକ କରାଇଥିଲେ।



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍ ଫାଇନାଲରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବଲିଉଡ ତାରକା ସାରା ଅଲି ଖାନ୍ ନୃତ୍ୟ ପରିବେଷଣ କରୁଛନ୍ତି।

## ଡେଭିସ୍‌କପ୍ ;ଭାରତ ୨-୦ରେ ଆଗୁଆ

ନୂଆଦିଲ୍ଲୀ, ୧।୨(ଏଜେନ୍ସି): ସ୍ଥାନୀୟ ଡିଏଲ୍‌ଟିଏ କମ୍ପ୍ଲେକ୍ସରେ ଭାରତ ଓ ଭ୍ରମଣକାରୀ ପଶ୍ଚିମ ଆଫ୍ରିକୀୟ ଦେଶ ଟୋଗୋ ମଧ୍ୟରେ ଡେଭିସ୍‌କପ୍ ବିଶ୍ୱ ଗ୍ରୁପ୍ ୧ ପ୍ଲେ ଅଫ୍ ମ୍ୟାଚ୍ ଶନିବାରଠୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭାରତ ୨-୦ରେ ଅଗ୍ରଣୀ ହୋଇଛି। ଶ୍ରେଷ୍ଠ ଏକକ ଖେଳାଳି ସୁମିତ ନାଗଲଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଦମ୍‌ଦାର ପ୍ରଦର୍ଶନ କରିଛି। ଶଶିକୁମାର ମୁକୁନ୍ଦ ଓ ରାମ୍‌କୁମାର ରାମନାଥନ୍ ସେମାନଙ୍କ ଏକକ ମ୍ୟାଚ୍‌ରେ ବିଜୟୀ ହୋଇ ଅପେକ୍ଷାକୃତ ଲୋ ର୍‌ୟାଙ୍କର ଦଳ ଟୋଗୋକୁ ବ୍ୟାକ୍‌ଫୁଟ୍‌କୁ ଠେଲିଛନ୍ତି।

**୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ଫାଇନାଲ ଆଜି**

## କ୍ରମାଗତ ଟାଇଟଲ ଲକ୍ଷ୍ୟରେ ଭାରତ

କ୍ୱାଲାଲମ୍ପୁର, ୧।୨(ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ଦ୍ୱିତୀୟ ସଂସ୍କରଣରେ ଗତଥରର ଚାମ୍ପିଅନ ଭାରତ ଏଥର ଟାଇଟଲ ପାଇଁ ଦକ୍ଷିଣ ଆଫ୍ରିକାକୁ ଭେଟିବ। ରବିବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଭାରତ କ୍ରମାଗତ ଦ୍ୱିତୀୟ ଟାଇଟଲ ଲକ୍ଷ୍ୟରେ ରହିଛି। ୨୦୨୩ରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଭାରତ ୭ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରି ବିଶ୍ୱକପ୍‌ର ପ୍ରଥମ ଟାଇଟଲ ଜିତିଥିଲା। ଟୁର୍ଣ୍ଣାମେଣ୍ଟର ସବୁ ୬ଟି ଯାକ ମ୍ୟାଚ୍ ଜିତି ଭାରତ ଅପରାଜେୟ ରହିଛି ଓ ହଟ୍ ଫେବରାଇଟ୍ ବିବେଚତ ହେଉଛି। ନିକ୍କି ପ୍ରସାଦଙ୍କ ନେତୃତ୍ୱାଧୀନ ଭାରତ ଓ୍ୱେଷ୍ଟଇଣ୍ଡିଜକୁ ୯ ୱିକେଟରେ, ମାଲେସିଆକୁ ୧୦ ୱିକେଟରେ, ଶ୍ରୀଲଙ୍କାକୁ ୬୦ ରନରେ, ବାଂଲାଦେଶକୁ ୮ ୱିକେଟରେ, ସ୍କଟଲାଣ୍ଡକୁ ୧୫୦ ରନରେ ଓ ଶେଷରେ ସେମିଫାଇନାଲରେ ଇଂଲଣ୍ଡକୁ ୯ ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଭାରତୀୟ ଇନ୍‌ଫର୍ମ ଓପନର ତ୍ରିଶା ଗଙ୍ଗାଡିଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରି ଟାଇଟଲ ଲକ୍ଷ୍ୟରେ ରହିଛି।




## ବିସିସିଆଇ ପୁରସ୍କାର :ସଚିନଙ୍କୁ ସିକେ ନାଇଡୁ; ବୁମ୍‌ରା, ମନ୍ଧାନା ଶ୍ରେଷ୍ଠ କ୍ରିକେଟର୍

**ମୁମ୍ବଇ, ୧।୨ (ଏଜେନ୍ସି):** ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଶନିବାର ଏକ ସ୍ୱତନ୍ତ୍ର ଉତ୍ସବରେ କିମ୍ବଦନ୍ତୀ କ୍ରିକେଟର୍ ସଚିନ ତେନ୍ଦୁଲକରଙ୍କୁ ସମ୍ମାନଜନକ ସିକେ ନାଇଡୁ ପୁରସ୍କାର ପ୍ରଦାନ କରିଛି।

ଭାରତୀୟ କ୍ରିକେଟ୍‌କୁ ଆଜୀବନ ଅବଦାନ ଲାଗି ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଆଇସିସି ଅଧ୍ୟକ୍ଷ ଜୟ ଶାହା ଏହି ପୁରସ୍କାର ସଚିନଙ୍କୁ ପ୍ରଦାନ କରିଥିଲେ। ଭାରତୀୟ କ୍ରିକେଟ୍‌ର ଭଗବାନ ଭାବେ ପରିଚିତ ସଚିନ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ୬୬୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୪ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ତାଙ୍କ ନାମରେ ୧୦୦ ଶତକ ଲିପିବଦ୍ଧ ରହିଛି। ଭାରତର ପ୍ରଥମ ଅଧିନାୟକ କର୍ଣ୍ଣେଲ ସିକେ ନାଇଡୁଙ୍କ ସମ୍ମାନାର୍ଥେ ୧୯୯୪ରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି।



୩୧ତମ କ୍ରିକେଟର୍ ଭାବେ ସଚିନ ଏହି ପୁରସ୍କାର ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ବିସିସିଆଇ ପୁରସ୍କାର ପ୍ରଦାନ ଉତ୍ସବରେ ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଥିବା ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସେହିଭଳି ୨୦୨୪ ଲାଗି ଶ୍ରେଷ୍ଠ ପୁରୁଷ କ୍ରିକେଟର ଭାବେ ଯଶପ୍ରୀତ୍ ବୁମ୍‌ରା ଓ ସ୍ମୃତି ମନ୍ଧାନା ମହିଳା କ୍ରିକେଟର ଭାବେ ପୁରସ୍କୃତ ହୋଇଥିଲେ। ସର୍ଫରାଜ ଖାନ ଶ୍ରେଷ୍ଠ ପଦାର୍ପଣକାରୀ ପୁରସ୍କାର ଜିତିଥିଲେ।

**ଭାରତ-ଇଂଲଣ୍ଡ ଶେଷ ଟି-୨୦ ଆଜି**

# ସାମିଙ୍କ ଫିଟ୍‌ନେସ୍ ଉପରେ ନଜର

**ମୁମ୍ବଇ, ୧।୨(ଏଜେନ୍ସି):** ପୁଣେରେ ଶୁକ୍ରବାର ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ଭାରତ ବିଜୟୀ ହେବା ପରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଗୁରୁତ୍ୱ କମିଯାଇଛି। ପୁଣେ ବିଜୟ ସହ ଭାରତ ୩-୧ରେ ଆଗୁଆ ସିରିଜ୍ କବ୍‌ଜା କରିଛି। ଇଂଲଣ୍ଡ ବିପକ୍ଷରେ ଏହା ଭାରତର କ୍ରମାଗତ ୫ମ ଟି-୨୦ ସିରିଜ୍ ବିଜୟ। ଏହାଛଡ଼ା ଘରୋଇ ମାଟିରେ ଭାରତ କ୍ରମାଗତ ୧୭ଟି ସିରିଜ୍‌ରେ ଅପରାଜେୟ ରହିଛି। ଏଭଳି ସ୍ଥିତିରେ ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ରବିବାର ୫ମ ତଥା ଶେଷ ଟି-୨୦ ମୁକାବିଲା ଅନୁଷ୍ଠିତ ହେବ। ସିରିଜ୍‌ର ଫଳାଫଳ ଲାଗି ଏହା ହୁଏତ ଗୁରୁତ୍ୱ ରଖୁନାହିଁ। କିନ୍ତୁ ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଫାଷ୍ଟ ବୋଲର ମହମ୍ମଦ୍ ସାମିଙ୍କ ଫିଟ୍‌ନେସ୍ ଜାଣିବା ନିହାତି ଜରୁରୀ ହୋଇପଡ଼ିଛି। ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଫିଟ୍‌ନେସ ସମ୍ପର୍କରେ ସନ୍ଦେହ ରହିଛି। ଏଣୁ ସାମି ଯେପରି ଫିଟ୍ ହୋଇ ଚାମ୍ପିଅନ୍ସ ଟ୍ରଫି ଖେଳିପାରିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏଣୁ ଆସନ୍ତାକାଲି ଏହି ମ୍ୟାଚ୍ ସାମିଙ୍କ ଲାଗି ଅନେକ ଗୁରୁତ୍ୱ ରଖୁଛି। ସେହିପରି ଫର୍ମରେ ନ ଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଫର୍ମ ହରାଇଥିବା ଓପନର ସଞ୍ଜୁ ସାମସନଙ୍କ ଲାଗି ମଧ୍ୟ ଏହି ମ୍ୟାଚ୍ ଅନେକ ଗୁରୁତ୍ୱ ରଖୁଛି। ଉଭୟ ବ୍ୟାଟର ଗୋଟିକ ପରେ ଗୋଟିଏ ୪ଟି ମ୍ୟାଚରେ ବିଫଳ ହୋଇଛନ୍ତି। କେବଳ ଭାରତର ସ୍ପିନରଙ୍କ ଯୋଗୁଁ ଦଳ ସିରିଜ୍ କବ୍‌ଜା କରିବାରେ ସମର୍ଥ ହୋଇଛି।

ଅନ୍ୟପକ୍ଷରେ ଇଂଲଣ୍ଡ ଅଧିନାୟକ ଜୋସ୍ ବଟ୍ଲରଙ୍କର ସୀମିତ ଓଭର କ୍ରିକେଟରେ ସ୍ୱତନ୍ତ୍ର ସ୍ଥାନ ରହିଛି। କିନ୍ତୁ ସେ ତାଙ୍କ ଦକ୍ଷତା ଅନୁଯାୟୀ ଖେଳ ପ୍ରଦର୍ଶନ କରିପାରି ନାହାନ୍ତି। ଏଠାରେ ବଟ୍ଲର ଏକ ଚମତ୍କାର ଇନିଂସ ଖେଳି ଇଂଲଣ୍ଡକୁ ବିଜୟ ଧାରାକୁ ଫେରାଇଆଣିବେ ବୋଲି ଆଶା ରଖିଛନ୍ତି।

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ହଟ୍ ଷ୍ଟାର**

## କ୍ରୀଡ଼ା ବଜେଟ୍ ୩୫୨ କୋଟି ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ, ୧।୨(ଏଜେନ୍ସି): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସିତାରମଣ ୨୦୨୫-୨୬ ବର୍ଷ ପାଇଁ ବଜେଟ୍ ଉପସ୍ଥାପନା କରିଛନ୍ତି। ଗତବର୍ଷ ଅପେକ୍ଷା ଏଥର କ୍ରୀଡ଼ା ବଜେଟ୍‌ରେ ୩୫୨ କୋଟି ଟଙ୍କାର ବୃଦ୍ଧି କରାଯାଇଛି। ଗତବର୍ଷ ଖେଳ ବଜେଟ୍ ୩, ୪୪୨.୩୨ କୋଟି ଟଙ୍କା ରହିଥିଲା। ଏଥର କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପାଇଁ ୩୭୯୪.୩୦ କୋଟି ଟଙ୍କା ବଜେଟ୍ ଧାର୍ଯ୍ୟ କରାଯାଇଛି। ଏଥର ବଜେଟ୍‌ରେ ଖେଲୋ ଇଣ୍ଡିଆ ପାଇଁ ୧୦୦୦ କୋଟି ଟଙ୍କା ଆବଣ୍ଟିତ କରାଯାଇଛି। ଏହି ବଜେଟରେ ଜାତୀୟ କ୍ରୀଡ଼ା ସଂଘଗୁଡ଼ିକୁ ୪୦୦ କୋଟି ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରଖାଯାଇଛି। ସାଇର ପାଣ୍ଠିକୁ ୮୧୫ରୁ ୮୩୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

## ଜାତୀୟ କ୍ରୀଡ଼ା ବବୁଲଙ୍କୁ ସ୍ୱର୍ଣ୍ଣିମ ସଫଳତା; ଖୋ ଖୋରେ ରୌପ୍ୟ

**ଭୁବନେଶ୍ୱର, ୧।୨ (ସମିସ):** ଉତ୍ତରାଖଣ୍ଡରେ ଚାଲିଥିବା ଚଳିତ ୩୮ତମ ଜାତୀୟ କ୍ରୀଡ଼ାରେ ଶନିବାର ଓଡ଼ିଶା ପାଇଁ ବେଶ୍ ଉଲ୍ଲେଖନୀୟ ରହିଥିଲା। ଶନିବାର ଓଡ଼ିଶା ମୋଟ୍ ୪ଟି ପଦକ ଜିତିଥିଲା। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ରହିଛି। ଉଷୁରେ ପୁରୁଷ ୪୮ କିଗ୍ରା ବିଭାଗରେ ବବୁଲୁ ତାଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ଫାଇନାଲରେ ମଧ୍ୟ ବିଜୟୀ ହୋଇ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

ସେହିଭଳି ଓଡ଼ିଶା ଖୋ ଖୋ ଦଳ ମଧ୍ୟ ଶନିବାର ଡବଲ୍ ରୌପ୍ୟ ସଫଳତା ଆଣିଛନ୍ତି। ପ୍ରତିଯୋଗିତା ସାରା ଚମତ୍କାର ପ୍ରଦର୍ଶନ କରିଥିବା ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଖୋ ଖୋ ଦଳ ଫାଇନାଲରେ ପରାଜୟବରଣ କରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି। ଉଭୟ ପୁରୁଷ ଓ ମହିଳା ବିଭାଗରେ ମହାରାଷ୍ଟ୍ର ଏହାର ଦବ୍‌ଦବା ଜାରି ରଖି ସ୍ୱର୍ଣ୍ଣପଦକ ହାତେଇନେଇଛି। ପୁରୁଷ ଖୋ ଖୋ ଫାଇନାଲରେ ମହାରାଷ୍ଟ୍ର (୩୨-୨୬) ମାତ୍ର ୬ ପଏଣ୍ଟରେ ଓଡ଼ିଶାକୁ ହରାଇଥିଲା। ପଶ୍ଚିମବଙ୍ଗ ଏଥିରେ କାଂସ୍ୟ ପଦକ ହାସଲ କରିଥିଲା। ଅପରପକ୍ଷରେ ମହିଳା ଖୋ ଖୋ ଫାଇନାଲ ଆହୁରି ରୋମାଞ୍ଚକ ହୋଇଥିଲା। ମହାରାଷ୍ଟ୍ର ୩୧ ପଏଣ୍ଟ କରିଥିବାବେଳେ ଓଡ଼ିଶା ୨୮ ପଏଣ୍ଟ କରି ମାତ୍ର ୩ ପଏଣ୍ଟ ବ୍ୟବଧାନରେ ହାରିଯାଇଥିଲା। କର୍ଣ୍ଣାଟକ ଦଳ ୩ୟ ସ୍ଥାନ ହାସଲ କରିଥିଲା।



ଦିବସରେ ଏକମାତ୍ର କାଂସ୍ୟ ପଦକ ଭାରୋତ୍ତୋଳନରୁ ଆସିଥିଲା। ପୁରୁଷ ୯୬ କିଗ୍ରା ଭାରୋତ୍ତୋଳନରେ ସୁରେଶ କୁମାର ଯାଦବ ମୋଟ୍ ୩୧୨ କିଗ୍ରା ଉଠାଇ ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ସେ ସ୍ନାଚରେ ୧୩୯ କିଗ୍ରା ଓ କ୍ଲିନ ଆଣ୍ଡ ଜର୍କରେ ୧୭୩ କିଗ୍ରା ଉଠାଇଥିଲେ। ତେବେ ହୃଦାନନ୍ଦ ଦାସ ୮୨ କିଗ୍ରା ବର୍ଗରେ ୩୦୭ କିଗ୍ରା ଭାର ଉଠାଇ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ଶନିବାର ସୁଦ୍ଧା ଓଡ଼ିଶା ଦଳ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୭ କାଂସ୍ୟ ସହ ୧୩ ପଦକ ବିଜୟୀ ହୋଇଛି।

## ବାଦଲ ବିଶ୍ୱାଳଙ୍କ ଚମତ୍କାର ବୋଲିଂ
## ଚଣ୍ଡିଗଡ଼ ୧୩୭ରେ ଅଲ୍‌ଆଉଟ

ସମ୍ବଲପୁର, ୧।୨(ସମିସ): ଓଡ଼ିଶାର ବାଦଲ ବିଶ୍ୱାଳଙ୍କ ଚମତ୍କାର ବୋଲିଂ ବଳରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଶନିବାର ଆରମ୍ଭ ହୋଇଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଚଣ୍ଡିଗଡ଼ ୧୩୭ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ନିଖିଳ ୫୨ ଓ ଅକ୍ଷତ ରାଣା ୩୨ ରନ୍ କରିଥିଲେ। ଆୟୋଜକ ଓଡ଼ିଶା ପକ୍ଷରୁ ବାଦଲ ମାତ୍ର ୧୯ ରନ୍‌ରେ ୪ଟି ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ ସଫଳତା ପାଇଛନ୍ତି। ସାଇଦୀପ ମହାପାତ୍ରଙ୍କୁ ଆଉ ୨ଟି ୱିକେଟ ମିଳିଛି। ଜବାବରେ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୪୦ ଓଭର ଖେଳି ୧ ୱିକେଟ ବିନିମୟରେ ୧୧୯ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ୍ ଅପସାରଣ ବେଳକୁ ପାନକଳ ଶଶାଙ୍କ ୫୬ ଓ ଓମ୍‌ଟି ମୁଣ୍ଡେ ୩୪ ରନ୍‌ରେ ଅପରାଜିତ ରହିଛନ୍ତି।

**■ ନିର୍ଣ୍ଣାୟକ ସ୍ଥିତିରେ ଓଡ଼ିଶା-ସର୍ଭିସେସ ମୁକାବିଲା**

## ରଣଜୀ ପଦାର୍ପଣରେ ଶତକରୁ ବଞ୍ଚିତ ଅନିଲ୍

**ଭୁବନେଶ୍ୱର, ୧।୨(ସମିସ):** ପଦାର୍ପଣ ରଣଜୀ ମ୍ୟାଚ୍‌ରେ ଓଡ଼ିଶାର ଉଦୀୟମାନ ଖେଳାଳି ଅନିଲ ପରିଡ଼ା ଶତକରୁ ବଞ୍ଚିତ ହୋଇଛନ୍ତି। ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ସର୍ଭିସେସ୍ ବିପକ୍ଷ ଶେଷ ରଣଜୀ ମୁକାବିଲାରେ ସେ ୯୯ ରନ୍‌ରେ ଅପରାଜିତ ରହିଥିଲାବେଳେ ତାଙ୍କୁ ସାଥ ଦେବାକୁ କେହି କ୍ରିଜରେ ତିଷ୍ଠି ନ ଥିଲେ। ଏହା ଫଳରେ ସେ ଶତକ ପୂରଣ କରିବାରେ ଅସମର୍ଥ ହୋଇଛନ୍ତି। ଅନିଲଙ୍କ ୯୯, ଆଶୀର୍ବାଦ ସ୍ୱାଇଁଙ୍କ ୭୭, ରାଜେଶ ଧୂପରଙ୍କ ୬୬ ଓ ରାଜେଶ ମହାନ୍ତିଙ୍କ ୨୬ ବଲରୁ ୩ ଚୌକା ଓ ୩ ଛକା ବଳରେ ଦ୍ରୁତ ୪୦ ରନ୍ ବଳରେ ଓଡ଼ିଶା ତାହାର ଦ୍ୱିତୀୟ ଇନିଂସ ୩୯୪ ରନ୍‌ରେ ଶେଷ ହୋଇଥିଲା। ଏହା ଫଳରେ ପ୍ରଥମ ଇନିଂସରେ ୧୯ ରନ୍‌ରେ ଆଗୁଆ ଥିବା ସର୍ଭିସେସ ଆଗରେ ୩୭୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଶନିବାର ତୃତୀୟ ଦିନ ଖେଳ ଶେଷସୁଦ୍ଧା ସର୍ଭିସେସ ୧୩ ଓଭରରେ କୌଣସି ୱିକେଟ ନ ହରାଇ ୪୬ ରନ୍ କରିନେଇଛି। ଏହା ଫଳରେ ଆସନ୍ତାକାଲି ଚତୁର୍ଥ ତଥା ଶେଷ ଦିନରେ ସର୍ଭିସେସ୍‌କୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ସମସ୍ତ ୧୦ ୱିକେଟ ବିନିମୟରେ ଆଉ ୩୩୦ ଏବଂ ଓଡ଼ିଶାକୁ ୩୨୯ ରନ୍ ମଧ୍ୟରେ ଏହି ୧୦ଟି ଯାକ ୱିକେଟ ଆବଶ୍ୟକ ହେଉଛି।



**ବାରବାଟୀ ଏକଦିବସୀୟ ଆଉ ୮ ଦିନ**

# ଆଜି ଅପରାହ୍ଣ ୪ଟାରୁ ଅନ୍‌ଲାଇନ୍ ଟିକଟ୍ ବିକ୍ରି

**ଭୁବନେଶ୍ୱର, ୧।୨(ସମିସ):** ଭାରତ ଓ ଇଂଲଣ୍ଡ ମଧ୍ୟରେ ଆସନ୍ତା ୯ ତାରିଖରୁ ବାରବାଟୀରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଲାଗି ଆସନ୍ତାକାଲି ବା ରବିବାର ଅପରାହ୍ଣ ୪ଟାରୁ ଅନ୍‌ଲାଇନ୍ ଟିକଟ ବୁକିଂ ହେବ। ଏହି ଟିକଟ ଜୋମାଟୋର district App କିମ୍ବା district.in ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରି ଆଶାୟୀ କ୍ରିକେଟପ୍ରେମୀମାନେ ଟିକଟ ବୁକିଂ କରିପାରିବେ। ପ୍ରଥମେ district App କିମ୍ବା district.in ୱେବ୍‌ସାଇଟ୍ ଓପନ କରିବେ। ଦ୍ୱିତୀୟରେ ମ୍ୟାଚ୍ ବ୍ୟାନରକୁ ଯିବେ ଓ ତୃତୀୟରେ ବ୍ୟାନର ଉପରେ କ୍ଲିକ୍ କରିବେ। ଏହାକୁ କ୍ଲିକ୍ କରିବା ପରେ 'ବୁକ୍ ଟିକଟସ' ଦେଖାଯିବ। ଚତୁର୍ଥରେ ଏହା ଉପରେ କ୍ଲିକ୍ କରିବା ପରେ ମ୍ୟାଚ୍ ଓ ଷ୍ଟାଡିୟମ୍ ସମ୍ପର୍କରେ ବିସ୍ତୃତଭାବେ ଦେଖିବାକୁ ମିଳିବ। ପଞ୍ଚମରେ 'ବାଇ ନାଓ' ଉପରେ କ୍ଲିକ୍ କରିବେ। ଏଥିରେ ବିକ୍ରି ହେବାକୁ ଥିବା ଟିକଟ, ଷ୍ଟାଣ୍ଡ ଆଦି ସମ୍ପର୍କରେ ସୂଚନା ମିଳିବ। ଏହା ମଧ୍ୟରୁ ନିଜ ପସନ୍ଦ ଅନୁଯାୟୀ ଖାଲିଥିବା ଟିକଟ ବାଛିବେ ଓ 'କଣ୍ଟିନିଉ' ବଟନ ଉପରେ କ୍ଲିକ୍ କରିବେ। ଏହା ପୂରଣ ହେବା ପରେ ସ୍କ୍ରିନ୍‌ରେ ଥିବା ଦୁଇଟି ବକ୍ସ ଉପରୁ ଗୋଟିକୁ ବାଛିବେ। ଏଠାରେ ମନେ ରଖିବା ଉଚିତ ମୋବାଇଲ ନମ୍ବର କିମ୍ବା ଇମେଲ ପଞ୍ଜିକରଣ କରିବାକୁ ପଡ଼ିବ। ଏହା ସମ୍ପୂର୍ଣ୍ଣ ହେବା ପରେ ୟୁପିଆଇ, ନେଟ୍ ବ୍ୟାଙ୍କିଙ୍ଗ୍ କିମ୍ବା ଇଣ୍ଟରନ୍ୟାସନାଲ ଟ୍ରାଞ୍ଜାକସନ ସୁବିଧା ଥିବା ଡେବିଟ୍ କାର୍ଡରେ ୧୦ ମିନିଟ୍ ମଧ୍ୟରେ ପେମେଣ୍ଟ କରିବାକୁ ହେବ। ସବୁ ଠିକ୍‌ଠାକ ଥିଲେ ଟିକଟ କିଣିଥିବା ବ୍ୟକ୍ତିବିଶେଷଙ୍କୁ ଟିକଟ ବୁକିଂ କରିଥିବା ଆପ୍‌ରେ କନଫର୍ମେସନ ଆସିବ। ଇ-ମେଲରେ 'କ୍ୟୁଆର୍' କୋଡ ଆସିବ ଓ ଫେବୃଆରୀ ୭ ଓ ୯ରେ କେଉଁଠାରୁ ଟିକଟ ପାଇବେ (କଟକରେ କେମ୍ବ୍ରିଜ୍ ସ୍କୁଲ୍ ଓ ଭୁବନେଶ୍ୱରରେ କିଟ୍ କ୍ୟାମ୍ପସ) ସେ ସମ୍ପର୍କରେ ସୂଚନା ଦିଆଯିବ। ଏହା ଫଳରେ ଜଣେ ଅନ୍‌ଲାଇନ୍‌ରେ ଟିକଟ କିଣିବାକୁ ସମର୍ଥ ହେବେ ବୋଲି ଏହି ମ୍ୟାଚ୍ ଆୟୋଜନ କରୁଥିବା ଓଡ଼ିଶା କ୍ରିକେଟ ସଂଘ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି।

ଓସିଏରୁ ମିଳିଥିବା ସୂଚନା ଅନୁଯାୟୀ ଅନ୍‌ଲାଇନ୍‌ରେ ମୋଟ୍ ୪ହଜାର ଟିକଟ୍ ବିକ୍ରି ହେବ। ଏହା ମଧ୍ୟରୁ ଗ୍ୟାଲେରୀ ନଂ-୨ର ୧୦୭୦ଟି, ଗ୍ୟାଲେରୀ ନଂ-୪ର ୧୦୮୦ଟି, ଗ୍ୟାଲେରୀ ନଂ-୭ର ୧୫୦୦ଟି, ସ୍ପେଶିଆଲ ଏନକ୍ଲୋଜରର ୨୦୦ଟି, ଏସି ବକ୍ସର ୫୦ଟି ଏବଂ ନ୍ୟୁ ପ୍ୟାଭିଲିୟନର ୧୦୦ଟି ଟିକଟ ରହିଛି। ଗ୍ୟାଲେରୀ ନଂ-୨ ଓ ୪ର ମୂଲ୍ୟ ୯୦୦ ଟଙ୍କା, ଗ୍ୟାଲେରୀ-୭'ର ୭୦୦ ଟଙ୍କା, ସ୍ପେଶାଲ ଏନ୍‌କ୍ଲୋଜରର ୬, ୦୦୦ ଟଙ୍କା, ଏସି ଗ୍ୟାଲେରୀ ବକ୍ସ ୮, ୦୦୦ ଟଙ୍କା ଓ ନ୍ୟୁ ପାଭିଲିୟନର ଦାମ୍ ୧୦, ୦୦୦ ଟଙ୍କା ରହିଛି। ଜଣେ ବ୍ୟକ୍ତି ସର୍ବାଧିକ ୨ଟି ଟିକଟ ବୁକିଂ କରିପାରିବେ।

ସୂଚନାଯୋଗ୍ୟ ଭାରତ- ଇଂଲଣ୍ଡ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଫେବୃଆରୀ ୯ ତାରିଖରେ ଖେଳାଯିବ। ଏହି ମ୍ୟାଚ୍ ଅପରାହ୍ଣ ୧ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ।

ସକାଳ THE SAKALA
www.thesakala.com

**WANTED**

The Sakala (A unit of Nandighosha Network Pvt. Ltd.)
invites application for the following position

| Name of the Post | Qualification/ Experience |
|---|---|
| 1. Layout Designer | : 2-5 years of working experience in Layout Designing (work experience in Adobe InDesign software is preferable). |

Please send your CV with recent passport size photo to hr@thesakala.com on or before 8th February 2025.

9437016499 Sd/- HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS